
‘ଫୌଜି’ରେ ଅଭିଷେକ
▶ପୃଷ୍ଠା ୧୧ ଦେଖନ୍ତୁ...

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-91 ◆WEDNESDAY ◆24 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୯୧ ◆ବୁଧବାର ◆୨୪ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


ପଞ୍ଚାୟତିରାଜ ବ୍ୟବସ୍ଥାର ହତ୍ୟା/

# ଗୃହରେ ବିରୋଧ, ବାହାରେ ବିକ୍ଷୋଭ

## ବିଧାନସଭା ଅଚଳ

■ **ଭୁବନେଶ୍ୱର, ୨୩।୯ (ସମିସ):** କ୍ରମାଗତ ଚତୁର୍ଥ ଦିନ ପାଇଁ ଅଚଳ ହୋଇଛି ବିଧାନସଭା। ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ଜନ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରାଯାଇଥିବାରୁ ଏହାର ପ୍ରତିବାଦରେ ବିଜେଡି ସଦସ୍ୟ ମଙ୍ଗଳବାର ପ୍ରବଳ ହଙ୍ଗାମା କରିଛନ୍ତି। ପ୍ଲାକାର୍ଡ ଓ ପୋଷ୍ଟର ପ୍ରଦର୍ଶନ ସହ ରାଜ୍ୟ ସରକାର ରାଜ୍ୟର ପଞ୍ଚାୟତିରାଜ ବ୍ୟବସ୍ଥାର ତଣ୍ଟି ଚିପିଥିବା ସ୍ଲୋଗାନ ଦେଇ ଗୃହ କମ୍ପାଇଛନ୍ତି। ସେହିପରି କଂଗ୍ରେସ ବିଧାୟକମାନେ ମଧ୍ୟ ନିଜ ନିଜ ଆସନରେ ଛିଡ଼ା ହୋଇ ପ୍ରତିବାଦ କରିଛନ୍ତି। ପ୍ରଥମାର୍ଦ୍ଧ ମାତ୍ର ୨୦ ମିନିଟ ଚାଲିଥିବା ବେଳେ ଅପରାହ୍ନରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ଦିନତମାମ ଉଭୟ ବିରୋଧୀ ଗୃହକାର୍ଯ୍ୟରେ ଭାଗ ନେଇ ନ ଥିବା ବେଳେ ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଧେୟକ ବିନା ଆଲୋଚନାରେ ଗୃହୀତ ହୋଇଛି ।



### ବିନା ବିରୋଧୀରେ ବିଶ୍ୱବିଦ୍ୟାଳୟ ବିଧେୟକ ଗୃହୀତ

ଆଜି ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡିର ବିଧାୟକମାନେ ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥାକୁ ରାଜ୍ୟ ସରକାର ହତ୍ୟା କରୁଛନ୍ତି, ପଞ୍ଚାୟତିରାଜ ବ୍ୟବସ୍ଥାକୁ କୁଠାରଘାତ ଚଳିବ ନାହିଁ, ବିଜେପି ସରକାର ହାଏ ହାଏ ନାରାରେ ଗୃହ କମ୍ପାଇଥିଲେ ବିଜେଡି ସଦସ୍ୟ। ଅନ୍ୟପକ୍ଷରେ କଂଗ୍ରେସ ବିଧାୟକମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ଗୃହ ଅଚଳାବସ୍ଥା ପାଇଁ ବିଜେଡି-ବିଜେପିକୁ ଦାୟୀ କରିଥିଲେ। ବିରୋଧୀଙ୍କ ପ୍ରବଳ ହୋ ହଲ୍ଲା ମଧ୍ୟରେ ତିନୋଟି ତାରକା ପ୍ରଶ୍ନର ଆଲୋଚନା ମଧ୍ୟ ହୋଇଥିଲା। ପ୍ରଶ୍ନକାଳରେ ଗୃହ ମାତ୍ର ୨୦ ମିନିଟ ଚାଲିବା ପରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡି ସମାନ ପ୍ରସଙ୍ଗକୁ ନେଇ ବିଧାନସଭାରେ ନାରାବାଜି କରିଥିଲା। ଅପରପକ୍ଷେ ▶ପୃଷ୍ଠା-୧୦

## ସରକାରଙ୍କ ବିରୋଧରେ ପୁଣି ଅନାସ୍ଥା | ଖାରଜ କଲେ ବାଚସ୍ପତି, କଂଗ୍ରେସର ତୀବ୍ର ପ୍ରତିବାଦ

■ **ଭୁବନେଶ୍ୱର, ୨୩।୯ (ସମିସ):** ସୋମବାର କଂଗ୍ରେସର ଅନାସ୍ଥା ନୋଟିସ୍ ବାଚସ୍ପତି ଅଗ୍ରାହ୍ୟ ହେବା ପରେ ମଙ୍ଗଳବାର ପୁଣି ସରକାରଙ୍କ ବିରୋଧରେ ଅନାସ୍ଥା ଆଣିଛି କଂଗ୍ରେସ। ଦଳ ପକ୍ଷରୁ ଏହି ନୋଟିସ ବାଚସ୍ପତିଙ୍କୁ ପ୍ରଦାନ କରାଯାଇଛି। ମାତ୍ର ୬ ମାସ ମଧ୍ୟ ଗୋଟିଏ ରାଜନୈତିକ ଦଳ ଦୁଇଥର ଅନାସ୍ଥା ଆଣିପାରିବ ନାହିଁ ବୋଲି ଦର୍ଶାଇ ବାଚସ୍ପତି ଏହାକୁ ଅଗ୍ରାହ୍ୟ କରି ଦେଇଛନ୍ତି। ଏହାର ପ୍ରତିବାଦରେ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗରେ ହୋ ହାଲ୍ଲା କରିବା ସହ କକ୍ଷତ୍ୟାଗ କରିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ତରଫରୁ ବିଧାନସଭା ସଚିବଙ୍କ ଜରିଆରେ ସରକାରଙ୍କ ବିରୋଧରେ ଅନାସ୍ଥା ନୋଟିସ୍ ସେ ପାଇଥିବା ଅପରାହ୍ନ ଅଧିବେଶନରେ ବାଚସ୍ପତି ଗୃହରେ ସୂଚନା ଦେଇଥିଲେ। ଗତ ୧୮ ତାରିଖରେ କଂଗ୍ରେସ ଦଳ ଅନାସ୍ଥା ନୋଟିସ୍ ଆଣିଥିଲା ଓ ଏହା ଅଗ୍ରାହ୍ୟ ହୋଇଥିଲା। ତେଣୁ ଆସନ୍ତା ୬ ମାସ ମଧ୍ୟରେ ଦଳ ପକ୍ଷରୁ ଆଉ ଅନାସ୍ଥା ଆଗତ ହୋଇ ପାରିବ ନାହିଁ ବୋଲି ବାଚସ୍ପତି ଉଲ୍ଲେଖ କରି ଏହି ନୋଟିସକୁ ଅଗ୍ରାହ୍ୟ କରି ଦେଇଥିଲେ।

ଅନ୍ୟପଟେ କଂଗ୍ରେସ ସଦସ୍ୟମାନେ ଗୃହରେ ନାରୀ ସୁରକ୍ଷା, ସାର, ମହିଳା ହିଂସା ଓ ଛାତ୍ର ସଂସଦ ଆଦି ବିଷୟରେ ବିସ୍ତୃତ ଆଲୋଚନା ପାଇଁ ଦାବି କରିଥିଲେ। ଏହି ଦାବିରେ ▶ପୃଷ୍ଠା-୧୦



## ଗାନ୍ଧୀମାର୍ଗରେ ଗର୍ଜିଲା ବିଜେଡି

### ବିଧାନସଭା ଘେରିଲେ ହଜାର ହଜାର କର୍ମୀ

■ **ଭୁବନେଶ୍ୱର, ୨୩।୯ (ସମିସ):** ସମ୍ବିଧାନରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିଙ୍କର ସର୍ବାଧିକ କ୍ଷମତା ରହିଛି। ମାତ୍ର ରାଜ୍ୟରେ ବିଜେପି ସରକାର ଗଣତନ୍ତ୍ରର ତଣ୍ଟି ଚିପି ହତ୍ୟା କରିଛି। ଉଦ୍ଦେଶ୍ୟମୂଳକ ଭାବେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ଜନ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରାଯାଇ ବାବୁମାନଙ୍କୁ ବଳିୟାନ କରାଯାଇଛି। ଏହାର ପ୍ରତିବାଦରେ ଲୋୟର ପିଏମ୍‌ଜିରେ ବିଜେଡି ଦେଇଛି ରଣହୁଙ୍କାର। ହଜାର ହଜାର ଦଳୀୟ କର୍ମୀ ବିଧାନସଭା ଘେରାଉ କରି ସରକାରଙ୍କ ବିରୋଧରେ ଗର୍ଜନ କରିଛନ୍ତି। ରାଜ୍ୟ ସରକାରଙ୍କ ଏପରି ଗଣତାନ୍ତ୍ରିକ ନିଷ୍ପତ୍ତି କୌଣସି ମତେ ଗ୍ରହଣୀୟ ନୁହେଁ ଓ ଏହା ବିରୋଧରେ ବିଜେଡି ନିଜର ପ୍ରତିବାଦ ଜାରି ରଖିବ ବୋଲି ବିଜେଡି ନେତାମାନେ ଘୋଷଣା କରିଛନ୍ତି। ଦଳ ପକ୍ଷରୁ ଆୟୋଜିତ ପ୍ରତିବାଦ ସଭାରେ ଦଳର ବରିଷ୍ଠ ନେତାମାନେ ୧୫ ମାସରେ ରାଜ୍ୟ ବିଜେପି ସରକାରର ବିଫଳତାକୁ ଗୋଟିଗୋଟି ଲୋକଙ୍କ ସାମ୍ନାରେ ▶ପୃଷ୍ଠା-୧୦






## ପଞ୍ଚାୟତିରାଜ ବ୍ୟବସ୍ଥାର ହତ୍ୟା କରୁଛନ୍ତି ସରକାର

# ରାଜଧାନୀରେ ରଣହୁଙ୍କାର



















ନୂଆଦିଲ୍ଲୀର ବିଜ୍ଞାନ ଭବନରେ ମଙ୍ଗଳବାର ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଦାଦା ସାହେବ ଫାଲକେ ସମ୍ମାନ ଗ୍ରହଣ କରୁଛନ୍ତି ମୋହନଲାଲ । ଶ୍ରେଷ୍ଠ ଅଭିନେତା ଓ ଅଭିନେତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି ଶାହରୁଖ ଖାନ, ରାଣୀ ମୁଖାର୍ଜୀ ଓ ବିକ୍ରାନ୍ତ ମେସି ।

## ୨୩ ମାସ ପରେ ଜେଲ୍‌ରୁ ମୁକୁଳିଲେ ଆଜମ ଖାନ୍

ରାମପୁର, ୨୩।୯ (ଏଜେନ୍ସି): ଉତ୍ତରପ୍ରଦେଶ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ସମାଜବାଦୀ ପାର୍ଟି ନେତା ଆଜମ ଖାନ୍ ୨୩ ମାସ ପରେ ମଙ୍ଗଳବାର ଦ୍ୱିପ୍ରହରରେ ସୀତାପୁର ଜେଲ୍‌ରୁ ଛାଡ଼ ପାଇଛନ୍ତି । ୫ ଦିନ ପୂର୍ବରୁ ଆହ୍ଲାବାଦ ହାଇକୋର୍ଟ ତାଙ୍କୁ ଜାମିନ ଦେଇଥିଲେ । ତାଙ୍କ ବିରୋଧରେ ଅନ୍ତିମ ମାମଲାରେ ହିଁ ଜାମିନ ମିଳିଥିଲା । ଜାମିନ ମିଳିବା ପରେ ହିଁ ପୁଲିସ ତାଙ୍କ ନାମରେ କେତୋଟି ମାମଲାରେ ନୂଆ ଧାରା ଯୋଡିଛି । କିନ୍ତୁ ଗତ ୨୦ ତାରିଖରେ ରାମପୁର କୋର୍ଟ ଏହି ଧାରାଗୁଡିକୁ ଖାରଜ କରିଥିଲେ । ଫଳରେ ଜେଲ୍‌ରୁ ସେ ମୁକ୍ତ ହେବାର ରାସ୍ତା ସଫା ହୋଇଥିଲା । ଆଜମଙ୍କ ବିରୋଧରେ ୧୦୪ଟି ମାମଲା ରୁଜୁ ହୋଇଛି । ସେ କାର୍ ଆଗ ସିଟ୍‌ରେ ବସି ଜେଲ ବାହାରକୁ ଆସିଥିଲେ । ଦୁଇ ପୁଅ ଆଦିବ ଓ ଅବଦୁଲ୍ଲା ତାଙ୍କୁ ନେବାକୁ ଆସିଥିଲେ । ୧୦୦ଟି ଗାଡ଼ି ସହ ଆଜମଙ୍କୁ ନେଇ ଦୁଇ ପୁଅ ରାମପୁର ଯାତ୍ରା କରିଥିଲେ । ତାଙ୍କୁ ସକାଳ ୯ଟାରେ ଜେଲ୍‌ରୁ ଛଡ଼ା ଯାଇଥାନ୍ତା । କିନ୍ତୁ ଗୋଟିଏ ମାମଲାରେ ତାଙ୍କୁ ୬ ହଜାର ଟଙ୍କା ଜରିମାନା ଦେବାର ଥିଲା । ୧୦ଟାରେ କୋର୍ଟ ଖୋଲିବା ପରେ ଜରିମାନା ଦିଆଯାଇଥିଲା । ଫଳରେ ସେ ୧୨.୩୦ରେ ଜେଲ୍‌ରୁ ଛାଡ଼ ପାଇଥିଲେ । ଦୁଇ ପୁଅଙ୍କ ସମେତ ୪୦୦ କାର୍ଯ୍ୟକର୍ତ୍ତା ତାଙ୍କୁ ନେବାକୁ ଜେଲ୍ ନିକଟରେ ପହଞ୍ଚିଥିଲେ ।

## କାର୍- ଟ୍ୟାଙ୍କର ଧକ୍କା; ୫ ଜିଅନ୍ତା ଜଳିଗଲେ

ଅଲିଗଡ଼, ୨୩।୯ (ଏଜେନ୍ସି): ଉତ୍ତରପ୍ରଦେଶର ଅଲିଗଡ଼ର ଜାତୀୟ ରାଜପଥରେ ମଙ୍ଗଳବାର ସକାଳେ ୫ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୪ ଜଣ ସାଙ୍ଗଙ୍କ ସମେତ ୫ ଜଣ ଜିଅନ୍ତା ଜଳିଯାଇ ପ୍ରାଣ ହରାଇଛନ୍ତି । ଅକରାବାଦ ଥାନା ଅଞ୍ଚଳରେ ଏକ କାର୍ ଓ ଟ୍ୟାଙ୍କର ମଧ୍ୟରେ ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଥିଲା । ଘଣ୍ଟାପ୍ରତି ୧୦୦ କିମି ବେଗରେ ଯାଉଥିବା ଏକ ସିଏନ୍‌ଜି କାରର ଟାୟାର ଅଚାନକ ଫାଟି ଯାଇଥିଲା । ଫଳରେ ନିୟନ୍ତ୍ରଣ ହରାଇ ଏହି କାର ଡିଭାଇଡରରେ ବାଡେଇ ହୋଇ ଦ୍ୱିତୀୟ ସଡ଼କରେ ଯାଉଥିବା ଏକ ଟ୍ୟାଙ୍କରକୁ ଧକ୍କା ଦେଇଥିଲା ଓ ଏକ ବଡ଼ ବିସ୍ଫୋରଣ ହୋଇଥିଲା । ଫଳରେ ଦୁଇଟି ଗାଡ଼ି ନିଆଁରେ ଜଳି ଯାଇଥିଲା । କାର୍‌ରେ ୫ ଜଣ ଲୋକ ବସିଥିଲେ । କାର୍‌ରେ ବସିଥିବା ୪ ଲୋକ ଓ କ୍ୟାଣ୍ଟର ଡ୍ରାଇଭର ଜିଆନ୍ତା ଜଳିଯାଇଥିଲେ । ତେବେ କାର ଚଳାଉଥିବା ଯୁବକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସୂଚନା ପାଇ ପୁଲିସ ଓ ଦମକଳ ବିଭାଗ ଘଟଣାସ୍ଥଳରେ ପହଞ୍ଚିଥିଲେ । ୨୦-୨୫ ମିନିଟ୍‌ରେ ନିଆଁ ଲିଭାଯାଇଥିଲା । ଏହା ପରେ ପୁଲିସ ଶବ ବଦଳରେ କେବଳ କଙ୍କାଳ ଦେଖିବାକୁ ପାଇଥିଲା । ମୃତକଙ୍କ ମଧ୍ୟରେ ଦୁଇଜଣ ସମ୍ପର୍କୀୟ ଭାଇଥିଲେ ।

## ୩ ମହଲା କୋଠା ଭୁଶୁଡି: ୩ ମୃତ, ୧୨ ଆହତ

ଇନ୍ଦୋର, ୨୩।୯ (ଏଜେନ୍ସି): ମଧ୍ୟପ୍ରଦେଶର ଇନ୍ଦୋର ସହରରେ ସୋମବାର ରାତି ୯ଟାରେ ଏକ ୩ ମହଲା କୋଠା ଭୁଶୁଡି ପଡ଼ିଛି । ଏଥିରେ ଜଣେ ଯୁବତୀଙ୍କ ସମେତ ଦୁଇଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ୧୨ ଜଣ ଆହତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ଏମାନଙ୍କ ମଧ୍ୟରେ ଜଣେ ୩ ମାସର ଶିଶୁ ରହିଛି । ଏହି କୋଠାରେ ୪ଟି ପରିବାର ରହୁଥିଲେ । କିନ୍ତୁ ଘଟଣା ସମୟରେ ୯ ଜଣ ସେମାନଙ୍କ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ । କିନ୍ତୁ ଏବେ ମଧ୍ୟ ତଳେ ୧୪ ଜଣ ଲୋକ ଦବି ରହିଛନ୍ତି ବୋଲି ଆଶଙ୍କା କରାଯାଉଛି । ଏହି କୋଠା ପାଖାପାଖି ୧୦ରୁ ୧୫ ବର୍ଷ ପୁରୁଣା ବୋଲି କୁହାଯାଇଛି । ବର୍ଷା କାରଣରୁ ଏହି କୋଠାରେ ଫାଟ ସୃଷ୍ଟି ହୋଇଥିଲା ଓ ପୁଣି ତଳେ ପାଣି ପଶିଯାଇଥିବାରୁ ଏହି ଦୁର୍ଘଟଣା ଘଟିଛି ବୋଲି ଅନୁମାନ କରାଯାଉଛି ।

# ଭୀଷଣ ବର୍ଷାରେ କୋଲକାତା ଠପ୍

## ବିଦ୍ୟୁତ୍ ଆଘାତରେ ୧୦ ମୃତ, ୧୦୦ ବିମାନ ବାତିଲ

ନୂଆଦିଲ୍ଲୀ, ୨୩।୯ (ଏଜେନ୍ସି): କୋଲକାତା ଏବଂ ଏହାର ଆଖପାଖ ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରୁ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ମୂଶଳଧାରାରେ ବର୍ଷା ଯୋଗୁଁ ସାଧାରଣ ଜୀବନଯାତ୍ରା ଅଚଳ ହୋଇପଡ଼ିଛି । ରାସ୍ତା ଉପରେ ତିନି ଫୁଟ ଉଚ୍ଚ ପାଣି ଚାଲିଛି । ଗତ ୩୯ ବର୍ଷରେ ଏଭଳି ବର୍ଷା ହୋଇନଥିବା କୁହାଯାଉଛି । ବର୍ଷା ଯୋଗୁଁ ଶିକ୍ଷାନୁଷ୍ଠାନକୁ ବନ୍ଦ କରି ଦିଆଯାଇଛି । ପ୍ରବଳ ବର୍ଷା ସହିତ ବିମାନବନ୍ଦରରେ ପାଣି ପଶିବା ଯୋଗୁଁ ଅତିକମରେ ଶହେରୁ ଅଧିକ ବିମାନ ସେବାକୁ ବାତିଲ କରାଯାଇଛି । ପ୍ରବଳ ବର୍ଷା ଓ ବିଦ୍ୟୁତ ଆଘାତରେ ୧୦ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ।

କୋଲକାତାରେ ଗତ ୨୪ ଘଣ୍ଟା ମଧ୍ୟରେ ୨୫୧.୪ ମିମି ବର୍ଷା ହୋଇଛି । ଗତ ୩୯ ବର୍ଷରେ ଏତେ ପରିମାଣର ବର୍ଷା କେବେ ହୋଇନଥିଲା । ୧୯୮୬ରେ ୨୫୯.୫ ମିମି ବର୍ଷା ହୋଇଥିଲା, ଯାହାକି ଏବେ ବି ରେକର୍ଡ ହୋଇ ରହିଛି । ତେବେ ୧୯୭୮ରେ ସର୍ବାଧିକ ୩୬୯.୬ ମିମି ବର୍ଷା ହୋଇଥିଲା । ଏବେ ସହରର ବିଭିନ୍ନ ରାସ୍ତା ଉପରେ ୨ରୁ ୩ ଫୁଟ୍ ପର୍ଯ୍ୟନ୍ତ ପାଣି ଚାଲିଛି । ଗମନାଗମନ ଓ ପରିବହନ ଏକ ପ୍ରକାର ଠପ୍ ହୋଇଛି । ଏହା ବ୍ୟତୀତ ଟ୍ରେନ୍, ମେଟ୍ରୋ ଓ ବିମାନ ସେବା ମଧ୍ୟ ପ୍ରଭାବିତ ହୋଇଛି । ସାମାଜିକ ଗଣମାଧ୍ୟମରେ କୋଲକାତାର ଭିଡିଓ ସାମ୍ନାକୁ ଆସିଛି । ଏଥିରେ ସଡ଼କରେ ଥିବା ଗାଡ଼ିଗୁଡିକ ଅଧା ବୁଡିଯାଇଥିବା ଦେଖାଯାଇଛି ।

### ରାସ୍ତା ଉପରେ ୩ ଫୁଟ୍ ଉଚ୍ଚର ପାଣି

### ରେଲୱେ ଟ୍ରାକ୍ ବୁଡ଼ିଲା, ସ୍କୁଲ ବନ୍ଦ

ସହରର ଅନେକ ରେସିଡେନସିଆଲ କମ୍ପ୍ଲେକ୍ସରେ ପାଣି ପଶିଯାଇଛି । ସହିଦ ଖୁଦୀରାମ ଓ ମୈଦାନ ମେଟ୍ରୋ ଷ୍ଟେସନକୁ ମେଟ୍ରୋ ସେବା ବନ୍ଦ କରିଦିଆଯାଇଛି । ହାଓଡା ଓ ସିଆଲଦା ଡିଭିଜନରେ ରେଲୱେ ଲାଇନ ଉପରେ ପାଣି ଜମି ରହିଛି । ଏଥିପାଇଁ ହଜାରଦୁଆରି ଏକ୍ସପ୍ରେସ୍ ଓ ସିଆଲଦା ଜଙ୍ଗିପୁର ଏକ୍ସପ୍ରେସ ଟ୍ରେନ୍‌କୁ ବାତିଲ କରାଯାଇଛି । ଚିତପୁର ୟାର୍ଡରେ ପାଣି ପଶିଯିବାରୁ ସର୍କୁଲାର ରେଲୱେ ଲାଇନ୍‌ରେ ଟ୍ରେନ୍ ଯିବା ଆସିବା ବନ୍ଦ ରହିଛି । ବର୍ଷା କାରଣରୁ ଦୁର୍ଗା ପୂଜା ପ୍ରସ୍ତୁତିରେ ବାଧା ସୃଷ୍ଟି ହୋଇଛି । କେତେଟି ସ୍ଥାନରେ ଦୁର୍ଗା ପେଣ୍ଡାଲ ବୁଡିଯିବା ସହ ଖରାପ ହୋଇଯାଇଛି । କୋଲକାତା ।।ରେ ସ୍କୁଲକୁ ଛୁଟି କରିଦିଆଯାଇଛି ।। କୋଲକାତା ବିମାନ ବନ୍ଦରରେ ଅନେକ ବିମାନ ଘଣ୍ଟା ଘଣ୍ଟା ବିଳମ୍ବରେ ଟେକ୍‌ଅପ୍ କରିଛି । ବିମାନ ବନ୍ଦରର ଚିତ୍ର ତଥା ଭିଡିଓ ସାମ୍ନାକୁ ଆସିଛି ।



ପୂର୍ବରୁ ଏଭଳି ବର୍ଷା କେବେ ଦେଖି ନଥିଲି ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି । ହାଓଡା ଷ୍ଟେସନ ଓ ସିଆଲଦା ୟାର୍ଡ ଜଳମଗ୍ନ ହୋଇଛି । କୋଲକାତାର ଯାଦବପୁର ବିଶ୍ୱବିଦ୍ୟାଳୟରେ ଶିକ୍ଷା ଜନିତ ଗତିବିଧିକୁ ବନ୍ଦ କରିଦିଆଯାଇଛି । ପିୟରଲେସ ହସ୍ପିଟାଲରେ ବିଳମ୍ବିତ ରାତିରେ ବର୍ଷା ପାଣି ପଶିଯାଇଛି । ପଶ୍ଚିମବଙ୍ଗରେ ବୁଧବାର ପର୍ଯ୍ୟନ୍ତ ୫ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ସତର୍କତା ଜାରି କରାଯାଇଛି । ପୂର୍ବରୁ ଲୋକେ କେବେ ଏଭଳି ବର୍ଷା ଦେଖିବାକୁ ପାଇ ନଥିଲେ ବୋଲି କୋଲକାତା ମେୟର ଫିରହାଦ ହାକିମ୍ କହିଛନ୍ତି । ଦେଶର ବିଭିନ୍ନ ସ୍ଥାନରେ ମଧ୍ୟ ବର୍ଷା ଦେଖିବାକୁ ମିଳିଛି । ପଞ୍ଜାବରେ ମୌସୁମୀର ବିଦାୟ ଜାରି ରହିଛି । ଅଧା ରାଜ୍ୟରୁ ମୌସୁମୀ ବିଦାୟ ନେଇ ସାରିଲାଣି । ହିମାଚଳରେ ଖରା ଦେଖିବାକୁ ମିଳିଥିଲେ ମଧ୍ୟ ଆଗାମୀ ଦୁଇଦିନରେ ପ୍ରବଳ ବର୍ଷା ହେବା ବୋଲି ସତର୍କତା ଜାରି କରାଯାଇଛି ।

## ହନୁମାନଙ୍କୁ ନେଇ ଟ୍ରମ୍ପ ସହଯୋଗୀଙ୍କ ବିବାଦୀୟ ବୟାନ, ଆମେରିକାରେ ବିରୋଧ



ଟେକ୍ସାସ୍, ୨୩।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ନେତା ଆଲେକଜାଣ୍ଡର ଡନ୍‌କାନ ଭଗବାନ ହନୁମାନଙ୍କ ପ୍ରତିମା ଉପରେ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ସେ ହନୁମାନଙ୍କୁ ମିଥ୍ୟା ଭଗବାନ ଓ ତାଙ୍କ ପ୍ରତିମାକୁ ମିଛ ବୋଲି କହିଛନ୍ତି । ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ଯେ, ଆମେ ଟେକ୍ସାସରେ ଏକ ମିଥ୍ୟା ଭଗବାନଙ୍କ ମିଛ ପ୍ରତିମାକୁ କାହିଁକି ସ୍ଥାପନ କରିବୁ? ଆମ ଦେଶ ଏକ ଖ୍ରୀଷ୍ଟିଆନ ଦେଶ ହୋଇଥିବାରୁ ଏହାର ଆବଶ୍ୟକତା କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି । ଡନକାନଙ୍କ ଏହି ମନ୍ତବ୍ୟ ଆମେରିକାରେ ବଡ଼ ବିବାଦ ସୃଷ୍ଟି କରିଛି । ହିନ୍ଦୁ ଆମେରିକାନ ଫାଉଣ୍ଡେସନ (ଏଚ୍‌ଏଏଫ୍) ତରଫରୁ ଡନକାନଙ୍କ ମନ୍ତବ୍ୟକୁ କଡ଼ା ବିରୋଧ କରାଯାଇଛି । ଆହୁରି କେତୋଟି ସଂଗଠନ ଏହାକୁ ଧାର୍ମିକ ଆସ୍ଥା ଉପରେ ଆକ୍ରମଣ ବୋଲି କହିଛନ୍ତି ଓ ତାଙ୍କୁ କ୍ଷମା ମାଗିବାକୁ କହିଛନ୍ତି । ଆମେରିକାର ନାଗରିକମାନେ ମଧ୍ୟ ଏହାକୁ କଡ଼ା ବିରୋଧ କରି ନିନ୍ଦା କରିଛନ୍ତି । କିନ୍ତୁ ଡନ୍‌କାନଙ୍କ ତରଫରୁ ଆନୁଷ୍ଠାନିକ ଭାବେ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ । ଡନକାନ ୧୩ ବର୍ଷ ପୁଲିସ ବିଭାଗରେ କାର୍ଯ୍ୟ କରିଛନ୍ତି ଓ ସେ ଟେକ୍ସାସରୁ ୨୦୨୬ରେ ଆମେରିକା ସିନେଟ ପାଇଁ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିଛନ୍ତି ।

ଉଲ୍ଲେଖଥାଉ କି, ଆମେରିକାର ଟେକ୍ସାସ ରାଜ୍ୟରେ ସୁଗର ଲ୍ୟାଣ୍ଡରେ ଥିବା ଅଷ୍ଟଲକ୍ଷ୍ମୀ ମନ୍ଦିରରେ ଭଗବାନ ହନୁମାନଙ୍କର ଏକ ୯୦ ଫୁଟ ଉଚ୍ଚର ମୂର୍ତ୍ତି ସ୍ଥାପନ କରାଯାଇଛି । ଏହାକୁ 'ଷ୍ଟାଚ୍ୟୁ ଅଫ୍ ୟୁନିୟନ' ବୋଲି କୁହାଯାଉଛି । ଏହା ବିଦେଶରେ ଥିବା ସବୁଠାରୁ ଉଚ୍ଚ ହନୁମାନ ପ୍ରତିମା । ପଦ୍ମଫୁଲ ଉପରେ ସ୍ଥାପିତ ଏହି ପ୍ରତିମାର ଓଜନ ୯୦ ଟନ ଓ ୫ଟି ଧାତୁକୁ ମିଶାଇ ଏହାର ନିର୍ମାଣ ହୋଇଛି । ହନୁମାନ ଅଭୟ ମୁଦ୍ରାରେ ରହି ଗୋଟିଏ ହାତ ଆଗକୁ ରଖିବା ସହ ଅନ୍ୟ ହାତରେ ଗଦା ଧରିଛନ୍ତି । ଷ୍ଟାଚ୍ୟୁ ଅଫ ଲିବର୍ଟି (୧୫୧ ଫୁଟ) ଓ ପେଗାସସ ଆଣ୍ଡ ଡ୍ରାଗନ (୧୧୦ ଫୁଟ) ପରେ ଏହି ହନୁମାନ ପ୍ରତିମା ଆମେରିକାର ତୃତୀୟ ଉଚ୍ଚତମ ମୂର୍ତ୍ତୀ ଭାବେ ପରିଗଣିତ ହେଉଛି । ଏହି ମୂର୍ତ୍ତିର ସ୍ଥାପନ ପାଇଁ ଅଗଷ୍ଟ ୧୫ ଓ ୧୮ ରେ ୩ ଦିନଧରି ପ୍ରାଣ ପ୍ରତିଷ୍ଠା ସମାରୋହ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ହଜାର ହଜାର ଲୋକ ସାମିଲ ହୋଇଥିଲେ ।

## ମୁଁ ଯୁଦ୍ଧ ବନ୍ଦ କରିଛି; ଜାତିସଂଘ ଫେଲ୍ ମାରିଛି: ଟ୍ରମ୍ପ



ୱାଶିଂଟନ, ୨୩।୯ (ଏଜେନ୍ସି): ମୁଁ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବାର ୭ ମାସ ମଧ୍ୟରେ ୭ଟି ବଡ଼ ବଡ଼ ଯୁଦ୍ଧ ବନ୍ଦ କରିଛି । ଏଥିରେ ଭାରତ-ପାକିସ୍ତାନ ଯୁଦ୍ଧ ରହିଛି । ମୋ ଭଳି ଏମିତି ଉଦ୍ୟମ ବିଶ୍ୱର କୌଣସି ନେତା କରି ନାହାନ୍ତି । ତେଣୁ ମୋତେ ନୋବେଲ ଶାନ୍ତି ପୁରସ୍କାର ମିଳିବା ଉଚିତ । ଆଜି ଜାତିସଂଘର ମହାସଭାରେ ଉଦବୋଧନ ଦେଇ ଏହା କହିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ । ଜାତିସଂଘର ତୀବ୍ର ସମାଲୋଚନା କରି ସେ କହିଲେ ଯେ ସଂଗଠନ ସବୁ କ୍ଷେତ୍ରରେ ବିଫଳ ରହିଛି । ଯେଉଁ କାମ ଜାତିସଂଘ କରିବା କଥା, ତାହା ମୁଁ କରୁଛି । ଖାଲି ଫମ୍ପା ଶବ୍ଦରେ କାମ ହୁଏନି । ଭାରତ- ପାକିସ୍ତାନ ଯୁଦ୍ଧକୁ ସେ ରୋକିଥିଲେ ବୋଲି ପୁଣି ଥରେ ଦୋହରାଇ ଟ୍ରମ୍ପ କହିଲେ, ମୋଟ ଉପରେ ୭ଟି ଯୁଦ୍ଧକୁ ରୋକିବାରେ ସଫଳ ହୋଇଛନ୍ତି । ଅନ୍ୟ ଯୁଦ୍ଧଗୁଡ଼ିକ ହେଲା କାମ୍ବୋଡିଆ- ଥାଇଲାଣ୍ଡ, କୋସୋଭା- ସର୍ବିଆ, କଙ୍ଗୋ- ରୁୱାଣ୍ଡା, ଇସ୍ରାଏଲ- ଇରାନ, ମିଶର- ଇଥିଓପିଆ, ଆର୍ମେନିଆ- ଆଜରବୈଜାନ । ରୁଷ-ୟୁକ୍ରେନ ଯୁଦ୍ଧ ପାଇଁ ପୁଣିଥରେ ଭାରତ ଓ ଚୀନକୁ ଦୋଷ ଦେଇ ଟ୍ରମ୍ପ କହିଲେ ଯେ ଏମାନେ ରୁଷ ଠାରୁ ତେଲ କିଣି ଯୁଦ୍ଧ ପାଇଁ ପାଣ୍ଠି ଯୋଗାଉଛନ୍ତି । ଏହାସହିତ ସେ ଅନେକ ୟୁରୋପୀୟ ଦେଶ ଓ ନୋଟା ରାଷ୍ଟ୍ରଙ୍କୁ ମଧ୍ୟ ସମାଲୋଚନା କରି କହିଲେ ଯେ ଏମାନେ ମଧ୍ୟ ରୁଷ ଠାରୁ ତେଲ କିଣୁଛନ୍ତି । ତାଙ୍କର ଇମିଗ୍ରେସନ ନୀତି ସଂପର୍କରେ ଟ୍ରମ୍ପ କହିଲେ ଯେ ଅବୈଧ ଭାବେ ଆମେରିକାରେ ପ୍ରବେଶ କଲେ ପରିଣତି ଭୟଙ୍କର ହେବ । ଏବେ ଆମେରିକାରେ ସ୍ୱର୍ଣ୍ଣିମ ଯୁଗ ଚାଲିଛି ବୋଲି ସେ କହିଥିଲେ । ଭାଷଣ ଆରମ୍ଭରେ ତାଙ୍କ ଟେଲିପ୍ରିଣ୍ଟର କାର୍ଯ୍ୟ କରିବା ବନ୍ଦ କରିଥିଲା । ତେଣୁ ମୁଁ ହୃଦୟରୁ କହୁଛି ବୋଲି ସେ କହିଥିଲେ ।

## ୯ ଟି ଦେଶକୁ ଭିସା ଦେବନାହିଁ ୟୁଏଇ

ଆବୁଧାବି, ୨୩।୯ (ଏଜେନ୍ସି): ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଭିସା ପ୍ରଦାନ ନେଇ ଏକ ବଡ଼ ନିଷ୍ପତ୍ତି ନେଇଛି । ଭାରତର ଦୁଇ ପଡୋଶୀ ଦେଶ ବାଂଲାଦେଶ, ଆଫଗାନିସ୍ତାନ ସମେତ ୯ଟି ଦେଶକୁ ପର୍ଯ୍ୟଟନ ଓ ୱାର୍କ ଭିସା ପ୍ରଦାନକୁ ୟୁଏଇ ଅସ୍ଥାୟୀ ଭାବେ ପ୍ରତିବନ୍ଧ ଲଗାଇଛି । ଏହି ଦେଶଗୁଡିକ ହେଲା ଆଫଗାନିସ୍ତାନ, ବାଂଲାଦେଶ, ଲିବ୍ୟା, ୟେମେନ, ସୋମାଲିଆ, ଲେବାନନ, କାମେରୁନ, ସୁଦାନ ଓ ୟୁଗାଣ୍ଡା । ଏବେ ଏହି ୯ଟି ଦେଶର ନାଗରିକ ୟୁଏଇ ଭିସା ପାଇଁ ଆବେଦନ କରିପାରିବେ ନାହିଁ । କିନ୍ତୁ ଏହି ଦେଶଗୁଡିକର ନାଗରିକଙ୍କ ପାଖରେ ଯଦି ବୈଧ ଭିସା ଥିବ ତେବେ ସେମାନେ ୟୁଏଇ ଯାତ୍ରା କରିବାରେ କୌଣସି ଅସୁବିଧା ନାହିଁ ବୋଲି କୁହାଯାଇଛି । ଯେଉଁମାନେ ଆଇନ୍ ଅନୁସାରେ ପୂର୍ବରୁ ଦେଶରେ ରହିଛନ୍ତି ସେମାନେ ପୂର୍ବପରି କାର୍ଯ୍ୟ ଜାରି ରଖିପାରିବେ । ତେବେ କେଉଁ କାରଣରୁ ଏହି ଭିସା ପ୍ରତିବନ୍ଧକ ଲାଗୁ କରାଯାଇଛି ସେ ନେଇ ୟୁଏଇ ତରଫରୁ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ । କିନ୍ତୁ ରାଷ୍ଟ୍ରୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଅନୁମାନ କରାଯାଉଛି ।

## ବିମାନର ଲ୍ୟାଣ୍ଡିଂ ଗିୟରରେ ଲୁଚି ଦିଲ୍ଲୀ ଆସିଲେ ଆଫଗାନ ବାଳକ



କାବୁଲ/ନୂଆଦିଲ୍ଲୀ, ୨୩।୯ (ଏଜେନ୍ସି): ଆଫଗାନିସ୍ତାନର ଜଣେ ୧୩ ବର୍ଷୀୟ ବାଳକ ଅଜବ କାଣ୍ଡ ଘଟାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଚର୍ଚ୍ଚା ସୃଷ୍ଟି କରିଛନ୍ତି । ସେ ଏକ ବିମାନର ଲ୍ୟାଣ୍ଡିଂ ଗିୟରରେ ଲୁଚି ଭାରତ ଆସିବାରେ ସଫଳ ହୋଇଛନ୍ତି । ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ । ସେପ୍ଟେମ୍ବର ୨୧ ଅର୍ଥାତ ରବିବାର ଏହି ଘଟଣା ଘଟିଛି । କାବୁଲର ହାମିଦ କରଯାୟୀ ବିମାନ ବନ୍ଦରରେ ଭାରତୀୟ ସମୟ ସକାଳ ୮.୪୬ରେ କେଏଏମ୍ ଏୟାରଲାଇନ୍ସର ଫ୍ଲାଇଟ୍ ଆରକ୍ୟୁ-୪୪୦୧ ଟେକ୍‌ଅଫ୍ କରିଥିଲା ଓ ୧୦.୨୦ରେ ଦିଲ୍ଲୀ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ୩ ନଂ ଟର୍ମିନାଲରେ ଅବତରଣ କରିଥିଲା ।

କିନ୍ତୁ ବିମାନ ପାଖରେ ଜଣେ ବାଳକକୁ ବୁଲୁଥିବାର ଏୟାରଲାଇନ୍ କର୍ମଚାରୀ ଦେଖିବାକୁ ପାଇଥିଲେ । ତୁରନ୍ତ ଏ ନେଇ ଅଧିକାରୀମାନଙ୍କୁ ସୂଚନା ଦିଆଯାଇଥିଲା । ଏହାପରେ ସିଆଇଏସ୍‌ଏଫ୍ ଏହି ବାଳକକୁ ନେଇ ପୁଲିସକୁ ହସ୍ତାନ୍ତର କରିଥିଲେ । ବିମାନର ଲାଣ୍ଡିଂ ଗିୟରରେ ରହି ଆସିଲେ କିପରି ଲାଗୁଛି ତାହା ସେ ଦେଖିବାକୁ ଚାହୁଁଥିଲେ ବୋଲି ବାଳକ ଜଣକ ପୁଲିସକୁ କହିଥିଲା । ତେଣୁ ଜିଜ୍ଞାସା ପାଇଁ ସେ ଏପରି କରିଛନ୍ତି ବୋଲି ପୁଲିସ ହୃଦୟଙ୍ଗମ କରିଥିଲା । ଏହି ବାଳକ ଆଫଗାନିସ୍ତାନର କୁନ୍ଦୁଜ ସହରରେ ନିଜ ପରିବାର ସହ ରୁହନ୍ତି । ସୋମବାର କାବୁଲ ବିମାନ ବନ୍ଦରରେ ଏହି ବାଳକ କୌଣସି ପ୍ରକାର ପଶିଆସି ବିମାନ ପଛ ଭାଗରେ ଥିବା ଲ୍ୟାଣ୍ଡିଂ ଗିୟର କମ୍ପାର୍ଟମେଣ୍ଟରେ ପଶିବାକୁ ସକ୍ଷମ ହୋଇଥିଲେ । ବିମାନର ପୂରା ଯାଞ୍ଚ କରିବା ପରେ ସେହି ଦିନ ଏହି ବାଳକକୁ ସେହି ବିମାନରେ ଆଫଗାନିସ୍ତାନ ପଠାଇ ଦିଆଯାଇଥିଲା । କିନ୍ତୁ ସେ କିପରି ବଞ୍ଚି ରହିଲେ ସେ ନେଇ ବିଭିନ୍ନ ଏଜେନ୍ସି ଚକିତ ହୋଇଛନ୍ତି । ବିମାନର ଚକ ପାଖରେ ଲୁଚି କରି ଆସିବା ନିହାତି ବିପଜ୍ଜନକ ବୋଲି ପ୍ରତିରକ୍ଷା ବିଶେଷଜ୍ଞ କୁହନ୍ତି । ପୁଣି ୩୦ ହଜାର ଫୁଟ ଉଚ୍ଚରେ -୪୦ରୁ ୬୦ ଡିଗ୍ରୀ ତାପମାତ୍ରାରେ ଓ ଅମ୍ଳଯାନ ଅଭାବରେ ଏହି ବାଳକ କିଭଳି ବଞ୍ଚି ରହିଲା ତାହା ସମସ୍ତଙ୍କୁ ଚକିତ କରିଛି । ଉଲ୍ଲେଖଥାଉ କି, ୪ ବର୍ଷ ତଳେ ତାଲିବାନ ଯେତେବେଳେ ଆଫଗାନିସ୍ତାନ ଶାସନ ହାତକୁ ନେଇଥିଲା, ସେତେବେଳେ କେତେ ଲୋକ ଦେଶ ଛାଡ଼ିବା ପାଇଁ ବିମାନ ବନ୍ଦରରେ ପଶି ବିମାନର ଚକରେ ଓହଳି ଦେଶ ବାହାରକୁ ଯିବା ପାଇଁ ପ୍ରୟାସ କରିଥିଲେ ।

## ଅବୈଧ ସମ୍ପର୍କ ଅପରାଧ ନୁହଁ, କିନ୍ତୁ ପରିଣତି ଭୟଙ୍କର: ହାଇକୋର୍ଟ

ନୂଆଦିଲ୍ଲୀ, ୨୩।୯ (ଏଜେନ୍ସି): ବିବାହତ୍ତୋର ତଥା ଅବୈଧ ସମ୍ପର୍କ ବା ବ୍ୟଭିଚାର ନେଇ ଦିଲ୍ଲୀ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ବ୍ୟଭିଚାର କୌଣସି ଅପରାଧ ନୁ।।ହେଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି । ତେବେ ଏହି ସମ୍ପର୍କ ବୈବାହିକ ଜୀବନକୁ ନଷ୍ଟ କରିବାରେ ବଡ଼ ଭୂମିକା ନିର୍ବାହ କରିଥାଏ । ଏହାର ପରିଣତି ମଧ୍ୟ ଭୟଙ୍କର । ଏହା ଦ୍ୱାରା ବିବାହ ବିଚ୍ଛେଦ ଓ ଅନ୍ୟ ଅପରାଧ ଭଳି ଚରମ ନିଷ୍ପତ୍ତି ନିଆଯିବାର ଅବକାଶ ସୃଷ୍ଟି କରିଥାଏ ବୋଲି କୋର୍ଟ କହିଛନ୍ତି । ପତି ଓ ପତ୍ନୀଙ୍କ ବୈବାହିକ ସମ୍ପର୍କରେ ବିଶ୍ୱାସ ହିଁ ମୂଳଦୁଆ ଭଳି କାମ କରିଥାଏ । ଯଦି ବିଶ୍ୱାସ ଭାଙ୍ଗିଯାଏ ତେବେ ବିବାହ ଭାଙ୍ଗି ଯାଇଥାଏ । ଜଷ୍ଟିସ ପୁରୁଷେନ୍ଦ୍ର କୌରଙ୍କ ଖଣ୍ଡପୀଠ କହିଛନ୍ତି ଯେ ଯଦି କୌଣସି ତୃତୀୟ ପକ୍ଷ ବା ବ୍ୟକ୍ତିଙ୍କ ଲାଗି ପତି- ପତ୍ନୀଙ୍କ ସମ୍ପର୍କରେ ପ୍ରଭାବିତ ହୁଏ, ତେବେ ପ୍ରଭାବିତ ପକ୍ଷ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିପାରିବେ ଅବଶ୍ୟ ପୂର୍ବରୁ ସୁପ୍ରିମକୋର୍ଟ ଏ ନେଇ ତାଙ୍କ ରାୟ ୨୦୧୮ ରେ ଦେଇସାରିଛନ୍ତି । ଅବୈଧ ସମ୍ପର୍କୁ ଅପରାଧ କହିବା ଅଣସାମ୍ବିଧାନିକ ବୋଲି କୋର୍ଟ ସେତେବେଳେ କହିଥିଲେ ।




## ସାର ଅଭାବ ଓ କଳାବଜାର

# କିଷାନ କଂଗ୍ରେସ ଘେରିଲା ବିଧାନସଭା

ଭୁବନେଶ୍ୱର,୨୩।୯ (ସମିସ): ସାରା ରାଜ୍ୟରେ ସାର ଅଭାବ ଓ କଳାବଜାରୀ ପାଇଁ ଚାଷୀମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ଚାଷୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ସୃଷ୍ଟି ହେବା ସହିତ ସାର ଅଭାବ ଯୋଗୁଁ ଚାଷୀ ହତାଶ ଓ ଆତଙ୍କିତ ହୋଇ ପଡ଼ିଛନ୍ତି। ସରକାରଙ୍କ ସାର ବିତରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ଫେଲ। ଚାଷୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ବେଳେ ସରକାର ଚାଷୀଙ୍କ ସମସ୍ୟା ପ୍ରତି ମୋଟେ କର୍ଣ୍ଣପାତ କରୁ ନାହାନ୍ତି। ରାଜ୍ୟରେ ସାର ଅଭାବ, କଳାବଜାରୀ ଓ ସରକାରଙ୍କ ଅପାରଗତା ଆଦିକୁ ପ୍ରସଙ୍ଗ କରି ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଏକ ବିରାଟ ରାଲି ଏବଂ ବିଧାନସଭା ଘେରାଉ କରାଯାଇଛି। ଶହ ଶହ କଂଗ୍ରେସ କର୍ମୀ ସମାବେଶରେ ଯୋଗ ଦେଇ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି।




କିଷାନ କଂଗ୍ରେସ ଅଭିଯୋଗ ଅନୁସାରେ ରାଜ୍ୟରେ ବିଶେଷତଃ ୟୁରିଆ ସାରର ଘୋର ଅଭାବ ଏବଂ କଳାବଜାରୀ ଦେଖାଯାଇଛି। ସମବାୟ ସଂସ୍ଥା ଓ ମାର୍କଫେଡ୍‌ରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଏଇ ସଂସ୍ଥା ଦ୍ୱୟ ଓ ସରକାରଙ୍କ ମଧ୍ୟରେ ମଧୁ ଚନ୍ଦ୍ରିକା ଚାଲିଛି। ସରକାର କହୁଛନ୍ତି ଲକ୍ଷ ଲକ୍ଷ ଟଙ୍କାର ସାର ଗଚ୍ଛିତ ଅଛି; କିନ୍ତୁ ଏପଟେ ଚାଷୀଙ୍କୁ ସାର ନ ମିଳିବା ଆଶ୍ଚର୍ଯ୍ୟ କରୁଛି। ସାର ପାଇଁ ଚାଷୀ ଦିନ ଦିନ ରାତିରାତି ଅଧିଆ ପଡୁଛି। ରୁଆ ବେଉଷଣ ସମୟରେ ଏବଂ ଯେତେବେଳେ ଯେଉଁ ସାର ଆବଶ୍ୟକ ସେଇ ସମୟରେ ଚାଷୀଙ୍କୁ ସାର ନ ମିଳବା ଅତ୍ୟନ୍ତ ଦୁଃଖଦାୟକ ବୋଲି କିଷାନ କଂଗ୍ରେସ କହିଛି। ତେଣୁ କିଷାନ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି, ସରକାର ତୁରନ୍ତ ଆଧାର ଏବଂ ଜମି ପରିମାଣ ଅନୁଯାୟୀ ଚାଷୀ ଓ ଭାଗଚାଷୀଙ୍କୁ ସାର ବଣ୍ଟନ କରନ୍ତୁ। ଥୋଡ଼ ଧରିବା ସମୟରେ ଯେଉଁ ସାରର ଆବଶ୍ୟକତା ଅଛି ତାହା ସରକାର ତୁରନ୍ତ ପ୍ରଦାନ କରନ୍ତୁ ବୋଲି ଦଳ ଦାବି କରିଛି। ଯଦି ସରକାର ଚାଷୀଙ୍କ ନାଯ୍ୟ ଦାବି ପୂରଣ କରିବେନି ତେବେ ଆନ୍ଦୋଳନ ଗ୍ରାମାଭିମୁଖୀ ହେବ ଓ କ୍ଷତିଗ୍ରସ୍ତ ଚାଷୀଙ୍କ ନେତୃତ୍ୱ କିଷାନ କଂଗ୍ରେସ ନେଇ ଗାଁ ଗଣ୍ଡାରେ ବ୍ୟାପକ ଆନ୍ଦୋଳନ କରିବ ବୋଲି କିଷାନ କଂଗ୍ରେସ ଚେତାବନୀ ଦେଇଛି।

ବିଧାନସଭା ଘେରାଉ ପାଇଁ କିଷାନ କଂଗ୍ରେସ ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କରିବା ସମୟରେ କିଷାନ କଂଗ୍ରେସ ସଭାପତି ଅଭୟ ସାହୁ, ଉପସଭାପତି ଅରୁଣ ଜେନା, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟଙ୍କ ସମେତ ପ୍ରମୁଖ ନେତାମାନଙ୍କୁ ଗିରଫ ପୁଲିସ ଗିରଫ କରିଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପୂର୍ବତନ ବିଧାୟକ ସୁରେଶ ରାଉତରାୟ ଏବଂ କିଷାନ କଂଗ୍ରେସ କେନ୍ଦ୍ରୀୟ ସଂଯୋଜକ ଅମୀୟ ପଟ୍ଟନାୟକଙ୍କ ସହିତ ରାଜ୍ୟର ସମସ୍ତ ସ୍ଥାନରୁ ଆସିଥିବା କିଷାନ କଂଗ୍ରେସର ବରିଷ୍ଠ ନେତାମାନେ ଅଂଶଗ୍ରହଣ କରିଥିଲେ।

## ସରକାରୀ ସ୍କୁଲରେ ଅବସରପ୍ରାପ୍ତ ଅତିଥି ଶିକ୍ଷକ ନିଯୁକ୍ତିକୁ ଚାଲେଞ୍ଜ

# ରାଜ୍ୟ ସରକାରଙ୍କୁ ଜବାବ ତଲବ

କଟକ, ୨୩।୯ (ସମିସ): ସରକାରୀ ସ୍କୁଲଗୁଡ଼ିକରେ ବେକାର ଯୁବକ ଯୁବତୀଙ୍କୁ ଶିକ୍ଷକ ନିଯୁକ୍ତି କରିବା ବଦଳରେ ରାଜ୍ୟ ସରକାର ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରିବା ପାଇଁ ଗ୍ରହଣ କରିଥିବା ନିଷ୍ପତ୍ତିକୁ ଚାଲେଞ୍ଜ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ହାଇକୋର୍ଟ ଏହି ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିବା ସହ ଜବାବ ତଲବ କରିଛନ୍ତି। ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ କେତେ ଶିକ୍ଷକ ପଦବି ଖାଲିପଡ଼ିଛି, ସେ ସଂପର୍କରେ ସତ୍ୟପାଠ ଜରିଆରେ ତଥ୍ୟ ଦାଖଲ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅର୍ପିତା ପ୍ରିୟଦର୍ଶିନୀ ଓ ଅନ୍ୟ ତିନି ଜଣଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଶିକ୍ଷାନୁଷ୍ଠାନଗୁଡ଼ିକରେ ଖାଲି ପଡ଼ିଥିବା ପଦବିଗୁଡ଼ିକ ପୂରଣ ପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି, ସେନେଇ ଅବଗତ କରିବାକୁ ହାଇକୋର୍ଟ କହିଛନ୍ତି। ଅକ୍ଟୋବର ୮କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ରାଜ୍ୟର ବିଭିନ୍ନ ସରକାରୀ, ଅନୁଦାନପ୍ରାପ୍ତ, ବ୍ଲକ ଗ୍ରାଣ୍ଟ ହାଇସ୍କୁଲ ଓ ସଂସ୍କୃତ ଟୋଲଗୁଡ଼ିକରେ ୬୩୮୭ ଅତିଥି ଶିକ୍ଷକଙ୍କ ନିଯୁକ୍ତି ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦେବା ପାଇଁ ୨୦୨୫ ଅଗଷ୍ଟ ୧ରେ ଗଣଶିକ୍ଷା ବିଭାଗ ଚିଠିରେ କୁହାଯାଇଥିଲା। ନିୟମିତ ଶିକ୍ଷକ ନିଯୁକ୍ତ ନ କରି ଏପରି ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯିବା ଦ୍ୱାରା ବେକାର ଯୁବକ/ଯୁବତୀ ନିରାଶ ହେବେ ବୋଲି ଦର୍ଶାଇ ଏହି ମାମଲା ହାଇକୋର୍ଟରେ ଦାୟର ହୋଇଛି। ଏପରି ସରକାରୀ ନିଷ୍ପତ୍ତି ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି।

## ସାର ଯୋଗାଣରେ ଅବ୍ୟବସ୍ଥାକୁ ନେଇ ଚାଷୀ ଅସନ୍ତୋଷ

# ସମିତିରେ ଧସେଇ ପଶି ବସ୍ତାବସ୍ତା ସାର ବୋହିଲେ



ସାନଖେମୁଣ୍ଡି, ୨୩।୯ (ସମିସ): ସମବାୟ କେନ୍ଦ୍ରରେ ଧସେଇ ପଶିବା ସହ ପୁଲିସ ଉପସ୍ଥିତିରେ ବସ୍ତା ବସ୍ତା ସାର ବୋହିନେଲେ ଚାଷୀ। ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ୍ ମୌଳାଭଞ୍ଜା ସେବା ସମବାୟ ସମିତିରେ ଆଜି ଏପରି ଦୃଶ୍ୟ ଦେଖିବାକୁ ମିଳିଛି।

ସୂଚନାନୁଯାୟୀ, ସାରା ରାଜ୍ୟରେ ୟୁରିଆର ଘୋର୍ ଅଭାବ ଦେଖା ଦେଇଥିବା ବେଳେ ପ୍ରତିଦିନ ବିଭିନ୍ନ ସ୍ଥାନରୁ ଚାଷୀ ଅସନ୍ତୋଷର ଚିତ୍ର ସାମ୍ନାକୁ ଆସୁଛି। ଏଥିରୁ ଗଞ୍ଜାମ ଜିଲ୍ଲା ମଧ୍ୟ ବାଦ୍ ପଡ଼ିନାହିଁ। ସାନଖେମୁଣ୍ଡି ବ୍ଲକ୍ ମୌଳାଭଞ୍ଜା ସେବା ସମବାୟ ସମିତିରେ ଚାଷୀଙ୍କୁ ସାର ମିଳୁନଥିବାରୁ କିଛି ଦିନ ତଳେ ଚାଷୀଙ୍କ ମଧ୍ୟରେ ଭୀଷଣ ଅସନ୍ତୋଷ ପ୍ରକାଶ ପାଇଥିଲା। ଉତ୍ୟକ୍ତ ଚାଷୀ ଗଞ୍ଜାମ-ଗଜପତି ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ସେତେବେଳେ ପୁଲିସ ସେମାନଙ୍କୁ ବୁଝାସୁଝା କରି ହଟାଇ ଦେଇଥିଲା। ପରେ ପୁଣି ଚାଷୀମାନେ ସେବା ସମବାୟ ସମିତି ଅଫିସ୍ ଆଗରେ ପ୍ରତିବାଦ କରିଥିଲେ। ତଥାପି ସେମାନଙ୍କୁ ସାର ମିଳିନଥିଲା। ତେବେ ଆଜି ପୁଣି ଚାଷୀମାନେ ଏକାଠି ହୋଇ ସମିତି ଅଫିସ୍ ଆଗରେ ହୋହଲ୍ଲା କରିଥିଲେ। ସମିତିରେ ସାର ଥାଇ ମଧ୍ୟ ଚାଷୀଙ୍କୁ ଦିଆଯାଉନାହିଁ ବୋଲି ଅଭିଯୋଗ କରିଥିଲେ। ଏପରିକି, ସମବାୟ ସମ୍ପାଦକ ଓ ସଭାପତି ସାରଗୁଡ଼ିକୁ କଳାବାଜରରେ ବିକ୍ରି କରୁଛନ୍ତି ଏବଂ ବିଳମ୍ବିତ ରାତିରେ ନିଜର ଲୋକଙ୍କୁ ଡକାଇ ସାର ଦେଉଛନ୍ତି ବୋଲି ସାଂଘାତିକ ଅଭିଯୋଗ କରିଥିଲେ। ପରେ ସେମାନେ ସମବାୟ କେନ୍ଦ୍ରରେ ଧସେଇ ପଶି ପୁଲିସ ଉପସ୍ଥିତିରେ ବସ୍ତା ବସ୍ତା ସାର ବୋହି ନେଇଥିଲେ। ସମିତି ସମ୍ପାଦକ ଓ ପୁଲିସ ସବୁ ଦେଖିଥିଲେ ହେଁ ଚାଷୀଙ୍କୁ ଅଟକାଇପାରି ନଥିଲେ।

### ପୁଲିସ, ସଂପାଦକ ଜଳକା

## ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ସମାରୋହ

# 'ପୁଷ୍କରା' ଶ୍ରେଷ୍ଠ ଫିଚର୍ ଫିଲ୍ମ

### 'ସି ଆଣ୍ଡ ସେଭେନ୍ ଭିଲେଜେସ୍' ଓ 'ମୋ ବୋଉ ମୋ ଗାଁ' ପୁରସ୍କୃତ

ଭୁବନେଶ୍ୱର, ୨୩।୯ (ସମିସ): ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ଚଳଚ୍ଚିତ୍ର 'ପୁଷ୍କରା'କୁ ଶ୍ରେଷ୍ଠ ଫିଚର୍ ଚଳଚ୍ଚିତ୍ର ପୁରସ୍କାର ମିଳିଥିବା ବେଳେ ହିମାଂଶୁ ଶେଖର ଖଟୁଆଙ୍କ ନିର୍ଦ୍ଦେଶିତ ପ୍ରାମାଣିକ ଚଳଚ୍ଚିତ୍ର 'ସି ଆଣ୍ଡ ସେଭେନ୍ ଭିଲେଜେସ୍'କୁ ଅଣଫିଚର୍ ଚଳଚ୍ଚିତ୍ର ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ସୁବାସ ସାହୁଙ୍କ ନିର୍ଦ୍ଦେଶିତ ଇତିହାସ ଆଧାରିତ ଚଳଚ୍ଚିତ୍ର 'ମୋ ବୋଉ ମୋ ଗାଁ'କୁ ମଧ୍ୟ ରାଷ୍ଟ୍ରପତି ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି।





ତରଙ୍ଗ ସିନେ ପ୍ରଡକସନ୍ସ ନିବେଦିତ ତଥା ଶୁଭ୍ରାଂଶୁ ଦାଶଙ୍କ ନିର୍ଦ୍ଦେଶିତ 'ପୁଷ୍କରା'ରେ ମୁଖ୍ୟ ଚରିତ୍ରରେ ସବ୍ୟସାଚୀ ମିଶ୍ରଙ୍କ ନିଚ୍ଛକ ଅଭିନୟ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ସେହିପରି ଚଳଚ୍ଚିତ୍ରରେ ଓଲିଉଡ୍ ନାୟିକା ସୁପ୍ରିୟାଙ୍କ ଦମଦାର ଅଭିନୟ ମଧ୍ୟ ବେଶ୍ ପ୍ରଶଂସା ସାଉଁଟିଛି। ଅନ୍ୟମାନଙ୍କ ମଧ୍ୟରେ ଚୌଧୁରୀ ବିକାଶ ଦାସ, ଅଶ୍ରୁମୋଚନ ମହାନ୍ତି ମଧ୍ୟ ଅଭିନୟ କରିଛନ୍ତି। ପ୍ରଖ୍ୟାତ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଉପନ୍ୟାସ 'ନାଦବିନ୍ଦୁ' ଉପରେ ଆଧାରିତ। ସିନେମାରେ ପୁରୀର ଜାଗାଘର, ସାହିଯାତ ଓ ଡଙ୍ଗାଭସା ଭଳି ମୌଳିକ ପରମ୍ପରାକୁ ନିଖୁଣ ଶୈଳୀରେ ଉପସ୍ଥାପନ କରାଯାଇଛି।

ସେହିପରି କାଦମ୍ବିନୀ ମିଡିଆ ପ୍ରଯୋଜିତ 'ସି ଆଣ୍ଡ ସେଭେନ୍ ଭିଲେଜେସ୍' ପ୍ରାମାଣିକ ଚଳଚ୍ଚିତ୍ର ଜଳବାୟୁ ପରିବର୍ତ୍ତନ ଓ କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ତହସିଲ ଅନ୍ତର୍ଗତ ସାତଭାୟା ଉପରେ ପର୍ଯ୍ୟବସିତ। ପୂର୍ବରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମାନ ଲାଭ କରିଥିବା ଏହି ଚଳଚ୍ଚିତ୍ରଟି ଖ୍ୟାତିସମ୍ପନ୍ନ ନିର୍ଦ୍ଦେଶକ ହିମାଂଶୁ ଖଟୁଆଙ୍କ ଗବେଷଣା ଉପରେ ଆଧାରିତ। ଏଥିରେ ସାତଭାୟା ଗାଁର ବାସିନ୍ଦାଙ୍କ ଜୀବନ ଓ ସଂଘର୍ଷ ଚିତ୍ରିତ ହୋଇଥିଲା। ଏହାର ପ୍ରଯୋଜନା କରିଥିଲେ ଇତି ସାମନ୍ତ।

■ ଦଳ ବିରୋଧୀ କାର୍ଯ୍ୟ ପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

# ଶ୍ରୀମୟୀ ମିଶ୍ରଙ୍କ ସହ ୨ ନେତା ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର, ୨୩।୯ (ସମିସ): ଦଳବିରୋଧୀ କାର୍ଯ୍ୟରେ ସଂପୃକ୍ତି ପାଇଁ ମଙ୍ଗଳବାର ବିଜେଡି ୨ଜଣ ନେତା ଏବଂ ଜଣେ ନେତ୍ରୀଙ୍କୁ ଦଳରୁ ନିଲମ୍ବନ କରିଛି। ସେମାନେ ହେଲେ, ବିଜେଡି ସାଧାରଣ ସମ୍ପାଦକ (ମହିଳା ବ୍ୟାପାର) ଶ୍ରୀମୟୀ ମିଶ୍ର, ମୟୂରଭଞ୍ଜ କପ୍ତିପଦା ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ସାଏ ଓ ମୟୂରଭଞ୍ଜର ପୂର୍ବତନ ଜିଲ୍ଲା ସମ୍ପାଦକ ପ୍ରବୀର ଚନ୍ଦ୍ର ସାଏ। ଉପରୋକ୍ତ ୩ ନେତାଙ୍କୁ ଦଳ ପକ୍ଷରୁ ନିଲମ୍ବନ ନେଇ ଦଳ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

# ହସ୍ପିଟାଲରୁ ଡିସ୍‌ଚାର୍ଜ ହେଲେ ବୁଦ୍ଧାଦିତ୍ୟ

ଭୁବନେଶ୍ୱର,୨୩।୯ (ସମିସ): ଗୁରୁତର ଅସୁସ୍ଥ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଓଲିଉଡ୍ ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତି ଆଜି ଡିସ୍‌ଚାର୍ଜ ହୋଇ ଘରକୁ ଫେରିଛନ୍ତି। ତାଙ୍କ ଫୁସଫୁସ୍‌ରେ ସଂକ୍ରମଣ ଥିବାରୁ ଘରେ ରହି ନିୟମିତ ଔଷଧ ନେବା ସହ ଆରାମ କରିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ସୂଚନାନୁସାରେ, ପାଖାପାଖି ୮ଦିନ ତଳେ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ବୁଦ୍ଧାଦିତ୍ୟ। ଫୁସଫୁସ୍ ସଂକ୍ରମଣ ଜନିତ ରୋଗରେ ସେ ପୀଡ଼ିତ ଥିଲେ।

# ରତ୍ନଭଣ୍ଡାରକୁ ଫେରିଲା ମହାପ୍ରଭୁଙ୍କ ଅଳଙ୍କାର

ପୁରୀ,୨୩।୯ (ସମିସ): ରତ୍ନଭଣ୍ଡାରକୁ ଫେରିଛି ମହାପ୍ରଭୁଙ୍କ ରତ୍ନାଳଙ୍କାର। ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଆଜି ସକାଳ ୧୦ଟା ୫୫ରେ ଅସ୍ଥାୟୀ ରତ୍ନଭଣ୍ଡାରରୁ ମହାପ୍ରଭୁଙ୍କ ଅଳଙ୍କାର ଏବଂ ଅନ୍ୟାନ୍ୟ ସାମଗ୍ରୀ ସ୍ଥାନାନ୍ତର କରାଯାଇଛି। ଏହି ସ୍ଥାନାନ୍ତର ପ୍ରକ୍ରିୟା ଅପରାହ୍ଣ ୨ଟା ୫୫ ପର୍ଯ୍ୟନ୍ତ, ୪ ଘଣ୍ଟା ଧରି ଚାଲିଥିଲା।

ରତ୍ନଭଣ୍ଡାର କମିଟି ଓ ଉଚ୍ଚସ୍ତରୀୟ କମିଟିର ୧୧ଜଣିଆ ସଦସ୍ୟ ପାରମ୍ପରିକ ପୋଷାକ ପରିଧାନ କରି ଶ୍ରୀମନ୍ଦିର ଜଗମୋହନକୁ ପ୍ରବେଶ କରିଥିଲେ। ଏହି କମିଟିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଏସ୍‌ପି, ଏଏସ୍‌ଆଇ ଅଧିକାରୀ, ରତ୍ନଭଣ୍ଡାର ସବ୍ କମିଟି ସଦସ୍ୟ, ଦେଉଳ କରଣ, ତଢ଼ଉ କରଣ, ଭଣ୍ଡାର ମେକାପ, ରତ୍ନଭଣ୍ଡାର ତଦାରଖ କମିଟିର ଦୁଇଜଣ ସଦସ୍ୟ ଜଷ୍ଟିସ୍ ବିଶ୍ୱନାଥ ରଥ ଓ ମଧୁସୂଦନ ସିଂହାରୀ, ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର ପ୍ରମୁଖ ରହିଥିଲେ। ଏତଦ୍‌ବ୍ୟତୀତ ଗଜପତି ମହାରାଜାଙ୍କ ପ୍ରତିନିଧିଙ୍କ ସମେତ ଶ୍ରୀମନ୍ଦିର ନୀତି ଓ ଉନ୍ନୟନ ପ୍ରଶାସକ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସାମିଲ ଥିଲେ। ସମସ୍ତେ ମହାପ୍ରଭୁ ଏବଂ ପାର୍ଶ୍ୱଦେବୀଙ୍କ ଦର୍ଶନ ସହ ଆଶୀର୍ବାଦ ନେଇଥିଲେ। ପୂର୍ବାହ୍ନ ୧୦ଟା ୫୫ରେ ଆରମ୍ଭ ହୋଇଥିଲା ସ୍ଥାନାନ୍ତର ପ୍ରକ୍ରିୟା। ଟ୍ରେଜେରୀରୁ ଆସିଥିବା ଚାବିରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଅସ୍ଥାୟୀ ଭିତର ଭଣ୍ଡାର ବା ଷ୍ଟ୍ରଙ୍ଗ୍‌ରୁମ୍ ଖଟଶେଯ ଘର ଖୋଲାଯାଇଥିଲା। ସେଠାରୁ ସମସ୍ତ ସାମଗ୍ରୀ ସ୍ଥାୟୀ ଭିତର ଭଣ୍ଡାରକୁ ନିଆଯାଇଥିଲା। ସମସ୍ତ ଅଳଙ୍କାର ଓ ସାମଗ୍ରୀ ଯିବା ପରେ ବ୍ୟବସ୍ଥା ଅନୁସାରେ ମୂଳ ଭିତର ରତ୍ନଭଣ୍ଡାରରେ ୨ଟି ତାଲା ପକାଇ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସିଲ୍ କରାଯାଇଥିଲା। ଏହାର ଚାବି ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଟ୍ରେଜେରୀରେ ଜମା ଦିଆଯାଇଛି।



■ ୪ ଘଣ୍ଟାରେ ଶେଷ ହେଲା ସ୍ଥାନାନ୍ତର ପ୍ରକ୍ରିୟା
■ ଟ୍ରେଜେରୀରେ ରହିଲା ଭିତର ଭଣ୍ଡାରର ଚାବି
■ ରାଜ୍ୟ ସରକାରଙ୍କ ଅନୁମୋଦନରେ ଗଣତିମଣତି ହେବ

ପରେ ଚାଙ୍ଗଡ଼ା ଘର ଅସ୍ଥାୟୀ ବାହାର ଭଣ୍ଡାର ବା ଷ୍ଟ୍ରଙ୍ଗ୍‌ରୁମ୍ ଖୋଲା ଯାଇଥିଲା। ଗଜପତି ମହାରାଜାଙ୍କ ଚାବି, ଶ୍ରୀମନ୍ଦିର ପ୍ରଶାସନ ଏବଂ ଭଣ୍ଡାର ମେକାପଙ୍କ ତିନି ଗୋଟି ଚାବି ଆସି ଏହା ଖୋଲାଯାଇଥିଲା। ସେଠାରୁ ସମସ୍ତ ସାମଗ୍ରୀ ନୂଆ ରୂପ ପାଇଥିବା ମୂଳ ବାହାର ଭଣ୍ଡାରକୁ ନିଆଯାଇଥିଲା। ସବୁ ସାମଗ୍ରୀ ସ୍ଥାନାନ୍ତର ହେବା ପରେ ମୂଳ ବାହାର ଭଣ୍ଡାରକୁ ତିନିଟିଯାକ ତାଲା ପକାଇ ବନ୍ଦ କରାଯାଇଥିଲା। ଉଭୟ ଭଣ୍ଡାର ସାମଗ୍ରୀ ସ୍ଥାନାନ୍ତର ପ୍ରକ୍ରିୟା ଭିଡିଓଗ୍ରାଫି କରାଯାଇଥିଲା। କାର୍ଯ୍ୟ ସମାପନ ପରେ ସମସ୍ତ ସଦସ୍ୟ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ସୁରକ୍ଷା ଯାଞ୍ଚ ପରେ ସମସ୍ତ ସଦସ୍ୟ ଜଗମୋହନରୁ ପ୍ରସ୍ଥାନ କରିଥିଲେ। ଏଥିପାଇଁ ପୁଲିସ ପ୍ରଶାସନ ପକ୍ଷରୁ ସକାଳ ୮ଟାଠାରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଲାଗୁ କରାଯାଇଥିଲା।

ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ରଥ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦରୁ ପ୍ରାୟ ୧୫ ମାସର ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ସୁରୁଖୁରୁରେ ଶେଷ ହୋଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ୬ଟି ଟ୍ରଙ୍କ୍ ଓ ୬ଟି ଆଲମିରା ସ୍ଥାନାନ୍ତର କରାଯାଇଛି। ରତ୍ନ ଅଳଙ୍କାର ଗଣତିମଣତି ପ୍ରକ୍ରିୟା ରାଜ୍ୟ ସରକାରଙ୍କ ଚୂଡ଼ାନ୍ତ ଅନୁମୋଦନ ଏବଂ ନିର୍ଦ୍ଦେଶ ଅନୁସାରେ ହିଁ ହେବ।

## ହାଇକୋର୍ଟରେ ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣା

# ସମସ୍ତ ଅଭିଯୁକ୍ତଙ୍କ ଏକତ୍ର ଜାମିନ ଶୁଣାଣି ୨୫ରେ

କଟକ, ୨୩।୯ (ସମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତମାନଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି ଆସନ୍ତା ୨୫ତାରିଖରେ ହେବ ବୋଲି ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ପରବର୍ତ୍ତୀ ଶୁଣାଣି ସମୟରେ କେସ୍ ଡାଏରି ଦାଖଲ କରିବା ସହ ତଦନ୍ତର ସାନି ସ୍ଥିତି ନେଇ ଅବଗତ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ଗିରଫ ହୋଇ ଜେଲରେ ଥିବା ଜୟନ୍ତ କୁମାର ରାଉତଙ୍କ ଜାମିନ ଆବେଦନର ଶୁଣାଣି ସେପ୍ଟେମ୍ବର ୨୫କୁ ପୂର୍ବରୁ ଧାର୍ଯ୍ୟ ହୋଇଥିବା ନେଇ ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ବୋର୍ଡର ପୂର୍ବତନ ଉପ-ସଭାପତି ଡକ୍ଟର ନୀହାର ରଞ୍ଜନ ମହାନ୍ତିଙ୍କ ସହ ଅନ୍ୟ ଅଭିଯୁକ୍ତ ଜିତନ ମହାରଣା, ବିଜୟ କୁମାର ମିଶ୍ର, ରାମଜୀ ପ୍ରସାଦ ଗୁପ୍ତା, ଅଜୟ କୁମାର ସାହୁ, ପ୍ରଶାନ୍ତ କୁମାର ଖମାରୀ, ସନାତନ ବିଶୋୟୀଙ୍କ ସହ ଜୟନ୍ତ ରାଉତଙ୍କ ନିୟମିତ ଜାମିନ ଆବେଦନଗୁଡ଼ିକର ଏକତ୍ର ଶୁଣାଣି ହେବ।

ଉଲ୍ଲେଖଯୋଗ୍ୟ, ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ କ୍ରାଇମବ୍ରାଞ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ପୂର୍ବତନ ଉପ-ସଭାପତି ଶ୍ରୀ ମହାନ୍ତିଙ୍କ ସହିତ ବୋର୍ଡର ଡାଟାଏଣ୍ଟ୍ରି ଅପରେଟର୍ ଜିତନ ମହାରଣା ଓ ଅନ୍ୟମାନଙ୍କୁ ଗିରଫ କରିଥିଲା। କଟକ ଅତିରିକ୍ତ ଦୌରାଜଜ୍ ଅଦାଲତରେ ଜାମିନ ଖାରଜ ହେବା ପରେ ଶ୍ରୀ ମହାନ୍ତି ଓ ଅନ୍ୟ ଅଭିଯୁକ୍ତମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## କୁର୍ତ୍ତାଙ୍ଗ ଛାତ୍ରୀ ନିର୍ଯାତନା ମାମଲା

# ଆତ୍ମସମର୍ପଣ ପରେ ଜେଲ୍ ଗଲେ ଅଧ୍ୟକ୍ଷ

ଜଗତସିଂହପୁର/ରଘୁନାଥପୁର, ୨୩।୯ (ସମିସ): କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଆଜି ଜଗତସିଂହପୁର ସ୍ୱତନ୍ତ୍ର ପକ୍‌ସୋ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। କଲେଜର ଜଣେ ନାବାଳିକା ଛାତ୍ରୀଙ୍କୁ ଅଧ୍ୟାପକ ଶାଶ୍ୱତ ମହାନ୍ତି ଯୌନ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ହୋଇଥିଲା। ତଦନ୍ତ ପରେ ଉକ୍ତ ଅଧ୍ୟାପକ ଓ କଲେଜ ଅଧ୍ୟକ୍ଷଙ୍କୁ ନିଲମ୍ବିତ କରାଯାଇଥିଲା। ପରେ ଥାନାରେ ମଧ୍ୟ ଉଭୟଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ତେବେ ଆଗୁଆ ଜାମିନ ପାଇଁ ସେମାନେ ହାଇକୋର୍ଟରେ ଆବେଦନ କରିଥିଲେ। ଗତ ଅଗଷ୍ଟ ୧୯ ତାରିଖରେ ହାଇକୋର୍ଟ ଦୁହିଁଙ୍କୁ ତଳକୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏକ ମାସରୁ ଅଧିକ ସମୟଧରି ଫେରାର୍ ରହିବା ପରେ ଆଜି ଅଧ୍ୟକ୍ଷ ଶ୍ରୀ ସାହୁ ପକ୍‌ସୋ କୋର୍ଟରେ ହାଜର ହୋଇଥିଲେ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ସରକାରୀ ଓକିଲ ଶିବପ୍ରସାଦ ମାଝୀ ସୂଚନା ଦେଇଛନ୍ତି। ମୁଖ୍ୟ ଅଭିଯୁକ୍ତ ଅଧ୍ୟାପକ ଶାଶ୍ୱତ ମହାନ୍ତି ଏବେ ମଧ୍ୟ ଫେରାର୍ ଅଛନ୍ତି।

# ଜ୍ୱର ଛଡ଼ା ଠାକୁରାଣୀ ମା' ଉକୁଳେଇ



ଅସ୍ତରଙ୍ଗ,୨୩।୯ (ସମିସ): ନବରାତ୍ର ପୂଜା ଉପଲକ୍ଷେ ପ୍ରତ୍ୟେକ ଶକ୍ତିପୀଠ ଚଳଚଞ୍ଚଳ ହୋଇପଡ଼ିଛି। ଶକ୍ତିପୀଠରେ ଚାଲିଛି ପାର୍ବଣର ପାରମ୍ପରିକ ପୂଜା। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍‌ର ପ୍ରସିଦ୍ଧ ଠାକୁରାଣୀ ମା' ଉକୁଳେଇଙ୍କ ପୀଠରେ ଧୁମ୍‌ଧାମ୍‌ରେ ଚାଲିଛି ପୂଜା। ସାରା ରାଜ୍ୟରେ ଏହି ଠାକୁରାଣୀ ଜ୍ୱର ଛଡ଼ା ଠାକୁରାଣୀ ନାମରେ ବେଶ୍ ଜଣାଶୁଣା। କାକଟପୁରରୁ ଅସ୍ତରଙ୍ଗ ରାସ୍ତାରେ ପ୍ରାୟ ୭ କିଲୋମିଟର ପାଖାପାଖି ଆସିଲେ ମୁଖ୍ୟରାସ୍ତାରେ ପଡ଼େ ମା' ଉକୁଳେଇ ଛକ। ସେହି ଛକରୁ ବାମପଟେ ୫୦୦ ମିଟର ହେଉଛି ମହାତ୍ମା ଗାନ୍ଧୀ କଲେଜ ରାସ୍ତା। କଲେଜ ପୂର୍ବରୁ ପଡ଼େ ମା'ଙ୍କ ପୀଠ। ସିଦ୍ଧ ହୁଙ୍କା ଥିବା ସ୍ଥାନରେ ରହିଛନ୍ତି ମା'ଙ୍କ ଚଳନ୍ତି ପ୍ରତିମା। ଯିଏ ଯେଉଁ ରୋଗ ଦୂର ପାଇଁ ମାନସିକ କରନ୍ତୁ, ସେହି ସ୍ଥାନରେ ମା'ଙ୍କ ନାମରେ ଗୁଆ, ନଡ଼ିଆ ସ୍ଥାପନା କରନ୍ତି। ପ୍ରତ୍ୟେକ ଦିନ ମା'ଙ୍କୁ ଶହ ଶହ ଭକ୍ତ ଦର୍ଶନ କରୁଥିବାବେଳେ ପ୍ରତ୍ୟେକ ଗୁରୁବାର ମା'ଙ୍କ ପୀଠରେ ଅଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ। ଉତ୍ତରପଟେ ମା'ଙ୍କ ପୁଷ୍କରିଣୀ ଆଉ ଏହି ମଝିରେ ମା'ଙ୍କର ଭବ୍ୟ ଦେଉଳକୁ ଯଜ୍ଞ ମଣ୍ଡପ, ଗୁମୁଟି ଭିତରେ ମା'ଙ୍କୁ ଦୂରରୁ ଯିଏ କେହି ଦେଖେ ମା' ଜୀବନ୍ତ ହୀରାମଣି ଭଳି ଦୃଶ୍ୟ ହୁଅନ୍ତି।

ମା'ଙ୍କ ପୂଜକ ମଗୁଲି ମହାନ୍ତି କୁହନ୍ତି, ମା' ହେଉଛନ୍ତି ଜୀବନ୍ତ। ଯେକୌଣସି ଭକ୍ତ ମା'ଙ୍କୁ ଶ୍ରଦ୍ଧାରେ ଗୁଆ, ନଡ଼ିଆଟିଏ ବଢ଼େଇ ଦିଏ, ମା' ତା'ର ଦୁଃଖ ଲାଘବ କରନ୍ତି। ସବୁଠୁ ଭଲ କଥାଟିଏ ଏଠି ପୂଜା ବାବଦରେ କାହାକୁ ଅର୍ଥ ଦାବି ହୁଏ ନାହିଁ। ଯେଉଁ ଭକ୍ତ ଯାହା ଖୁସିରେ ମା'ଙ୍କ ହୁଣ୍ଡିରେ ଦାନ କରିଥାନ୍ତି। ମା'ଙ୍କ ସିଦ୍ଧ ପୁଷ୍କରିଣୀ ହେଉଛି ଅମୃତ କୁଣ୍ଡ। ଯିଏ ଯେକୌଣସି ଜ୍ୱର ରୋଗରେ ପୀଡ଼ିତ ହୋଇ ଆସି ଏହି ପୁଷ୍କରିଣୀରେ ସ୍ନାନ କରେ ନିମିଷକ ଭିତରେ ଆରୋଗ୍ୟ ହୁଏ। ଜଳରେ ଗଙ୍ଗାଜଳ, ଚୁଆ, ଚନ୍ଦନ, କର୍ପୂର, ଅଗୁରୁ, ହଳଦୀ ପଡ଼ି ମା'ଙ୍କର ମାର୍ଜନା ସରିଲେ ଏହି ପାଦୁକ ପାଣି ନେଇ ରୋଗୀମାନେ ଦେହରେ ଲଗାଇ ସିଦ୍ଧ ପୋଖରୀରେ ସ୍ନାନ କଲେ ଆରୋଗ୍ୟଲାଭ କରନ୍ତି। ଏଭଳି ଅନେକ ଉଦାହରଣ ଅଛି। ଅନେକ ରୋଗରେ ଡାକ୍ତର ଫେରାଇ ଦେଇଥିବାବେଳେ ସେ ରୋଗୀ ଆସି ମା'ଙ୍କ ଶରଣାପନ୍ନ ହୋଇଛନ୍ତି ଏବଂ ନୂଆ ଜୀବନ ପାଇ ଫେରିଛନ୍ତି। ଅନେକ ଭକ୍ତଙ୍କ ମାନସିକ ପୂରଣ ହେବା ପରେ ଅନୁଷ୍ଠାନକୁ ଉନ୍ନତି ପାଇଁ ସହଯୋଗ କରିଛନ୍ତି। ଏହି ପାର୍ବଣରେ ମା'ଙ୍କର ଷୋଡ଼ଶ ପୂଜା ସମୟରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଏହି ସ୍ଥାନରେ ଦେଖିବାକୁ ମିଳେ। ଶ୍ରାବଣ ଓ କାର୍ତ୍ତିକ ମାସ ବ୍ୟତୀତ ଅନ୍ୟ ସମୟରେ ମାଛ ମହୁର ଭୋଗ ମା'ଙ୍କ ନିକଟରେ ହୁଏ। ଗୁରୁବାର ଝୁଣା, କର୍ପୂର ମିଶ୍ରିତ ଧୂପ ମା'ଙ୍କୁ ଦିଆଯିବା ପରେ ରୋଗୀମାନେ ତାକୁ ଗ୍ରହଣ କରି ଅନେକ ରୋଗରୁ ମୁକ୍ତି ପାଇଥା'ନ୍ତି।

# ସରକାରଙ୍କ ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ବିରୋଧ




ଖୋର୍ଦ୍ଧା,୨୩।୯ (ସମିସ): ରାଜ୍ୟ ସରକାରଙ୍କ ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ବିରୋଧ କରି ଖୋର୍ଦ୍ଧା ଜିଲ୍ଲା ଏଆଇଏମ୍‌ଏସ୍‌ଏସ୍ ପକ୍ଷରୁ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରାଯାଇଛି। ପରେ ଏହି ମର୍ମରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି, ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ (ଏଆଇଏମ୍‌ଏସ୍‌ଏସ୍) ଖୋର୍ଦ୍ଧା ଜିଲ୍ଲା ସଂଗଠନ ପକ୍ଷରୁ ସରକାରଙ୍କ ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ବିରୋଧ କରାଯାଇଛି। ସଂଗଠନର ସମ୍ପାଦିକା ସଂଘମିତ୍ରା ମହାପାତ୍ରଙ୍କ ନେତୃତ୍ୱରେ ସଦସ୍ୟାମାନେ ଏକତ୍ରିତ ହୋଇ ରାଜ୍ୟ ସରକାର ବିରୋଧରେ ନାରାବାଜି କରିଥିଲେ। ବିଭିନ୍ନ କାରଣରୁ ପୂର୍ବ ସରକାର ମଦ ଦୋକାନ ବନ୍ଦ କରିଥିବାବେଳେ ବର୍ତ୍ତମାନର ସରକାର ମଦ ଦୋକାନ ଖୋଲିବା ନିଷ୍ପତ୍ତି ସେମାନଙ୍କ ଅପରିପକ୍ୱତା ବୋଲି କହିଥିଲେ। ମଦ ଦୋକାନ ଖୋଲିବା ଫଳରେ ସମାଜରେ ବହୁ ବିଶୃଙ୍ଖଳା ସୃଷ୍ଟି ହେଉଛି। ଶହ ଶହ ଘର ଉଜୁଡ଼ି ଯାଉଛି। ମହିଳା ଓ ଛାତ୍ରୀମାନେ ଘରୁ ବାହାରିପାରୁ ନାହାନ୍ତି। ସରକାର ଭୋଟ୍ ସମୟରେ ମଦ ବନ୍ଦ କରିବାକୁ ଦେଇଥିବା ପ୍ରତିଶ୍ରୁତି ପାଳନ କରନ୍ତୁ ବୋଲି କହିଥିଲେ। ନ ହେଲେ ଆଗାମୀ ଦିନରେ ମହିଳାମାନେ ରାଜରାସ୍ତାରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ। ଏଥିପାଇଁ ସରକାର ଦାୟୀ ରହିବେ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଏଥିରେ ସଂଗଠନର ସୁମା ନାୟକ, ମାଳତି ନାୟକ ପ୍ରମୁଖଙ୍କ ସମେତ ସଦସ୍ୟାମାନେ ସାମିଲ୍ ଥିଲେ।

# ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର

ବୋଲଗଡ଼,୨୩।୯ (ସମିସ): ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଓ ସମସ୍ୟାଗୁଡ଼ିକୁ ସମାଧାନ କରି ସେମାନଙ୍କୁ ଉପଯୁକ୍ତ ନ୍ୟାୟ ଓ ସେବା ଯୋଗାଇଦେବା ପାଇଁ ପଞ୍ଚାୟତସ୍ତରରେ ପ୍ରଶାସନ ପହଞ୍ଚି ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସୋମବାର ବୋଲଗଡ଼ ବ୍ଲକ୍ ପାଟପୁର ଶାସନ ପଞ୍ଚାୟତ କାର୍ଯ୍ୟାଳୟଠାରେ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଖୋର୍ଦ୍ଧା ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ସମେତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ସ୍ଥାନୀୟ ବିଡିଓ ସୁମନ ସୁଦ୍ଧା କୁଣ୍ଡୁ, ତହସିଲ୍‌ଦାର ବିଜୟ କୁମାର ସେଠୀଙ୍କ ସମେତ ଜିଲ୍ଲା, ବ୍ଲକ୍, ପଞ୍ଚାୟତସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଉକ୍ତ ଶିବିରରେ ମୋଟ୍ ୧୩୨ଟି ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ୧୦୩ଟି ବ୍ୟକ୍ତିଗତ, ୨୯ଟି ଗ୍ରାମୀଣ ସମସ୍ୟାଜନିତ ଅଭିଯୋଗ ଥିଲା। ଅଭିଯୋଗସ୍ଥଳରେ ୫ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିବାର ସୂଚନା ମିଳିଛି।

# ଯେଉଁ ସମିତିକୁ ଆସୁନି ସାର; ସେ ଅଞ୍ଚଳ ଚାଷୀ ହାହାକାର



ନିରାକାରପୁର,୨୩।୯ (ସମିସ): ବର୍ତ୍ତମାନ ସାର ପାଇଁ ଜିଲ୍ଲାରେ ହାହାକାର ପରିସ୍ଥିତି ଉପୁଜିଛି। ଯେଉଁ ସମିତି ସାର ଆଣୁଛନ୍ତି ସେଠାକାର ଚାଷୀ ଅଳ୍ପ ବହୁତ ସାର କିଛି ପାଉଛନ୍ତି। କିନ୍ତୁ ଯେଉଁ ସମିତିମାନଙ୍କର ଲାଇସେନ୍ସ ନାହିଁ କିମ୍ବା ସାର ଜାଣିଶୁଣି ଆଦି ସବୁ ଅଧିକ ରେଟ୍‌ରେ କିଣିବାକୁ ପଡୁଛି।

ଟାଙ୍ଗୀ ବ୍ଲକ୍‌ରେ ଟାଙ୍କୋଳ, ଭୂଷଣ୍ଡପୁର, ଓଳସିଂହ, କନ୍ତଲବାଇ, ରାମେଶ୍ୱର, ଲେଣ୍ଡୁ ସମିତିକୁ ସାର ଆସୁ ନ ଥିବାରୁ ଉକ୍ତ ସମିତିରେ ଥିବା ପଞ୍ଜିକୃତ ବା ଅଣ ପଞ୍ଜିକୃତ କ୍ଷୁଦ୍ର ଚାଷୀ ସାର ପାଇବାରୁ ବଞ୍ଚିତ ହେଉଛନ୍ତି କିମ୍ବା ପାଖ ସମିତି ସମ୍ପାଦକ ଆଣୁନାହାନ୍ତି ସେ ଅଞ୍ଚଳର ଚାଷୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ ପାଖ ସମିତିରୁ ମିଳୁନି କି ଦୋକାନରେ ମିଳୁନି। ପୁଣି ଯେଉଁ ଦୋକାନରେ ମିଳୁଛି ୭୦୦ରୁ ୮୦୦ ଟଙ୍କା ଦେଇ କିଣୁଛନ୍ତି। ଖାଲି ୟୁରିଆ ନୁହେଁ ଯେହେତୁ କିଛି ସମିତି ସାର ଆଣୁନାହାନ୍ତି ସେମାନେ ସମସ୍ତ ସାର ୟୁରିଆ, ଡିଏପି, ଗ୍ରୋମର, ପଟାସ

## ଯଦି ସାର ପାଇଁ ଗୋଦାମ ନାହିଁ ଧାନମଣ୍ଡି ହେଉଛି କିପରି

ସମିତିର ଦୟା ହେଉ ନ ହେଲେ ଖୋଲା ବଜାରରୁ ଅଧିକା ଦାମ୍ ଦେଇ କିଣିବାକୁ ବାଧ୍ୟ ହେଉଛନ୍ତି। ଭୂଷଣ୍ଡପୁର- ୧୩୩, ଟାଙ୍କୋଳ- ୩୭୨, କନ୍ତଲବାଇ- ୧୪୧, ଓଳସିଂହ- ୫୨୯, ଲେଣ୍ଡୁ- ୪୫୮, ରାମେଶ୍ୱର- ୩୨୯ ସମେତ ସମୁଦାୟ ୬ଟି ସମିତିର ପଞ୍ଜିକୃତ ଚାଷୀ ହେଉଛନ୍ତି ୧୯୬୨ ଜଣ। ଏମାନେ ପାଇବେ କେଉଁଠୁ ସାର ଯାହାକି ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଚାଷୀମାନେ ପଡ଼ୋଶୀ ସମିତି ନିକଟରେ ଆସି ଘଣ୍ଟା ଘଣ୍ଟା ଧରି ଛିଡ଼ା ହୋଇଥିଲେ ବି କିଛି ଚାଷୀଙ୍କୁ ଅଣଦେଖା କରାଯାଇଥିବା କେତେକ ଚାଷୀ ଜଣାଇଛନ୍ତି। ଯେଉଁ ସମିତିଗୁଡ଼ିକ ଗୋଦାମ ନ ଥିବାରୁ ସାର ଆଣିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି, ସେମାନେ ଧାନମଣ୍ଡି କିପରି ଖୋଲିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ସେ ନେଇ ଚାଷୀଙ୍କ ମନରେ ପ୍ରଶ୍ନ ଉଙ୍କି ମାରିବା ସ୍ୱାଭାବିକ। ଏ ବିଷୟରେ ଟାଙ୍ଗୀ ବ୍ଲକ୍ ଏଗ୍ରିକଲ୍‌ଚର ଅଧିକାରୀ ସୌମେନ୍ଦ୍ର କୁମାର ବେହେରାଙ୍କୁ ପଚାରିବାରୁ ସେ କହିଲେ, ବ୍ଲକ୍‌ର ଟାଙ୍କୋଳ, ଓଳସିଂହ ସମିତି ସାର ଉଠାଣ ପାଇଁ ପଞ୍ଜୀକରଣ କରିନାହାନ୍ତି। ଲେଣ୍ଡୁ ସମିତିର ପଏଣ୍ଟ ଅଫ୍ ସେଲ ସିଷ୍ଟମ ଅପ୍‌ଡେଟ୍ ଅଥବା କିଛି ସାର କିଣାବିକା କାଗଜପତ୍ର ସମ୍ପୂର୍ଣ୍ଣ ହୋଇ ନାହିଁ, ରାମେଶ୍ୱର ସମିତିର ଗୋଦାମ ଘର ନ ଥିବା ସହିତ ଲାଇସେନ୍ସ ଥିଲା କିନ୍ତୁ ଏବେ ତାହା ନବୀକରଣ ହୋଇନି, ଟାଙ୍କୋଳ ଏବଂ ଓଳସିଂହ ସମିତିର ଲାଇସେନ୍ସ ନ ଥିବା, କନ୍ତଲବାଇ ସମିତିର ଲାଇସେନ୍ସ ଅଛି କିନ୍ତୁ ପିଓଏସ୍ ଅପ୍‌ଡେଟ୍ ନ ଥିବା ସହିତ ଗୋଦାମ ଘର ନ ଥିବାରୁ ସେମାନେ ସାର ଆଣିପାରୁ ନାହାନ୍ତି। ସେହିପରି ଭୂଷଣ୍ଡପୁର ସମିତିର ଲାଇସେନ୍ସ ଅଛି କେବଳ ସାର କ୍ରୟ ପାଇଁ ଆଇଏଫ୍‌ଏମ୍‌ଏସ୍ ଆଇଡି ପାଇଁ ଆବେଦନ କରିଛନ୍ତି ଆସିଲେ ସାର ଆଣିପାରିବେ। ପ୍ରତ୍ୟେକ ସମିତି ପାଇଁ ଗୋଦାମ ଘରର ଆବଶ୍ୟକତା ରହିଛି। ଯେଉଁଠାରେ ନାହିଁ ସେଥିରୁ କିଛି ସମିତି ନିଜର ବ୍ୟବସ୍ଥା କିମ୍ବା ଭଡ଼ା ସୂତ୍ରରେ ଘରେ ସାର ବିକ୍ରୟ କରୁଛନ୍ତି। ବିଭାଗ ପକ୍ଷରୁ ସବୁ ସମିତିର ନିଜସ୍ୱ ଗୋଦାମ ଗୃହ ପାଇଁ ବ୍ୟବସ୍ଥା କରାଯାଉଥିବା ସେ ଜଣାଇଛନ୍ତି।

# ସାର ଅଭାବ; ଚଢ଼ା ଦରରେ କିଣୁଛନ୍ତି ଚାଷୀ

ନୟାହାଟ,୨୩।୯ (ସମିସ): ପୁରୀ ଜିଲ୍ଲା ଗୋପ ବ୍ଲକ୍ ନୟାହାଟ ଅଞ୍ଚଳରେ ୟୁରିଆ ସାରର ଅଭାବ ନେଇ ଚିନ୍ତାରେ ଚାଷୀ। ଦୀର୍ଘ ଦିନ ହେବ ସାରର ଅଭାବୀ ବିକ୍ରି ଓ ବିଭିନ୍ନ ସ୍ଥାନରେ ସାରର ସଙ୍କଟ ଦେଖାଯାଇଥିବା ବେଳେ ଏହାର ସମାଧାନ ପାଇଁ ସରକାର ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏବେ ଧାନ ଗଛ ବଢ଼ିବା ସମୟରେ ସାର ଦିଆଯିବା କଥା। ମାତ୍ର ସାର ମିଳୁ ନ ଥିବାରୁ ଧାନ ଗଛ ସବୁ ହଳଦିଆ ପଡ଼ିବା ଆରମ୍ଭ କଲାଣି। ସାର ବିନା ଆଗକୁ ଧାନ ଫସଲ ଭଲ ହେବ ନାହିଁ। ଏଭଳି ସ୍ଥିତିକୁ ନେଇ ଚାଷୀମାନେ ହତାଶ ହୋଇ ପଡ଼ିଛନ୍ତି। କେତେକ ସ୍ଥାନରୁ ଚାଷୀମାନେ ଚଢ଼ା ଦରରେ ସାର କିଣିବା ଅଭିଯୋଗ ହେଉଛି। ଚାଷୀ ବେଉଷଣ କାମ ସରିବା ପରେ ସାର ମୁଠେ ଜମିରେ ପକାଇ ଭଲ ଅମଳ ପାଇଁ ଆଶା ରଖିଥିଲା। ହେଲେ ନୟାହାଟ ଅଞ୍ଚଳରେ ୟୁରିଆ ସାରର ନିଅଣ୍ଟିଆ ଯୋଗାଣ ଯୋଗୁଁ ଚାଷୀମାନେ ଖୋଲା ବଜାରରୁ ଚଢ଼ା ଦରରେ ସାର କିଣୁଥିବା କେତେକ ଚାଷୀ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ ୟୁରିଆ ସାର ବସ୍ତା ପିଛା ୨୬୮ ଟଙ୍କା ସରକାରୀ ନିୟମ ଥିବାବେଳେ ଏବେ ୫୭୦ ଟଙ୍କା ଆଉ କେଉଁଠି ୭୦୦ ଟଙ୍କା ଦେଇ କିଣୁଛନ୍ତି। ୟୁରିଆ, ଗ୍ରୋମର, ଡିଏପି ସାରକୁ ଅସାଧୁ ବ୍ୟବସାୟୀ ଚଢ଼ାଦରରେ ବିକ୍ରିକରି ମାଲାମାଲ୍ ହେଉଛନ୍ତି। ଯେଉଁଠି ଗ୍ରୋମର ସାର ବସ୍ତା ପିଛା ୧୮୦୦ ଟଙ୍କା ରହିଛି, ଏହାକୁ କୃତ୍ରିମ ଅଭାବୀ ଦେଖାଇ କଳାବଜାରରେ ୩୬୦୦ ଟଙ୍କାରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ନୟାହାଟ ଅଞ୍ଚଳରେ ଚାରୋଟି ସମବାୟ ସମିତି ଥିବାବେଳେ ସମିତିମାନେ ଆଖିଦୁଶିଆ ସାର ଆଣୁନାହାନ୍ତି। ତେଣୁ ସାର ନ ମିଳିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ଏଭଳି ସ୍ଥିତିରେ କଳାବଜାରୀ କରୁଥିବା ବ୍ୟବସାୟୀମାନେ ମୋଟାଅଙ୍କର ମୁନାଫା ଉଠାଇବା ପାଇଁ ଲାଗିପଡ଼ିଛନ୍ତି।

■ ସାର ସଙ୍କଟରେ ଚାଷୀ ସନ୍ତୁଳିତ

# ରାତି ୩ରୁ ଆସୁଛନ୍ତି; ନିରାଶ ହୋଇ ଫେରୁଛନ୍ତି

ଅସ୍ତରଙ୍ଗ,୨୩।୯ (ସମିସ): ସାରା ରାଜ୍ୟରେ ସାର ପାଇଁ ଚାଷୀଙ୍କ ଭିତରେ ଆରମ୍ଭ ହୋଇଛି ମହାଭାରତ। ବର୍ଷ ତମାମ ନିଜ ଚାଷ କ୍ଷେତରେ ପରିଶ୍ରମ କରି ଚାଷୀ ଯେତିକି ଲାଭବାନ ହେବା କଥା ବର୍ଷ ଶେଷକୁ ଯଦି ପ୍ରାକୃତିକ ଦୁର୍ବିପାକ କି ଲଗାଣ ବର୍ଷା ହୁଏ ତାହେଲେ ସେଠି ଚାଷୀ ଭାଇ ସମ୍ପୂର୍ଣ୍ଣ ଭାଙ୍ଗିପଡ଼େ। କିନ୍ତୁ ଏବେ ଚାଷୀ ଭାଇଙ୍କୁ ଘାରିଛି ସାର ଚିନ୍ତା। ହାତରେ ଆଧାର କାର୍ଡ ନେଇ ରାତି ୩ଟାରୁ ଆସି ୧୦/୧୨ ଘଣ୍ଟା ଅପେକ୍ଷା କରିବା ପରେ କେତେ ଚାଷୀଙ୍କୁ ନିରାଶ ହେବାକୁ ପଡୁଛି ତ କେତେ ଚାଷୀ ଆବଶ୍ୟକ ଅନୁସାରେ ସାର ନ ପାଇ ଫେରୁଛନ୍ତି। ଗୋଟେ ପଟେ ସରକାର ପର୍ଯ୍ୟାପ୍ତ ପରିମାଣରେ ସାର ରହିଛି କହୁଥିବାବେଳେ କିନ୍ତୁ ବାସ୍ତବ ଦୃଶ୍ୟ ସମ୍ପୂର୍ଣ୍ଣ ଅଲଗା। ଅସ୍ତରଙ୍ଗ ବ୍ଲକ୍ କେନ୍ଦ୍ରାପଟି ସମବାୟ ସମିତିରେ ଅଢ଼େଇ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି। କେନ୍ଦ୍ରାପଟି, ସରିପୁର, ମାଣ୍ଡୁକିର ଚାଷୀ ଏହି ସୋସାଇଟି ଉପରେ ନିର୍ଭର କରୁଥିବାବେଳେ ଏଠି ପର୍ଯ୍ୟାପ୍ତ ପରିମାଣରେ ସାର ନାହିଁ। ଯେଉଁଠି ଚାଷୀମାନଙ୍କୁ ୨୫୦୦ ପ୍ୟାକେଟ୍ ସାର ଆବଶ୍ୟକ ସେଠାରେ ଚାରୋଟି ପର୍ଯ୍ୟାୟରେ ଆସିଛି ମାତ୍ର ୬୪୦ ପ୍ୟାକେଟ୍। ଯେଉଁଠି ସାରର ଆବଶ୍ୟକତା ରହିଛି, ସେଠାରେ ସାର ପର୍ଯ୍ୟାପ୍ତ ପରିମାଣରେ ନାହିଁ। ଯେଉଁ ଚାଷୀ ୩ ଏକର ଜମି ଚାଷ କରୁଛି ସେଠାରେ ତାକୁ ଆବଶ୍ୟକ ପଡୁଛି ଅଢ଼େଇ କ୍ୱିଣ୍ଟାଲ ସାର। କିନ୍ତୁ ରାତି ଅଧରୁ ଆସି ଦିନ ୧୨ଟାରେ ନେଉଛନ୍ତି ମାତ୍ର ୪୫ କେଜି। ବର୍ତ୍ତମାନ ସରକାର ଏହି ବ୍ୟବସ୍ଥା ଉପରେ ସମାଧାନର ରାସ୍ତା ବାହାର ନ କଲେ ଆଗାମୀ ଦିନରେ ଚାଷ ବ୍ୟବସ୍ଥା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେଇଯିବା ଆଶଙ୍କା କରାଯାଉଛି। ଆଗାମୀ ଦିନରେ ହୁଏତ ସାର ପାଇଁ ଚାଷୀ ଆନ୍ଦୋଳନକୁ ଓହ୍ଲାଇପାରନ୍ତି।

# ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରକ୍ତଦାନ ଶିବିର

ଗୋପ,୨୩।୯ (ସମିସ): ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଙ୍ଗଳବାର ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ ସହ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଯସ୍ମିନ ଆପ୍ରୋଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୬ଜଣ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା। ଶତାଧିକ ବ୍ୟକ୍ତି ବହିଃବିଭାଗରେ ଚିକିତ୍ସିତ ହୋଇଥିବାବେଳେ ୧୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ଅତିରିକ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଲଲାଟେନ୍ଦୁ ମିଶ୍ର ଉପସ୍ଥିତ ଥିବାବେଳେ ଡାକ୍ତରଖାନାର କର୍ମଚାରୀମାନେ ପରିଚାଳନା କରିଥିଲେ।

# ପୂର୍ବତନ ବିଧାୟକ ଯୁଧିଷ୍ଠିରଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ପିପିଲି,୨୩।୯ (ସମିସ): ଡେଲାଙ୍ଗ-ପିପିଲି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଛି। ଯୁଧିଷ୍ଠିର ସ୍ମୃତି କମିଟି ପକ୍ଷରୁ ପିପିଲି ରେଜିଷ୍ଟ୍ରି ଛକଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ତାଙ୍କ ପୁତ୍ର ପ୍ରିୟବ୍ରତ ସାମନ୍ତରାୟ, ପୁତ୍ରବଧୂ ମାମାଲି ସାମନ୍ତରାୟ, ଝିଅ ରାକ୍ଷୀ ସ୍ୱାଇଁ, ଜ୍ୱାଇଁ ନିହାର ରଞ୍ଜନ ସ୍ୱାଇଁ, ଭାଇଙ୍କ ସମେତ ପିପିଲି ଓ ଡେଲାଙ୍ଗ ଅଞ୍ଚଳର ଯୁଧିଷ୍ଠିରଙ୍କୁ ଭଲ ପାଉଥିବା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ପରେ ପିପିଲି, ମଙ୍ଗଳପୁର ଏବଂ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ପିପିଲିର ବୃଦ୍ଧାଶ୍ରମଠାରେ ମଧ୍ୟ ଫଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିପିଲି ବ୍ଲକ୍ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, କଂଗ୍ରେସ ନେତା ମାନସ ଆଚାର୍ଯ୍ୟ, ନାରୀ ନେତ୍ରୀ ନିରୂପମା ପାତ୍ର, ବିଜୟ ଦାସ, ପ୍ରଦ୍ୟୁମ୍ନ ପରିଡ଼ା, ଜିତୁ ପ୍ରକାଶ ପରିଡ଼ା, ବିଷ୍ଣୁ ଦଳେଇ, ସଞ୍ଜୟ ଶତପଥୀ, ପ୍ରସନ ମହାପାତ୍ର, କର୍ପୂର ଚନ୍ଦ୍ର ଜେନା, ଆବିଦ ଉଦିନ ଖାଁ, ଚନ୍ଦନ ସେଠୀ, ଲାଲା ରାକେଶ ରାୟ, ସୁଧୀର ପ୍ରଧାନ, ବାନାମ୍ବର ସ୍ୱାଇଁ, ଖଲିଲୁର ରହେମନ, ବାପି ସର୍କେଲ, ଅନ୍ତର୍ଯ୍ୟାମୀ ଦୀକ୍ଷିତ ପ୍ରମୁଖ ଯୋଗଦେଇଥିଲେ।

# ଦ୍ୱିତୀୟ ଦିନରେ ମିଶନ ଶକ୍ତି ସଂଘର ଧାରଣା; ବ୍ଲକ୍ କାର୍ଯ୍ୟାଳୟ ଠପ୍

ବ୍ରହ୍ମଗିରି,୨୩।୯ (ସମିସ): ମିଶନ ଶକ୍ତି ସଙ୍ଘ ପକ୍ଷରୁ କମ୍ୟୁନିଟି ସପୋର୍ଟ ଷ୍ଟାଫ୍(ସିଏସ୍‌ଏସ୍) ମିଳିତ ଭାବେ ସୋମବାରଠାରୁ ବ୍ରହ୍ମଗିରି ବ୍ଲକ୍ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦେଇଛନ୍ତି। ୮ ଦଫା ଦାବି ନେଇ ସୋମବାରଠାରୁ ଦିଆଯାଇଥିବା ଧାରଣା ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଥିବାବେଳେ ବ୍ଲକ୍ କାର୍ଯ୍ୟାଳୟ ବାହାରେ ରାସ୍ତାକଡ଼ରେ ସମସ୍ତ ବ୍ଲକ୍ କର୍ମଚାରୀ ବୁଲୁଥିବା ଦେଖିବାକୁ ମିଳିଥିଲା। ବ୍ଲକ୍ ଭିତରକୁ କର୍ମଚାରୀଙ୍କୁ ଆନ୍ଦୋଳନକାରୀମାନେ ଯିବାକୁ ଦେଇ ନ ଥିଲେ। ଫଳରେ ବ୍ରହ୍ମଗିରି ବ୍ଲକ୍‌ରେ ଦିନ ତମାମ କାର୍ଯ୍ୟ ଠପ୍ ହୋଇଯାଇଥିଲା। ୮ ଦଫା ଦାବି ନେଇ ସୋମବାରଠାରୁ ଧାରଣାରେ ବସିରହିଛନ୍ତି। ପୂର୍ବରୁ ବାରମ୍ବାର ସରକାରଙ୍କୁ ଜଣାଇଥିଲେ ମଧ୍ୟ କେହି ସେମାନଙ୍କ ଦାବି ଶୁଣୁ ନ ଥିବାରୁ ଗଣଧାରଣାକୁ ଜୋର୍‌ଦାର୍ କରିଛନ୍ତି। ବ୍ଲକ୍‌ର ୨୫ଟି ପଞ୍ଚାୟତର ସମସ୍ତ ସିଆର୍‌ପି ଏବଂ ଏମ୍‌ବିକେ ମହିଳା କର୍ମୀ ସାମିଲ୍ ହୋଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ ଜଣାଇଛନ୍ତି। ଅନ୍ୟ ପଟରେ ବ୍ଲକ୍ କର୍ମଚାରୀମାନଙ୍କୁ ବ୍ଲକ୍ ଭିତରକୁ ନ ଛାଡ଼ିବାରୁ ସମସ୍ତ ବ୍ଲକ୍ କର୍ମଚାରୀ ଏବଂ ବିଡିଓ ରାସ୍ତାରେ ଛିଡ଼ା ହୋଇ ରହିଥିଲେ। ଏନେଇ ବିଡିଓ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ମୋ ହାତରେ କିଛି ନାହିଁ। ସେମାନଙ୍କ ସମସ୍ତ ଦାବି ଆମ୍ଭେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଦେଇଛୁ।



**ନିମାପଡ଼ା :** ରାଜ୍ୟ ମିଶନ ଶକ୍ତି ସଂଘର ଆହ୍ୱାନ କ୍ରମେ ନିମାପଡ଼ା ବ୍ଲକ୍ ଅଧୀନରେ କାର୍ଯ୍ୟ କରୁଥିବା ୩୨ଟି ପଞ୍ଚାୟତର ଏସ୍‌ଏଚ୍‌ଜିର ଶତାଧିକ ମହିଳା ବିଭିନ୍ନ ଦାବି ନେଇ ବ୍ଲକ୍ ସମ୍ମୁଖରେ ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଛି। ସ୍ଥାୟୀ ନିଯୁକ୍ତି, ଆଉକାଉଣ୍ଟକୁ ଦରମା ପ୍ରଦାନ, ପର୍‌ଫର୍‌ମାନ୍ସ ବୋନସ୍ ପ୍ରୋତ୍ସାହନ ବନ୍ଦ କରାଯାଉ, ୬ ମାସର ବକେୟା ଦରମା ପ୍ରଦାନ କରାଯାଉ, ସ୍ଥାୟୀ ନିଯୁକ୍ତି କରାଯାଉ, ସମାନ କାମକୁ ସମାନ ଦରମା ପାଇଁ ଦାବି କରିଛନ୍ତି। ଉକ୍ତ କ୍ୟାଡରମାନଙ୍କରେ କାର୍ଯ୍ୟ କରୁଥିବା ଶତାଧିକ ମହିଳା ମଙ୍ଗଳବାର ବ୍ଲକ୍ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସରକାରଙ୍କ ଏଭଳି ମହିଳା ବିରୋଧୀ କାର୍ଯ୍ୟକ୍ରମର ତୀବ୍ର ପ୍ରତିବାଦ କରିଥିଲେ। ଯଦି ସରକାର ଆମର ଦାବି ସମ୍ପର୍କରେ କୌଣସି ନୀତିଗତ ନିଷ୍ପତ୍ତି ନ ନିଅନ୍ତି, ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

**କଣାସ:** ରାଜ୍ୟ ମିଶନ ଶକ୍ତି କର୍ମୀ ସଂଘ ଆହ୍ୱାନ କ୍ରମେ କଣାସ ବ୍ଲକ୍ ଜିପିଏଲ୍‌ଏଫ୍ ମିଶନ ଶକ୍ତି କର୍ମୀ ସଂଘ ପକ୍ଷରୁ ସୋମବାରଠାରୁ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଧାରଣା ଦିଆଯାଇଛି। ଫଳରେ ବ୍ଲକ୍‌ର ସମସ୍ତ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କଠାରୁ ପ୍ରକାଶ। କଣାସର ୨୮ଟି ଗ୍ରାମପଞ୍ଚାୟତର କର୍ମୀମାନେ ଧାରଣାରେ ବସି ରହିବା ସହିତ ସେମାନଙ୍କ ଦାବି ସମ୍ପର୍କରେ ସ୍ଲୋଗାନ୍ ଦେଇଛନ୍ତି। ପୂର୍ବରୁ ସେମାନଙ୍କୁ ସରକାରଙ୍କ ନିର୍ଦ୍ଧାରିତ ଦରମା ନିୟମିତ ଦିଆଯାଉଥିବା ବେଳେ ୬ ମାସ ହେଲାଣି ଏଥିରେ ବ୍ୟତିକ୍ରମ ଦେଖାଦେଇଛି। କର୍ମୀମାନେ ବ୍ଲକ୍, ଜିଲ୍ଲା, ରାଜ୍ୟସ୍ତରୀୟ ଅଧିକାରୀ ଓ ବିଭାଗୀୟ ମନ୍ତ୍ରୀଙ୍କୁ ବାରମ୍ବାର ଜଣାଇବା ପରେ କୌଣସି ସୁଫଳ ମିଳି ନ ଥିବାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବ୍ଲକ୍‌କୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକମାନେ ଦୁଇଦିନ ହେଲା କୌଣସି କାର୍ଯ୍ୟ କରି ନ ପାରି ନିରାଶ ହୋଇ ଫେରୁଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କଣାସ ଥାନା ଆଇଆଇସି ପ୍ରଶାନ୍ତ କୁମାର ନାୟକ ଓ ଅନ୍ୟ ପୁଲିସ୍ ଅଧିକାରୀମାନେ ବ୍ଲକ୍ କାର୍ଯ୍ୟାଳୟରେ ଉପସ୍ଥିତ ରହୁଛନ୍ତି।




'ସୁସ୍ଥ ନାରୀ ଓ ସଶକ୍ତ ପରିବାର' ଅଭିଯାନ ପ୍ରହସନ

# ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମିଳୁନି କାଶ ଔଷଧ

ତୁଣ୍ଡେଇ,୨୩।୯ (ସମିସ): ପୁରୀ ଜିଲ୍ଲା କାକଟପୁର ବ୍ଲକ୍ ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ୧ ଲକ୍ଷ ୨୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରିଥା'ନ୍ତି। କିନ୍ତୁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅନେକ ସମସ୍ୟା ଦେଇ ଗତିକରୁଛି। ଆବଶ୍ୟକ ଡାକ୍ତର, କର୍ମଚାରୀ ଓ ଆନୁଷଙ୍ଗିକ ବ୍ୟବସ୍ଥାର ଅଭାବ ଯୋଗୁଁ ଲୋକଙ୍କୁ ଉତ୍ତମ ସେବା ମିଳୁନାହିଁ।

ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦ଜଣ ଡାକ୍ତର ପଦ ରହିଥିବାବେଳେ ମାତ୍ର ୫ ଜଣ ଡାକ୍ତର ଡ୍ୟୁଟି କରୁଛନ୍ତି। ସପ୍ତାହକ ୫ ଜଣ ଡାକ୍ତର ବାର ଅନୁଯାୟୀ ବାଣ୍ଟି କରି ଆସୁଛନ୍ତି। ଫଳରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ସକାଳୁ ସକାଳୁ ଲମ୍ବା ଧାଡ଼ିରେ ରୋଗୀ ଛିଡ଼ା ହୋଇଥିବାବେଳେ ଡ୍ୟୁଟିରେ ଥିବା ଡାକ୍ତର ଦିନ ୧୦ଟା ପରେ ଆଉଟ୍ ଡୋର୍‌କୁ ଆସୁଛନ୍ତି। ପ୍ରତିଦିନ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ରୋଗୀ ଆଉଟ୍ ଡୋର୍‌ରେ ଚିକିତ୍ସା ହୋଇଥା'ନ୍ତି।




୩ ଜଣ ଫାର୍ମାସିଷ୍ଟ ପଦ ଥିବାବେଳେ ମାତ୍ର ଜଣେ ଫାର୍ମାସିଷ୍ଟ ଚିରଦ ଖୁଣ୍ଟିଆ ନିରାମୟ ଔଷଧ ବଣ୍ଟନ ଦାୟିତ୍ୱରେ ଅଛନ୍ତି। ଶ୍ରୀ ଖୁଣ୍ଟିଆ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବହୁ ବର୍ଷ ଧରି ରହିଥିବାରୁ ଡାକ୍ତର ନିରାମୟ ଔଷଧରେ କଫ ସିରପ୍ ଲେଖିବାବେଳେ ଫାର୍ମାସିଷ୍ଟ ଶ୍ରୀ ଖୁଣ୍ଟିଆ କଫ ସିରପ୍ ନାହିଁ ଦୋକାନରୁ ନେବାକୁ କହୁଥିବା ଅଭିଯୋଗ ଆସିଛି। ଅନ୍ୟପକ୍ଷରେ ୧୭ ତାରିଖଠାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ 'ସୁସ୍ଥ ନାରୀ ଓ ସଶକ୍ତ ପରିବାର' ଅଭିଯାନ ଆରମ୍ଭ ହୋଇଥିବାବେଳେ କଫ୍ ସିରପ ମେଡିସିନ ମିଳୁନାହିଁ। ତେବେ 'ସୁସ୍ଥ ନାରୀ ଓ ସଶକ୍ତ ପରିବାର' ଅଭିଯାନ ପ୍ରହସନ ପାଲଟିଛି ବୋଲି ଆଲୋଚନାର ବିଷୟ ପାଲଟିଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏମ୍‌ବିବିଏସ୍ ଡାକ୍ତରଙ୍କୁ ଛାଡ଼ିଦେଲେ ଜଣେ ବି ବିଶେଷଜ୍ଞ ଡାକ୍ତର ନାହାନ୍ତି। ସେହିପରି ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡାକ୍ତର ଶାନ୍ତିଭୂଷଣ ଜେନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନ ରହି ରୋଗୀ ନ ଦେଖି ପ୍ରତିଦିନ ଅଞ୍ଚଳରେ ଥିବା ଘରୋଇ ନର୍ସିଂ ହୋମ୍‌ରେ ରୋଗୀ ଦେଖୁଛନ୍ତି। ଯଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନ ରହିବା କାରଣରୁ କାକଟପୁର ବ୍ଲକ୍ ଅଞ୍ଚଳରେ ସରକାରୀ ଡାକ୍ତରଖାନାଗୁଡ଼ିକରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି।

**OFFICE OF THE UTKAL BALASHRAM, KHARIAR, DIST-NUAPADA**
**(GOVT. RUN CHILD CARE INSTITUTION)**

Advertisement No: 30/UB/KRAR/NPD    Date: 22.09.25

**ADVERTISEMENT**

Applications are invited from the prospective candidates for the different posts through the proforma application form which will be made available on the district website (https://nuapada.odisha.gov.in). The online submission of application shall be available on (E-Mail: utkalbalashramkhariar@gmail.com) from **24.09.2025 (10.00 AM) to 30.09.2025 (5.00 PM).**

The recruitment of different posts of Child Care Institution & Specialized Adoption Agency (SAA) Utkal Balashram, Dist.-Nuapada is being done as per the Mission Vatsalya implementation guideline and resolution vide No. 10102-WCD-CW-MISC-0023-2020, Dated 15.09.2020 of Women & Child Development Department, Govt. of Odisha.


After submission of online application, the candidates are to submit hard copy of the same along with all required documents and testimonials through Speed post/Registered post only addressed to **Office of the Secretary, Utkal Balashram, At/Po-Khariar, Ps-Khariar, Dist.-Nuapada-766107, latest by 5.00 PM on Dt. 05.10.2025.** Any application received after the due date/time shall be rejected.

The posts are purely temporary, time bound and co-terminus with the scheme depending on the satisfactory performance. For detail advertisement please visit the district website **(https://nuapada.odisha.gov.in).**

**CDPO Khariar-Cum-Secretary**
**Utkal Balashram Khariar**



# ଗତିପଥ ବଦଳାଇଲା ମଙ୍ଗଳା ମୁହାଁଣ



ପୋତି ହୋଇଗଲା ପୁରୁଣା ମୁହାଁଣ

ପୁରୀ,୨୩।୯ (ସମିସ): ପ୍ରାୟ ପ୍ରତିବର୍ଷ ମଙ୍ଗଳା ନଦୀ ମୁହାଁଣ ଗତିପଥ ବଦଳୁଛି। ବିଭିନ୍ନ ସମୟରେ ପ୍ରାକୃତିକ ମୁହାଁଣ ପୋତିହୋଇ ଭିନ୍ନ ଜାଗାରେ ନୂଆ ଧାର ସୃଷ୍ଟି ହେଉଛି। ଗତ କିଛିଦିନ ହେବ ମଙ୍ଗଳା ନଦୀ ମୁହାଁଣ ପୋତିହୋଇ ସଙ୍କୁଚିତ ହୋଇଯାଇଥିଲା। ଏବେ ଏହି ପ୍ରାକୃତିକ ମୁହାଁଣ ସମ୍ପୂର୍ଣ୍ଣ ଭାବେ ପୋତିହୋଇ ପ୍ରାୟ ୪୦୦ ମିଟର ଦୂରକୁ ଘୁଞ୍ଚିଯାଇଛି। ଚାରିୟଟ ହୋଟେଲ ପଛ ପାର୍ଶ୍ୱରେ ନୂଆ ଧାର ଖୋଲିଛି। ବାରମ୍ବାର ମଙ୍ଗଳା ନଦୀ ମୁହାଁଣ ଗତିପଥ ପରିବର୍ତ୍ତନ କରୁଥିବାରୁ ଏହା ସ୍ଥାନୀୟ ଅଞ୍ଚଳ ପ୍ରତି ବିପଦ ସୃଷ୍ଟି କରିଛି। ହୋଟେଲ ଷ୍ଟର୍ଲିଂ ପଛପାର୍ଶ୍ୱରେ ମଙ୍ଗଳା ନଦୀ ସମୁଦ୍ରରେ ମିଶିଛି। କିନ୍ତୁ ଅଧିକାଂଶ ସମୟରେ ମଙ୍ଗଳା ନଦୀର ଏହି ପ୍ରାକୃତିକ ମୁହାଁଣ ପୋତି ହୋଇଯାଉଛି। ଫଳରେ ସମୁଦ୍ର ଓ ନଦୀର ଜଳରାଶି ଅନେକ ସ୍ଥାନରେ ମୁହାଁଣ ସୃଷ୍ଟି କରି ସ୍ଥଳ ଭାଗ ଆଡ଼କୁ ମାଡୁଛି। ନିକଟରେ ଷ୍ଟର୍ଲିଂ ପାର୍ଶ୍ୱରେ ଥିବା ପ୍ରାକୃତିକ ତଥା ପୁରୁଣା ମୁହାଁଣ ପୋତି ହୋଇଯାଇଛି। ଅନ୍ୟପକ୍ଷରେ ଚାରିୟଟ ହୋଟେଲ ପଛ ପାର୍ଶ୍ୱରେ ନୂଆ ଧାର ଖୋଲିଯାଇଛି। ଫଳରେ ଏହି ଧାର ନୂଆ ମୁହାଁଣ ଭାବେ ପରିଚିତ ହେଉଛି।

### ଜିଲ୍ଲାସ୍ତରୀୟ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ

# ଜିଲ୍ଲାରେ ୩ ହଜାରରୁ ଉର୍ଦ୍ଧ୍ୱ ଡ୍ରପ୍-ଆଉଟ୍ ଶିଶୁ

ପୁରୀ,୨୩।୯ (ସମିସ): ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହଠାରେ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଶିଶୁ ମଙ୍ଗଳ ଓ ସୁରକ୍ଷା କମିଟି, ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ନିଷେଧ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ, ଚାଇଲ୍ଡ ହେଲ୍ପଲାଇନ ବୋର୍ଡର ସମସ୍ତ ସଦସ୍ୟ, ସଦସ୍ୟା ଓ ସମସ୍ତ ବିଭାଗର ନିମନ୍ତ୍ରିତ ପଦାଧିକାରୀ ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିକ୍ଷା ବିଭାଗ ଦ୍ୱାରା ଅନୁଷ୍ଠିତ "ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମରେ ଡ୍ରପ୍‌ଆଉଟ୍ ସର୍ଭେ ଓ ସମସ୍ତ ପିଲାଙ୍କୁ ବିଦ୍ୟାଳୟକୁ ଅଣାଯିବା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା। ଜିଲ୍ଲାରେ ଥିବା ମୋଟ୍ ୩ ହଜାରରୁ ଉର୍ଦ୍ଧ୍ୱ ଡ୍ରପ୍‌ଆଉଟ୍ ଶିଶୁଙ୍କ ମଧ୍ୟରୁ ଯେଉଁମାନେ ପିତୃମାତୃହୀନ ଓ ଏକକ ପିତାମାତା ବା ଅଭିଭାବକଙ୍କର ଶିଶୁ ହୋଇଥିବେ ଏବଂ ସେମାନେ ବିଦ୍ୟାଳୟ, ମହାବିଦ୍ୟାଳୟରେ ନିରନ୍ତର ଅଧ୍ୟୟନ କରିବେ ସେମାନଙ୍କ ପରିବାର ଅନୁଧ୍ୟାନ କରାଯାଇ ମାର୍ଗଦର୍ଶିକା ଆଧାରରେ ଆର୍ଥିକ ପ୍ରୋତ୍ସାହନ ଦିଆଯିବାକୁ ନିଷ୍ପତ୍ତି ହୋଇଛି।

ଜିଲ୍ଲାରେ ଥିବା ଔଷଧ ଦୋକାନଗୁଡ଼ିକରେ ଥିବା ରେଜିଷ୍ଟରକୁ ଡିଜିଟାଇଜେସନ କରିବା ଓ ସିସିଟିଭି ଲଗାଇବା ସହିତ ଏଚ୍, ଏଚ୍‌ୱାନ୍, ଏକ୍ସ ଡ୍ରଗ୍‌ଗୁଡ଼ିକର ବିକ୍ରିବଟା ମନିଟରିଙ୍ଗ୍ କରାଯିବାକୁ ଡ୍ରଗ୍ ଇନ୍ସପେକ୍ଟରଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ଜିଲ୍ଲାରେ ଥିବା ପ୍ରତି ବିଦ୍ୟାଳୟର ୧୦୦ ଗଜ ମଧ୍ୟରେ ମାଦକଦ୍ରବ୍ୟ ନିଷେଧ ନିମନ୍ତେ ଯୋଜନା ଓ ମ୍ୟାପିଙ୍ଗ୍ କରିବା ସହିତ ବିହିତ ପଦକ୍ଷେପ



ନେବେ ଅବକାରୀ ବିଭାଗ। ସେହିପରି ଶିଶୁ ଶ୍ରମିକରେ ନିୟୋଜିତ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଦାୟିତ୍ୱ ଦିଆଗଲା। ତୃଣମୂଳସ୍ତରରେ ଅଙ୍ଗନବାଡ଼ି କର୍ମୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବାଲ୍ୟ ବିବାହ ନିଷେଧ ନିମନ୍ତେ ସତର୍କ ରହିବେ ଏବଂ ପୂର୍ବରୁ ଏହାର ନିରୀକ୍ଷଣ କରି ରିପୋର୍ଟ କରିବେ। ଏହା ସହିତ ନିଶାଯୁକ୍ତ ଶିଶୁମାନଙ୍କ ଥଇଥାନ ଓ ଶିଶୁଯତ୍ନ ଅନୁଷ୍ଠାନରେ ଥିବା ଦିବ୍ୟାଙ୍ଗ ଶିଶୁମାନଙ୍କ ପେନ୍‌ସନ୍, ଦିବ୍ୟାଙ୍ଗ ପ୍ରମାଣପତ୍ର ନିଶ୍ଚିତ କରିବାକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦାୟିତ୍ୱ ଦିଆଯାଇଛି। ଏହି ବୈଠକରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଦ୍ୱିତୀକାନ୍ତ ପ୍ରଧାନ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଡ୍ରଗ୍ ଇନ୍ସପେକ୍ଟର ହିତେଶ୍ କୁମାର ବେହେରା, ମହାବୀର ରୁଦ୍ର ନାରାୟଣ ସାହୁ ଜେଜେବି ମେମ୍ବର, ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଉମେଶ ଚନ୍ଦ୍ର ପାତ୍ର ଜିଆର୍‌ପି ଇନ୍ସପେକ୍ଟର, ପଲ୍ଲବୀ ସାହୁ ସହକାରୀ ଶ୍ରମ ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ସୁରକ୍ଷା ଅଧିକାରୀ ଶୁଭନାରାୟଣ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ବାଲିଅନ୍ତା ବ୍ଲକ୍ ବିଡିଓ ଭାବେ ବଦଳି ହୋଇଛନ୍ତି ଶୁଭ୍ରାଂଶୁ ଶେଖର ପାଢ଼ୀ। ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟରୁ ତାଙ୍କୁ ରିଲିଭ୍ ଅର୍ଡର ଦିଆଯାଇଛି। ଶ୍ରୀ ପାଢ଼ୀ ଦୀର୍ଘ ୬ ବର୍ଷ ହେବ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଓଏସ୍‌ଡି ଭାବେ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନା କରିଥିଲେ।

# ବ୍ଲକ୍ ସମ୍ମୁଖରେ ମିଶନ ଶକ୍ତି ମହିଳାଙ୍କ ବିକ୍ଷୋଭ

ପୁରୀ,୨୩।୯ (ସମିସ): ଅଲ୍ ଓଡ଼ିଶା ଜିପିଏଲ୍‌ଏଫ୍ ମିଶନ ଶକ୍ତି ମହିଳା ସଂଘ ପକ୍ଷରୁ ବିଭିନ୍ନ ଦାବିରେ ସଦର ବ୍ଲକ୍ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ବିଭିନ୍ନ ବ୍ଲକ୍‌ରେ ଶତାଧିକ ମହିଳା ମିଶନ ଶକ୍ତିରେ କାର୍ଯ୍ୟ କରୁଛନ୍ତି। ହେଲେ ପରିତାପର ବିଷୟ ୬ ମାସ ହେବ ମିଶନ ଶକ୍ତିରେ କାର୍ଯ୍ୟରତ କୌଣସି କର୍ମଚାରୀଙ୍କୁ ଦରମା ଦିଆଯାଇନାହିଁ। ଏନେଇ ଜିଲ୍ଲାପାଳ, ମନ୍ତ୍ରୀଙ୍କୁ ବାରମ୍ବାର ପ୍ରାପ୍ୟ ପ୍ରଦାନ ପାଇଁ ଅନୁରୋଧ କରାଯାଇଛି। ମାତ୍ର ସେମାନଙ୍କ କଥାକୁ କର୍ଣ୍ଣପାତ କରାଯାଉନାହିଁ। ତେଣୁ ମହିଳାମାନେ ସମବେତ ହୋଇ ସଦର ବ୍ଲକ୍ ଘେରଉ କରିଥିଲେ। ସେମାନଙ୍କ ପ୍ରାପ୍ୟ ଦିଆ ନ ଗଲେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି।

### ଆଜିଠୁ ଜୁନିୟର ଜାତୀୟ ଥ୍ରୋ ବଲ୍ ଚାମ୍ପିଅନସିପ୍

# ଓଡ଼ିଶା ଦଳର କର୍ଣ୍ଣାଟକ ଯାତ୍ରା

ପୁରୀ,୨୩।୯ (ସମିସ): ଚଳିତ ମାସ ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ କର୍ଣ୍ଣାଟକର ବେଙ୍ଗାଲୁରୁସ୍ଥିତ ନାଳନ୍ଦା ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ଠାରେ ଅନୁଷ୍ଠିତ ହେବାକୁ ଯାଉଛି ୩୫ତମ ଜୁନିୟର ଜାତୀୟ ଥ୍ରୋ ବଲ୍ ଚାମ୍ପିଅନସିପ୍। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ ବେଙ୍ଗାଲୁରୁ ଯାତ୍ରା କରିଛନ୍ତି। ମହିଳା ଦଳର କୋଚ୍ ପ୍ରିୟଙ୍କା ବିଶ୍ୱାଳ ଓ ମ୍ୟାନେଜର ସୁଧା ସିନ୍ଧୁ ସାହୁ ଓ ପୁରୁଷ ଦଳର କୋଚ୍ ଭାବେ ସୁଶାନ୍ତ ଦାସ ଓ ମ୍ୟାନେଜର ଦୀପ୍ତିରଞ୍ଜନ ସାମନ୍ତରାୟଙ୍କ ସମେତ ଉଭୟ ପୁରୁଷ ଓ ମହିଳା ଦଳର ୨୪ ଜଣ ଖେଳାଳି ଏଥିରେ ଭାଗ ନେଇଛନ୍ତି। ଏ ନେଇ ସେମାନଙ୍କୁ ଓଡ଼ିଶା ଥ୍ରୋ ବଲ୍ ଆସୋସିଏସନ ତରଫରୁ ସଭାପତି ଭୂପିନ୍ଦର ସିଂ, ସମ୍ପାଦକ ଜିତେନ୍ଦ୍ର ନାଥ ଦାସ ଓ ସହ ସମ୍ପାଦକ ଯଶୋବନ୍ତ ପରମଗୁରୁ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରତିଯୋଗିତାରେ ସେମାନେ କିପରି ଭଲ ପ୍ରଦର୍ଶନ କରିବେ ସେ ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

### ଖଟଶେଯ ଘରେ ପଡ଼ିଲା ରକ୍ତ

# ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୨୩।୯ (ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଖଟଶେଯ ଘରେ ରକ୍ତ ପଡ଼ିଥିବାରୁ ଏହି ବଡ଼ ମହାସ୍ନାନ କରାଯାଇଛି। ତେବେ ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତି ବିଳମ୍ବ ହୋଇଛି। ମଙ୍ଗଳବାର ଅପରାହ୍ଣ ପ୍ରାୟ ସାଢ଼େ ୩ଟା ସମୟରେ ଖଟଶେଯ ଘର ମରାମତି କରାଯାଉଥିଲା। ତେବେ ହାତୁଡ଼ିଟି ଖସିଯିବାରୁ ମରାମତି କରୁଥିବା ବ୍ୟକ୍ତିଙ୍କ ଗୋଡ଼ ନଖରେ ବାଜିଥିଲା। ଫଳରେ ରକ୍ତସ୍ରାବ ହୋଇଥିଲା। ଖଟଶେଯ ଘରେ ରକ୍ତ ପଡ଼ିବାରୁ ସେଠାରେ ନୀତି ଅଟକାଯାଇ ମହାସ୍ନାନ ବିଧି ଆରମ୍ଭ ହୋଇଥିଲା। ବନ୍ଦ ରହିଥିଲା ସର୍ବସାଧାରଣ ଦର୍ଶନ। ରତ୍ନସିଂହାସନଠାରୁ ଜୟବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୂନପାଣି ପଡ଼ିଥିଲା। ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ମହାସ୍ନାନ ପୂଜା ବଢ଼ିବା ପରେ ଆରମ୍ଭ ହୋଇଥିଲା ନୀତିକାନ୍ତି। ଏହାପରେ ଭକ୍ତମାନଙ୍କ ଦର୍ଶନ ପୁଣି ସ୍ୱାଭାବିକ ହୋଇଥିଲା। ଏହି ମହାସ୍ନାନ ପାଇଁ ପ୍ରାୟ ଦେଢ଼ ଘଣ୍ଟାରୁ ଉର୍ଦ୍ଧ୍ୱ ନୀତିକାନ୍ତି ବିଳମ୍ବ ହୋଇଥିଲା। ଏହି ବିଳମ୍ବ ଅନ୍ୟାନ୍ୟ ନୀତିକୁ ମଧ୍ୟ ପ୍ରଭାବିତ କରିଥିଲା।

# କଳା ଓ କ୍ରୀଡ଼ା ଶିକ୍ଷକଙ୍କ ପୁରୀରୁ ଭୁବନେଶ୍ୱର ପଦଯାତ୍ରା



ପୁରୀ,୨୩।୯ (ସମିସ): ମଙ୍ଗଳବାର ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘର ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ଭୁବନେଶ୍ୱର ଅଭିମୁଖେ ପଦଯାତ୍ରା ଆରମ୍ଭ ହୋଇଛି। ଦିନ ୧୦ଟାରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ତାଙ୍କର ଆଜ୍ଞାମାଳ ପାଇ ପ୍ରଭୁଙ୍କ ଫଟୋଚିତ୍ର ଧାରଣ କରି ନିଜର ନ୍ୟାର୍ଯ୍ୟଦାବି ପାର୍ଟ ଟାଇମ୍ ଭଳି କୁତ୍ସିତ ପ୍ରଥାକୁ ଉଚ୍ଛେଦ କରି ନିୟମିତ ହେବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ସହିତ ସାକ୍ଷାତ୍ ଆଲୋଚନା ଉଦ୍ଦେଶ୍ୟରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରି ସନ୍ଧ୍ୟାରେ ଚନ୍ଦନପୁରଠାରେ ପହଞ୍ଚିଛନ୍ତି। ଏହି ପଦଯାତ୍ରାରେ ରାଜ୍ୟର ସମସ୍ତ ଜିଲ୍ଲାରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରାୟ ୧ହଜାର କଳା ଓ କ୍ରୀଡ଼ା ପ୍ରଶିକ୍ଷକ-ପ୍ରଶିକ୍ଷିକା ସାମିଲ୍ ହୋଇଥିଲେ ବୋଲି ମହାସଂଘର ସଭାପତି ପାଣ୍ଡବ ବିଶି ଓ ସାଧାରଣ ସମ୍ପାଦକ ଧର୍ମେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ବୁଧବାର ଆହୁରି ହଜାର ହଜାର ପ୍ରଶିକ୍ଷକ-ପ୍ରଶିକ୍ଷିକା ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ପୁରୀ ଫଟୋ ଫ୍ରିଲାନ୍ସ କ୍ଲବ୍‌ର ବାର୍ଷିକ ଉତ୍ସବ

ପୁରୀ,୨୩।୯ (ସମିସ): ପୁରୀ ଫଟୋ ଫ୍ରି ଲାନ୍ସ କ୍ଲବ୍‌ର ବାର୍ଷିକ ଉତ୍ସବ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହାର ପ୍ରଥମ ଅଧିବେଶନରେ ଏକ ଫଟୋ ଓ ଭିଡିଓଗ୍ରାଫି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଫଟୋଗ୍ରାଫରଙ୍କୁ ନୂତନ ଟେକ୍ନୋଲୋଜି ମାଧ୍ୟମରେ ଶିକ୍ଷା ପ୍ରଦାନ କରାଯାଇଥିଲା। ଏହାର ଦ୍ୱିତୀୟ ଅଧିବେଶନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସୋନିର ସିଦ୍ଧାର୍ଥ ମହାପାତ୍ର, ପୁରୀ ଫଟୋ ଆଣ୍ଡ ଭିଡିଓ ଟ୍ରେଡର୍ସ ଆସୋସିଏସନର ସଭାପତି ରବି ନାରାୟଣ ମହାନ୍ତି, ବରିଷ୍ଠ ଫଟୋଗ୍ରାଫର ମନୋରଞ୍ଜନ ରାଉତରାୟ, ବରିଷ୍ଠ ଭିଡିଓଗ୍ରାଫର ପ୍ରତାପ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଫଟୋଗ୍ରାଫି ମାଧ୍ୟମରେ ଅତୁଳନୀୟ ଅବଦାନ ପାଇଁ ରାଜେନ୍ଦ୍ର ମହାପାତ୍ର, ଭିଡିଓଗ୍ରାଫି ମାଧ୍ୟମରେ ଅତୁଳନୀୟ ଅବଦାନ ପାଇଁ ବିଷ୍ଣୁ ପ୍ରସାଦ ମହାପାତ୍ରଙ୍କୁ ଆଜୀବନ ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ରବି ନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।





### ନିଖୋଜଙ୍କ ଉଦ୍ଧାର ଅଭିଯାନ

# ୨ ନାବାଳିକାଙ୍କୁ ସୁରକ୍ଷିତ ଉଦ୍ଧାର କଲା ପୁଲିସ

ପୁରୀ,୨୩।୯ (ସମିସ): ଜିଲ୍ଲାରେ ଆଇନଶୃଙ୍ଖଳା ରକ୍ଷା ଏବଂ କୌଣସି ପ୍ରକାର ଅପରାଧମୂଳକ ଘଟଣା ଯେପରି ନ ଘଟିବ ସେଥିଲାଗି ପୁରୀ ପୁଲିସ ପକ୍ଷରୁ ଆରମ୍ଭ କରାଯାଇଛି 'ଅପରେସନ ଚକ୍ର'। ଏଥିରେ ଅପରାଧୀଙ୍କୁ ସାବାଡ଼ କରାଯିବା ସହ ବେଆଇନ ନିଶା କାରବାର କରୁଥିବା ଅଭିଯୁକ୍ତଙ୍କୁ କାବୁ କରାଯାଉଛି। ବେଆଇନ ଗାଡ଼ି ଚାଳକଙ୍କଠାରୁ ଜରିମାନା ଆଦାୟ ହେଉଛି। ଏହାରି ଭିତରେ ଜିଲ୍ଲାବ୍ୟାପୀ ପୁଲିସ ଆଉ ଏକ ସ୍ୱତନ୍ତ୍ର ଅଭିଯାନ 'ମିସିଂ ପର୍ସନ ରେସ୍କ୍ୟୁ ଡ୍ରାଇଭ୍' ଚଳାଇଛି। ଏହି ଅଭିଯାନରେ ଦୁଇଜଣ ନାବାଳିକାଙ୍କୁ ସଫଳତାର ସହ ଉଦ୍ଧାର କରିଛି ପୁଲିସ।

ସୂଚନା ଅନୁସାରେ, ଗତ ୧୯ ତାରିଖ ସନ୍ଧ୍ୟା ୫ଟା ୩୦ରେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ରାମଚଣ୍ଡୀ ସାହିର ଜଣେ ନାବାଳିକାକୁ ଅଜଣା ବ୍ୟକ୍ତି ରେଡ୍‌କ୍ରସ ରୋଡ୍‌ରୁ ଅପହରଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା।

ଏ ନେଇ ପୁଲିସ ଏକ ମାମଲା (ନଂ.୪୩୯/୨୫) ରୁଜୁ କରି ଉଦ୍ଧାର ପାଇଁ ଉଦ୍ୟମ ଚଳାଇଥିଲା। ମଙ୍ଗଳବାର ଗଞ୍ଜାମ ଜିଲ୍ଲା ରମ୍ଭା ଅଞ୍ଚଳରୁ ସମ୍ପୃକ୍ତ ନାବାଳିକାକୁ ସୁରକ୍ଷିତ ଉଦ୍ଧାର କରିଛି ପୁଲିସ। ସେହିପରି ଗତ ୨୦ ତାରିଖରେ ବ୍ରହ୍ମଗିରି ଥାନାରେ ଜଣେ ନାବାଳିକାକୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ପୁଲିସ ଏକ ମାମଲା (ନଂ.୩୮୨/୨୫) ରୁଜୁ କରି ତଦନ୍ତ ଚଳାଇଥିଲା। ମଙ୍ଗଳବାର ବ୍ରହ୍ମଗିରି ଥାନା ମହିଷା କୃଷ୍ଣପ୍ରସାଦ ଅଞ୍ଚଳରୁ ନିଖୋଜ ନାବାଳିକାକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏ ସମ୍ପର୍କରେ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିବା ପାଇଁ ପୁଲିସ ପକ୍ଷରୁ ନିରନ୍ତର ଉଦ୍ୟମ ଚାଲିଛି। ଯଦି କୌଣସି ନିଖୋଜ୍ ସମ୍ବନ୍ଧିତ ସୂଚନା ମିଳେ ତବେ ନିକଟସ୍ଥ ଥାନା କିମ୍ବା ୧୧୨କୁ କଲ୍ କରିବା ପାଇଁ ଏସ୍‌ପି ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

# ହୋଟେଲରୁ ମୋବାଇଲ୍, ଟଙ୍କା ଚୋରି କରି ବନ୍ଧାହେଲେ

ପୁରୀ,୨୩।୯ (ସମିସ): ହୋଟେଲ ଭିତରେ ପଶି ମୋବାଇଲ୍ ଫୋନ୍ ଏବଂ ଟଙ୍କା ଚୋରି କରିବା ଅଭିଯୋଗରେ ଜଣଙ୍କୁ ବାନ୍ଧିଛି ବଳିଆପଣ୍ଡା ଥାନା ପୁଲିସ। ଅଭିଯୁକ୍ତ ହେଲେ ଆନ୍ଧ୍ରପ୍ରଦେଶ କାକିନାଡ଼ାର କୀର୍ଥୀ ଶିବା (୩୦)। କୀର୍ଥୀ ସୋମବାର ବଳିଆପଣ୍ଡାରେ ଥିବା ହୋଟେଲ ଶ୍ରୀହରି ଭିତରେ ପଶି ଗୋଟିଏ ମୋବାଇଲ୍ ଫୋନ୍ ଏବଂ ୨ ହଜାର ଟଙ୍କା ଥିବା ମନିପର୍ସକୁ ଚୋରି କରିଥିଲେ। ହୋଟେଲ ମ୍ୟାନେଜର ରବୀନ୍ଦ୍ରନାଥ ନନ୍ଦ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା (ନଂ.୧୭୭/୨୫) ରୁଜୁ କରି ଅଭିଯୁକ୍ତ କୀର୍ଥୀକୁ ଗିରଫ କରିଥିଲା। ମଙ୍ଗଳବାର ତାକୁ କୋର୍ଟଚାଲାଣ କରାଯାଇଥିବାବେଳେ ମୋବାଇଲ ଫୋନ ଏବଂ ମନିପର୍ସ ଜବତ କରାଯାଇଛି।

# ଶ୍ରୀବରାଳ ବାଲୁଙ୍କେଶ୍ୱରଙ୍କ ବିଭୂତିଖନନ ଉତ୍ସବ



ସାକ୍ଷୀଗୋପାଳ,୨୩।୯ (ସମିସ): ମଙ୍ଗଳବାର ପବିତ୍ର ଆଶ୍ୱିନ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଶ୍ରୀବରାଳ ବାଲୁଙ୍କେଶ୍ୱରଦେବଙ୍କ ବିଭୂତିଖନନ ଉତ୍ସବ ପାଳନ କରାଯାଇଥିଲା। ସକାଳ ୫ଟାରେ ଶ୍ରୀଜୀଉଙ୍କ ଦ୍ୱାରା ପିଠା ନୀତି ୫ଟା ୩୦ରେ ଆଳତି ମଇଲମ୍ କରାଯାଇ ୬ଟା ୨୦ରେ ସୂର୍ଯ୍ୟ ପୂଜା ଓ ୬ଟା ୩୦ରେ ଶ୍ରୀଜୀଉଙ୍କ ବଲ୍ଲଭ ନୀତି କରାଯାଇଥିଲା। ଅମୃତ ବେଳା ସକାଳ ୭ଟା ୩୦ରେ ଶ୍ରୀଜୀଉଙ୍କ ସମସ୍ତ ସେବାୟତ ମା' ଦୁର୍ଗାଙ୍କ ପାଖରେ ଅଧିଆ ପଡ଼ି ଶ୍ରୀଜୀଉଙ୍କ ପଞ୍ଜିକାର ମନ୍ତ୍ର ଉଚ୍ଚାରଣ କରି ମା' ଦୁର୍ଗାଙ୍କଠାରୁ ମାଳ ନେଇ ବିଭୂତିବାଟିକା ଅଭିମୁଖେ ବାଜା, ଘଣ୍ଟ, କାହାଳୀ, ଛତ୍ର ଓ ତ୍ରାସ ନେଇ ସମସ୍ତ ସେବାୟତ ଗୋଟେ ଟୋକେଇ ଓ ଖଣ୍ଡେ ଶାବଳ ଧରି ବିଭୂତିଖନନ ପାଇଁ ଯାତ୍ରା କରିଥିଲେ। ଏହା ବରାଳ ବାଲୁଙ୍କେଶ୍ୱରଙ୍କ ସେବାୟତ ସଂଘ ସମ୍ପାଦକ ସୁବାସ ଚନ୍ଦ୍ର ମହାପାତ୍ର ଓ ପ୍ରଶାସନ ସହଯୋଗରେ କରାଯାଇଥିଲା।

### ଚିତ୍ରକଳା ପ୍ରତିଯୋଗିତା

# ଚିତ୍ରଶିଳ୍ପୀଙ୍କ ଚିନ୍ତା ଓ ଚେତନା ଅନନ୍ୟ

ପୁରୀ,୨୩।୯ (ସମିସ): ସେବା ପକ୍ଷ ଅବସରରେ ପୁରୀ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ଓ ଲଳିତ କଳା ଏକାଡେମୀର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଏକ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୨୦୪୭ ବିକଶିତ ଭାରତର ପରିକଳ୍ପନା ଶୀର୍ଷକ ଏହି ପ୍ରତିଯୋଗିତା ସଂସ୍କୃତି ଭବନସ୍ଥିତ ଲଳିତ କଳା ଏକାଡେମୀ ଗ୍ୟାଲେରୀରେ ଅନୁଷ୍ଠିତ ହୋଇଥିଲା। ଏହି ଚିତ୍ରକଳା ପ୍ରତିଯୋଗିତା ଓ ପ୍ରଦର୍ଶନୀକୁ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଉଦ୍‌ଘାଟନ କରିବା ସହ ପ୍ରତ୍ୟେକ କଳାକାର ନିଜର ସୃଜନଶୀଳତା ଓ ଭାବନାକୁ କାନ୍‌ଭାସରେ ଲିପିବଦ୍ଧ କରି ସମାଜକୁ ବାର୍ତ୍ତା ଦେଇଥା'ନ୍ତି ବୋଲି କହିଥିଲେ। କଳାକାରଟିଏ ଦ୍ୱିତୀୟ ଈଶ୍ୱର ପରି ନିଜ କଳା ମାଧ୍ୟମରେ ଯେଉଁ ସୃଷ୍ଟି କରିଥା'ନ୍ତି ତାହା ତାଙ୍କୁ ପରିଚୟ ଦେଇଥାଏ। ଏହି ଅବସରରେ ସେ ସମସ୍ତ ଚିତ୍ରଶିଳ୍ପୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ କାଶିନାଥ ଖୁଣ୍ଟିଆ କଳାକାରଟିଏ ନିଜର ଚିନ୍ତା ଓ ଚେତନାକୁ ଜାଗ୍ରତ କରି ଯେଉଁ ସୃଷ୍ଟି କରେ ତାହା ଅନନ୍ୟ ବୋଲି କହିବା ସହ ଭାବନାତ୍ମକ ଚିନ୍ତନର ସୁନ୍ଦର ପ୍ରତିଫଳନ ଏହି ଚିତ୍ରକଳା ବୋଲି ସେ କହିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ବସନ୍ତ କୁମାର ପ୍ରଧାନ, ପୁରୀ ଲଳିତ କଳା ଏକାଡେମୀର ତତ୍ତ୍ୱାବଧାରକ ସତ୍ୟ ନାରାୟଣ ପାଢ଼ୀ ପ୍ରମୁଖ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାର ଶ୍ରେଷ୍ଠ ତିନି କଳା କୃତି ଓ ପୂର୍ବରୁ ଅନୁଷ୍ଠିତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଚିତ୍ରକଳା ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରକୁ ପ୍ରେରଣ କରାଯିବ ବୋଲି ସଂସ୍କୃତି ଅଧିକାରୀ ସୂଚନା ଦେଇଛନ୍ତି।




GANDHI +2 SCIENCE COLLEGE

Walk-in-Interview Date : 26 & 27/09/2025, 08 & 13/10/2025 Time : 10 AM

| POST | QUALIFICATION | EXPERIENCE | AGE LIMIT |
|---|---|---|---|
| Data Entry Operator (2-M/F) | Min. Graduation/ MCA | Min. 2 yrs | 25-40 yr. |
| Accountant (2-M/F) | Min. Graduation | Min. 3 yrs | 30-50 yr. |
| Admission Counsellor (2-M/F) | Min. Graduation/MBA | Min. 3 yrs | 25-40 yr. |
| Front Office Executive (2-M/F) | Min. Graduation/MBA | Min. 2 yrs | 25-40 yr. |
| Admission In charge (2-M/F) | Min. Graduation | Min. 3 yrs | 30-45 yr. |
| Marketing Executive (5-M/F) | Min. Graduation | Min. 2 yrs | 25-50 yr. |
| Academic Co-ordinator (2-M/F) | Min. Graduation | Min. 2 yrs | 25-40 yr. |
| Senior Management Staff (3-M/F) | Min. Graduation | Min. 5 yrs | 35-50 yr. |
| Junior Lect. (All Department) | Min. P.G | Min. 2 yrs | 25-30 yr. |
| Telecaller (2-F) | Min. Graduation | Min. 1 yr | 25-40 yr. |
| Hostel Warden (4-M/F) | Min. +2 | Min. 2 yrs | 30-50 yr. |
| Cook & Helper (4-M) | | | |
| Driver (2-M) | Should have Licence | | |

Send your Bio-Data By Whatsapp/ By Hand & Come for Interview

Call & Whatsapp : 9439363437, 8144040281

Shantikanan Lane, Mallikashpur, Balasore | New Campus : Tarini Chhak, Mathasahi Near Nayanakumari School, Balasore

# ସମ୍ପାଦକୀୟ



ପଡ଼ୋଶୀର ଉନ୍ନତି ପ୍ରତି ଅଧିକ ଯତ୍ନବାନ ହେବା ଆବଶ୍ୟକ।
-ମଦର ଟେରେସା

ସକାଳ
THE SAKALA

## ନବୀନ-ଅର୍ଥନୀତି

ଗତ ପ୍ରାୟ ଦଶ ବର୍ଷ(୨୦୧୩-୧୪ ରୁ ୨୦୨୨-୨୩ ଆର୍ଥିକ ବର୍ଷ) ଭିତରେ ୨୮ଟି ରାଜ୍ୟର ସାମଗ୍ରିକ ସରକାରୀ ଋଣ ପରିମାଣ ପ୍ରାୟ ୫୯.୬୦ ଲକ୍ଷ କୋଟି ଟଙ୍କାରେପହଞ୍ଚିଛି। ଅର୍ଥାତ୍ ତିନି ଗୁଣରୁ ଅଧିକ ହାରରେ ବଢ଼ିଛି। ରାଜ୍ୟ ଅର୍ଥସଚିବମାନଙ୍କର ଜାତୀୟସ୍ତରୀୟ ସମ୍ମିଳନୀରେ ଏହି ଉଦ୍‌ବେଗଜନକ ସୂଚନା ଦେଇଛନ୍ତି ସିଏଜି। ଦେଶରେ ପ୍ରଥମ ଥର ପାଇଁ ହୋଇଥିବା ଏଭଳି ସମୀକ୍ଷା ଆଧାରିତ ସୂଚନା ଅନୁଯାୟୀ ଏହି ସାମଗ୍ରିକ ଋଣ ପରିମାଣ ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି) ର ପାଖାପାଖି ୨୩%। ଅଣ ଋଣ ଓ ରାଜସ୍ୱର ୧୫୦ ପ୍ରତିଶତ। ଏତେ ବିଶାଳ ଋଣ ଭାରରେ ଅର୍ଥନୈତିକ ଅଭିବୃଦ୍ଧିର ଯେଉଁ ଚିତ୍ର ପ୍ରଦର୍ଶିତ ହେଉଛି ତାହାର ସମାବେଶୀ ପ୍ରଭାବକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। କିନ୍ତୁ ଏହି ରିପୋର୍ଟ ମଧ୍ୟରେ ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଋଣ-ଜିଏସ୍‌ଡିପି ଅନୁପାତରେ ଓଡ଼ିଶା ସମଗ୍ର ଦେଶରେ ସବୁଠାରୁ କମ୍(୮.୪୫ ପ୍ରତିଶତ) ରହି ବିତ୍ତୀୟ ପରିଚାଳନାରେ ଶୀର୍ଷସ୍ଥାନ ହାସଲ କରିଛି। ଋଣ ପରିଚାଳନା କ୍ଷେତ୍ରରେ ପଞ୍ଜାବ(୪୦.୩୫%), ପଶ୍ଚିମବଙ୍ଗ(୩୩.୭୦) ଓଡ଼ିଶାଠାରୁ ବହୁ ପଛରେ ରହିଛନ୍ତି।

ଋଣ ପରିଚାଳନା ନିୟମ ଅନୁଯାୟୀ କେବଳ ନିବେଶ କିମ୍ବା ପୁଞ୍ଜି ବ୍ୟୟ ପାଇଁ ଋଣ କରାଯିବା ଉଚିତ। ଓଡ଼ିଶା ଏ କ୍ଷେତ୍ରରେ ଯଥେଷ୍ଟ ସଂଯମ ଅବଲମ୍ବନ କରି ନୀତି ନିୟମର ଅନୁପାଳନ ଦ୍ୱାରା ରାଜସ୍ୱ ବଳକା ରାଜ୍ୟ ଭାବେ ଦେଶରେ ତୃତୀୟ ସ୍ଥାନ ହାସଲ କରିପାରିଛି। ବିଗତ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଗରିବ ରାଜ୍ୟର କଳଙ୍କିତ ଟିକା ପିନ୍ଧିଥିବା ଓଡ଼ିଶାର ଏହି ଈର୍ଷଣୀୟ ସଫଳତା କେବଳ ସମ୍ଭବ ହୋଇପାରିଛି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପରିଚାଳିତ ବିଜେଡି ସରକାରଙ୍କ ବିତ୍ତୀୟ ପରିଚାଳନାରେ ବିଚକ୍ଷଣତା ଯୋଗୁଁ। ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଓଡ଼ିଶାକୁ ଏକ ଦ୍ରୁତପ୍ରଗତିଶୀଳ ରାଜ୍ୟ ଭାବରେ ପରିଗଣିତ କରିବା ଏତେ ସହଜ ନଥିଲା। ନବୀନ ବାବୁଙ୍କ ଦୂରଦର୍ଶୀ ବିତ୍ତୀୟ ପରିଚାଳନା ଓ ସଂଯମ ଯୋଗୁଁ ଋଣ ପରିମାଣ ଧାର୍ଯ୍ୟ ଅନୁପାତର ଲକ୍ଷଣରେଖା ମଧ୍ୟରେ ରହିପାରିଛି ଏବଂ ଆର୍ଥିକ ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇଛି। ଏପରିକି ରାଜ୍ୟର ଜିଡିପି ଏକଦା ଜାତୀୟ ହାରକୁ ଟପିପାରିଛି। ପ୍ରଗତିଶୀଳ ଓଡ଼ିଶାର ବିବର୍ତ୍ତନର ଇତିହାସରେ ବିକାଶର ବିନ୍ଧାଣୀ ନବୀନ ପଟ୍ଟନାୟକଙ୍କ ଅର୍ଥନୀତି ଏକ ସ୍ୱର୍ଣ୍ଣିମ ଅଧ୍ୟାୟ- ଏହା ବିରୋଧୀ ମଧ୍ୟ ସ୍ୱୀକାର କରିବେ।

## ଶିକ୍ଷାକୁ 'ନା', ମଦକୁ 'ହଁ'

ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟାରେ ଜାତୀୟଶିକ୍ଷା ଶିକ୍ଷକ ପରିଷଦ ଦ୍ୱାରା ଧାର୍ଯ୍ୟ ମାନଦଣ୍ଡ ପୂରଣ କରି ନ ଥିବା କାରଣରୁ ଓଡ଼ିଶାର ଗୋଟିଏ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ (ବିଇଡି କଲେଜ୍) ର ସ୍ୱୀକୃତି ପ୍ରତ୍ୟାହାର ପାଇଁ ସୁପାରିସ କରାଯାଇଥିବା ବେଳେ ସମାନ କାରଣରୁ ରାଜ୍ୟର ସମସ୍ତ ୧୬ଟି ବିଇଡି କଲେଜ ଏବଂ ସେଥିରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ସେଥିମଧ୍ୟରୁ ଆଠଟି କଲେଜ୍‌କୁ କାରଣଦର୍ଶାଅ ନୋଟିସ୍ ଜାରି ହୋଇସାରିଥିବାରୁ ଆସନ୍ତା ଶିକ୍ଷାବର୍ଷରୁ ସେଠାରେ ନାମଲେଖା ଅନିଶ୍ଚିତ ହୋଇପଡ଼ିଛି। ବିଦ୍ୟାଳୟଗୁଡ଼ିକ ଶିକ୍ଷାମନ୍ଦିର ଓ ମଣିଷ ତିଆରି କାରଖାନା ଭାବେ ବିଦିତ। ତେଣୁ ମଣିଷଙ୍କୁ ତିଆରି କରୁଥିବା ଯନ୍ତ୍ର(ଶିକ୍ଷକ/ଶିକ୍ଷୟିତ୍ରୀ) ଯଦି ସୃଷ୍ଟି ନ ହେବେ ମଣିଷ ତିଆରି କରିବ କିଏ?

ଆମ ରାଜ୍ୟରେ ଛାତ୍ର-ଶିକ୍ଷକ ଅନୁପାତ ନୈରାଶ୍ୟଜନକ। ଏଭଳି ସ୍ଥିତିରେ ଯଦି ଗୋଟିଏ ପରେ ଗୋଟିଏ ବିଇଡି କଲେଜ୍ ବନ୍ଦ ହୋଇଯାଏ, ତେବେ ମଣିଷ ତିଆରି କାରଖାନାରୁ ସୃଷ୍ଟ ଉତ୍ପାଦମାନେ କେତେ ସାମାଜିକ ତତ୍ତ୍ୱ ପଦବାଚ୍ୟ ହେବେ ତାହା ଅନୁମାନସାପେକ୍ଷ। ଅପରପକ୍ଷରେ ବନ୍ଦ ପଡ଼ିଥିବା ୭୦ଟି ଅତିରିକ୍ତ ମଦଦୋକାନ ଖୋଲିବା ପାଇଁ ରାଜ୍ୟ ସରକାର ଅନୁମତି ଦେଇଥିବା ବେଳେ ଚାରିଟି ମଦ ତିଆରି କାରଖାନା ପ୍ରତିଷ୍ଠା ପ୍ରସ୍ତାବ ବିଚାରାଧୀନ ଥିବା ବିଧାନସଭାରେ ସୂଚନା ଦେଇଛନ୍ତି।

ଉପରୋକ୍ତ ଦୁଇ ସ୍ୱର୍ଶକାତର ପ୍ରସଙ୍ଗକୁ ଏକାଠି ତର୍ଜମା କଲେ ଆଗାମୀ ଦିନରେ ରାଜ୍ୟରେ ସାମାଜିକ ସ୍ଥିତି କେତେ ସମ୍ବେଦନଶୀଳ ଓ ଉଦ୍‌ବେଗଜନକ ହେବାକୁ ଯାଉଛି ତାହା କେତେକାଂଶରେ ସ୍ପଷ୍ଟ ହେବ। ହୁଏତ ପ୍ରସ୍ତାବିତ ମଦ କାରଖାନା ଓ ମଦ ଦୋକାନ ପାଇଁ ବିଶେଷ ଗ୍ରାହକ ସମସ୍ୟା ସୃଷ୍ଟି ହେବନାହିଁ। କାରଣ ବିନା ଶିକ୍ଷକରେ ମଣିଷ ତିଆରି କାରଖାନାରୁ ଯେଉଁ ଉତ୍ପାଦମାନେ ବାହାରିବେ ସେମାନେ ଅଚିରେ କ୍ରମବର୍ଦ୍ଧିଷ୍ଣୁ ମଦ କାରଖାନା ଓ ଦୋକାନଗୁଡ଼ିକର ଗ୍ରାହକ ହୋଇଯିବେ। ସାମାଜିକ ଶାନ୍ତି ଓ ସ୍ଥିରତାରେ ସେହି ଗ୍ରାହକମାନଙ୍କର ଅବଦାନ କ'ଣ ହେବ ତାହା ବୁଝାଇ କହିବା ଅନାବଶ୍ୟକ। ଶିକ୍ଷା ଏକ ଜଞ୍ଜାଳମୟ ଓ ସମସ୍ୟାବହୁଳ କ୍ଷେତ୍ର(ରୁଗ୍‌ଣ ଶିଳ୍ପ)। ଶିକ୍ଷକ ବିନା ଛାତ୍ରଛାତ୍ରୀ ସ୍କୁଲ୍ ନ ଆସିଲେ ସେଗୁଡ଼ିକ ଆପେ ବନ୍ଦ ହୋଇଯିବ ଏବଂ ସେ ବାବଦ ଅର୍ଥ ଚିନ୍ତାରୁ ସରକାର ଅନ୍ତତଃ ମୁକ୍ତ ହୋଇପାରିବେ। ଅପରପକ୍ଷେ ମଦ ଦୋକାନ ଓ କାରଖାନାର ରାଜସ୍ୱରେ ରାଜକୋଷ ପୁଷ୍କଳ ହେବା ନିଶ୍ଚିତ। ତେଣୁ ଉପରୋକ୍ତ ଚତୁର ଓ ଅଭିନବ ସାମାଜିକ-ଅର୍ଥନୈତିକ ସମୀକରଣରେ ସରକାରଙ୍କୁ ଦୁଇ ପଟୁ ଫାଇଦା ହେବ ଏବଂ ଓଡ଼ିଶା ଏକ ରାଜସ୍ୱ ବଳକା ରାଜ୍ୟ ହୋଇପାରିବ। ତେବେ ଏହା କ'ଣ ୨୦୩୬ର ବିକଶିତ ଓଡ଼ିଶାର ମୂଳଦୁଆ?

ଏହି ବ୍ୟଙ୍ଗଧର୍ମୀ ଉପସ୍ଥାପନା ଭିତରେ ଲୁଚି ରହିଥିବା ଗୂଢ଼ ସ୍ୱର୍ଶକାତର ସଙ୍କେତକୁ ନୀତି ନିର୍ଦ୍ଧାରକମାନେ ହୃଦୟଙ୍ଗମ କରନ୍ତୁ। ମାନଦଣ୍ଡ ସମ୍ପର୍କିତ ବିଷମ ପରିସ୍ଥିତିରୁ ବିଇଡି କଲେଜଗୁଡ଼ିକ ଏତେ ଶୀଘ୍ର ମୁକୁଳିବା ସହଜ ନୁହେଁ। ଏହି ଜଟିଳ ସମସ୍ୟାର ସମାଧାନ ପାଇଁ ସରକାରୀ ହସ୍ତକ୍ଷେପ ନିହାତି ଜରୁରୀ। ଡବଲ୍ ଇଞ୍ଜିନ୍ ସରକାରରେ ନୀତି ଓ ନିୟମ କୋହଳ କିମ୍ବା ପରିବର୍ତ୍ତନରେ ବିଶେଷ ଅସୁବିଧା ହେବନାହିଁ। ସରକାର ମଦ କାରଖାନା ଓ ମଦ ଦୋକାନ ଖୋଲିବା ନିଶାରୁ ମୁକୁଳି ସାମଗ୍ରିକ ଶିକ୍ଷା ବ୍ୟବସ୍ଥାର ସମସ୍ୟା ସମାଧାନ ଦିଗରେ ଦୃଷ୍ଟି ଦେବାକୁ ଅନୁରୋଧ। ସରକାରଙ୍କ ଏପରି ଅପରିଣାମଦର୍ଶୀ ନୀତି ରାଜ୍ୟର ଚପଳମତି କିଶୋରମାନଙ୍କୁ ପଥଭ୍ରଷ୍ଟ କରିବା ସହ 'ସର୍ବଶିକ୍ଷା ଅଭିଯାନ'ର 'ଚଲୋ ସ୍କୁଲ୍ ଚଲେ ହମ୍' ସ୍ଲୋଗାନ୍‌କୁ ଅର୍ଥହୀନ କରିବ। ଏଭଳି ଆଶଙ୍କିତ ପଦଧ୍ୱନି ଶୁଭିବା ପୂର୍ବରୁ ସରକାର ଆତ୍ମସମୀକ୍ଷା କରନ୍ତୁ। ସାମାଜିକ-ଅର୍ଥନୀତିରେ ଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରନ୍ତୁ। ମଦ କାରଖାନାର ତତ୍ପରତା ବନ୍ଦ ପଡ଼ିଥିବା ଚିନି ଓ ସୂତାକଳରେ ପ୍ରତିଫଳିତ ହେଲେ ଓଡ଼ିଶାର ଶିଳ୍ପାୟନ, ରୋଜଗାର ଓ ଅର୍ଥନୀତି ଗତିଶୀଳ ହେବ।

# ସାକ୍ଷର ଭାରତର ନବନିରକ୍ଷର

**ଡକ୍ଟର ପ୍ରଫୁଲ୍ଲ କୁମାର ସାହୁ**

ଦେଶକୁ ଶକ୍ତିଶାଳୀ କରିବା ପାଇଁ କେବଳ ଜନସଂଖ୍ୟା ନୁହେଁ, ଜନସଂଖ୍ୟାର ମସ୍ତିଷ୍କଶକ୍ତିର ଆବଶ୍ୟକତା ଅଧିକ। ମସ୍ତିଷ୍କଶକ୍ତି ନିର୍ଭର କରେ ଶିକ୍ଷା ଉପରେ। ଶିକ୍ଷାର ମୂଳଭିତ୍ତି ହେଉଛି ସାକ୍ଷରତା। ସାକ୍ଷରତା ଅର୍ଥ କେବଳ ପଢ଼ିବା ଓ ଲେଖିବାର ମୌଳିକ କ୍ଷମତା ନୁହେଁ, ସାକ୍ଷରତା ହେଉଛି ଜ୍ଞାନର ଦ୍ୱାର। ବିଭିନ୍ନ କ୍ଷେତ୍ରରେ ସୂଚନା ପ୍ରାପ୍ତି, ନିଷ୍ପତ୍ତି ନେବାର ସାମର୍ଥ୍ୟ, ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଂଶଗ୍ରହଣ ଓ ଆର୍ଥ-ସାମାଜିକ ସ୍ଥିତିରେ ଉନ୍ନତି ଆଣିବା କ୍ଷେତ୍ରରେ ସାକ୍ଷରତା ହେଉଛି ମାଧ୍ୟମ। ଶିକ୍ଷା, ରୋଜଗାର ଓ ଆତ୍ମବିଶ୍ୱାସ ବୃଦ୍ଧି ନିମନ୍ତେ ଏହା ଖୋଲିଦିଏ ପରିବର୍ତ୍ତନର ଦ୍ୱାର। ଅନ୍ୟପକ୍ଷରେ ନିରକ୍ଷର ଜାତି ପାଇଁ ପ୍ରଗତିର ସ୍ୱପ୍ନ ସର୍ବଦା ଅଧୁରା। ନିରକ୍ଷରତା ନିର୍ଦ୍ଦିଷ୍ଟ କୌଣସି ରାଷ୍ଟ୍ରର ସୀମା ମଧ୍ୟରେ ଆବଦ୍ଧ ନୁହେଁ, ଏହା ଏକ ବିଶ୍ୱବ୍ୟାପୀ ସମସ୍ୟା। ଏଥିରୁ ମୁକୁଳିବା ପାଇଁ ସର୍ବପ୍ରଥମେ ଗ୍ରେଟବ୍ରିଟେନରେ ପ୍ରୟାସ ଆରମ୍ଭ ହୋଇଥିଲା ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ। ଏହାକୁ ଅନୁକରଣ କରି ବିଶ୍ୱର ବିଭିନ୍ନ ଦେଶରେ ଆୟୋଜିତ ହେଲା ସାକ୍ଷରତା କାର୍ଯ୍ୟକ୍ରମ। ତେବେ ସାରାବିଶ୍ୱରେ ଏହା ଏକ ଆନ୍ଦୋଳନରେ ପରିଣତ ହୋଇ ପାରିଥିଲା ୟୁନେସ୍କୋ ପ୍ରତିଷ୍ଠା ହେବା ପରେ। ବିଶେଷ କରି ୧୯୪୯ ମସିହାରେ ଡେନମାର୍କର ଏଲସିନୋଠାରେ ଆୟୋଜିତ ୟୁନେସ୍କୋର ସ୍ୱତନ୍ତ୍ର ଅଧିବେଶନ ପରେ ବ୍ୟାପକ ହେଲା ସାକ୍ଷରତା ଅଭିଯାନ। ୧୯୬୫ ମସିହା ସେପ୍ଟେମ୍ବର ୮ ତାରିଖରେ ଇରାନର ରାଜଧାନୀ ତେହେରାନଠାରେ ଅନୁଷ୍ଠିତ ୟୁନେସ୍କୋ ସମ୍ମିଳନୀରେ ସେହି ଦିବସଟିକୁ 'ଆନ୍ତର୍ଜାତିକ ସାକ୍ଷରତା ଦିବସ' ଭାବେ ପାଳନ କରିବାକୁ ପ୍ରସ୍ତାବ ଗୃହୀତ ହେଲା ଏବଂ ଜାତିସଂଘର ଅନୁମୋଦନକ୍ରମେ ୧୯୬୬ ମସିହାରୁ ଏହା ପାଳିତ ହୋଇଆସୁଛି। ଇତିମଧ୍ୟରେ ପ୍ରାୟ ୫୦ ବର୍ଷ ଅତିକ୍ରାନ୍ତ ହୋଇସାରିଛି ଏବଂ ସାକ୍ଷରତା ଅଭିଯାନକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରି ପ୍ରାୟତଃ ଶତ ପ୍ରତିଶତ ସଫଳତା ହାସଲ କରିପାରିଛନ୍ତି ଆମେରିକା, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ ଓ ରୁଷିଆ ଆଦି ବିକଶିତ ରାଷ୍ଟ୍ର।

ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳନ ହେବାର ଗୋଟିଏ ଦଶନ୍ଧି ପରେ ଭାରତ ନିରକ୍ଷରତାକୁ ଏକ ଜାତୀୟ ସମସ୍ୟାଭାବେ ଗ୍ରହଣ କଲା ଏବଂ ୧୯୭୭ ମସିହା ଗାନ୍ଧୀ ଜୟନ୍ତୀ ଠାରୁ ଦେଶରେ ଆରମ୍ଭ ହେଲା ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ। ୧୯୮୬ ମସିହାରେ ଦେଶରେ ଜାତୀୟ ଶିକ୍ଷାନୀତି ଘୋଷଣା ହେବା ସହିତ ୨୦୦୦ ମସିହା ସୁଦ୍ଧା ଦେଶରୁ ନିରକ୍ଷରତା ବ୍ୟାଧିର ମୂଳୋତ୍ପାଟନ ପାଇଁ ଧାର୍ଯ୍ୟ ହେଲା ଲକ୍ଷ୍ୟ। ଏହାକୁ ଦୃଷ୍ଟିରେ ରଖି ୧୯୮୮ ମସିହାରୁ କାର୍ଯ୍ୟକାରୀ ହେଲା ଜାତୀୟ ସାକ୍ଷରତା ମିଶନ। ସାର୍ବଜନୀନ ଶିକ୍ଷାକୁ ଆହୁରି ବ୍ୟାପକ କରିବା ପାଇଁ ପ୍ରଣୟନ ହେଲା ସ୍ୱତନ୍ତ୍ର ଜାତୀୟ ଶିକ୍ଷାନୀତି। ୧୯୯୩ ମସିହାରେ ଏକ ଐତିହାସିକ ରାୟ ପ୍ରଦାନ କରି ମାଗଣାରେ ପାଠ ପଢ଼ି ଶିକ୍ଷିତ ହେବା ଏ ଦେଶର ସବୁ ପିଲାଙ୍କର ମୌଳିକ ଅଧିକାର ବୋଲି ଘୋଷଣା କଲେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ। ଏହାଦ୍ୱାରା ଆଇନର କାର୍ଯ୍ୟକାରିତା ତଥା ଲକ୍ଷ୍ୟ ହାସଲ ଦିଗରେ ପ୍ରକାଶ ପାଇଲା ତତ୍ପରତା। ମାତ୍ର ସବୁ ସତ୍ତ୍ୱେ ବି ଦେଶରୁ ହଟିଲାନି ନିରକ୍ଷରତା।

୧୯୪୭ ମସିହାରେ ଭାରତ ସ୍ୱାଧୀନତା ସମୟରେ ଆମର ସାକ୍ଷରତା ହାର ଥିଲା ୧୨ ଶତାଂଶ। ସାକ୍ଷରତା କ୍ଷେତ୍ରରେ ଗ୍ରାମୀଣ ଜନସଂଖ୍ୟା, ମହିଳା ଓ ଦଳିତ ଜାତିର ଲୋକଥିଲେ ବହୁ ପଛରେ। ତେଣୁ ଦେଶ ସ୍ୱାଧୀନ ହେବାର ବହୁ ପୂର୍ବରୁ ନିରକ୍ଷରତାକୁ ଏକ ମହାବ୍ୟାଧି ରୂପେ ଚିହ୍ନଟ କରିଥିଲେ ଜାତିର ଜନକ ମହାତ୍ମା ଗାନ୍ଧୀ। ଏହାର ନିରାକରଣ ପାଇଁ ନାରୀ ଶିକ୍ଷା ଓ ପ୍ରୌଢ଼ଶିକ୍ଷାକୁ ସେ ସ୍ଥାନ ଦେଇଥିଲେ ତାଙ୍କ ୧୮ ଦଫା ରଚନାତ୍ମକ କାର୍ଯ୍ୟକ୍ରମରେ। ସ୍ୱାଧୀନତା ପରେ ଆମ ସମ୍ବିଧାନର ୪୫ ଧାରା ଅନୁଯାୟୀ ୧୦ ବର୍ଷରୁ ୧୪ ବର୍ଷ ବୟସର ପିଲାଙ୍କୁ ମାଗଣାରେ ଶିକ୍ଷା ଯୋଗାଇ ଦେବା ପାଇଁ ପ୍ରସ୍ତୁତ ହେଲା ଯୋଜନା। ୧୯୫୦ ଜାନୁୟାରୀ ୨୬ ତାରିଖରେ ସମ୍ବିଧାନ ପ୍ରଣୟନ ବେଳକୁ ଦେଶର ସାକ୍ଷରତା ହାର ଥିଲା (୧୯୫୧ ଜନଗଣନା ତଥ୍ୟ ଅନୁଯାୟୀ) ୧୬.୭ ପ୍ରତିଶତ। ୨୦୧୧ ଜନଗଣନା ବେଳକୁ ସେହି ହାର ପହଞ୍ଚିଲା ୭୪.୪ ପ୍ରତିଶତ ପାଖରେ। ଅର୍ଥାତ୍ ୬୦ ବର୍ଷ ମଧ୍ୟରେ ବୃଦ୍ଧି ପାଇଥିବା ସାକ୍ଷରତା ପରିମାଣ ହେଲା ୫୭.୭ ପ୍ରତିଶତ। ଏହି ଦୃଷ୍ଟିରୁ ସଫଳତା ହାର ବାର୍ଷିକ ଏକ ପ୍ରତିଶତରୁ ବି କମ୍। ଦେଶରେ ପ୍ରୌଢ଼ଶିକ୍ଷା, ସାକ୍ଷର ଭାରତ, ଶିକ୍ଷିତ ଭାରତ, ସାକ୍ଷରତା ଅଭିଯାନ ଓ ସର୍ବଶିକ୍ଷା ଅଭିଯାନ ଆଦି ଅନେକ ଯୋଜନା କାର୍ଯ୍ୟକାରୀ ହେବା ସତ୍ତ୍ୱେ ଏହା ହେଉଛି ସଫଳତାର ବାସ୍ତବ ଚିତ୍ର। ଏହି ଦୃଶ୍ୟପଟରେ ଆହୁରି ନୈରାଶ୍ୟଜନକ ମନେହୁଏ ଆମ ରାଜ୍ୟ ଓଡ଼ିଶାର ସ୍ଥିତି।

୨୦୧୧ଜନଗଣନା ତଥ୍ୟ ଅନୁସାରେ ଓଡ଼ିଶାର ମୋଟ ୪ କୋଟି ୧୯ ଲକ୍ଷ ୪୭ ହଜାର ୩୫୮ ଜନସଂଖ୍ୟା ମଧ୍ୟରୁ ନିରକ୍ଷରଙ୍କ ସଂଖ୍ୟା ୯୭ ଲକ୍ଷ ୯୯ ହଜାର ୩୩୨। ଯୋଜନାବଦ୍ଧ ପ୍ରୟାସ ଫଳରେ ନିରକ୍ଷରତା କଳଙ୍କକୁ ଦୂର କରିପାରିଥିବା କେରଳ ଭଳି ରାଜ୍ୟ ସହ ଓଡ଼ିଶାକୁ ତୁଳନା କଲେ ନିରାଶା ସୃଷ୍ଟି ହୁଏ। ଏହି ନିରକ୍ଷରତା ବୋଝ ଯୋଗୁଁ ଓଡ଼ିଶା ଦାରିଦ୍ର୍ୟ କବଳରୁ ମୁକୁଳିବାକୁ ଦୀର୍ଘବର୍ଷର ସଂଘର୍ଷ କରିବାକୁ ପଡ଼ିଛି। ୧୯୨୦ ମସିହାରେ ଗାନ୍ଧିଜୀ କହିଥିଲେ - ଓଡ଼ିଶା ହେଉଛି ଦେଶରେ ଦାରିଦ୍ର୍ୟର ପ୍ରତିଛବି। ୨୦୧୩ ମସିହାରେ ଓଡ଼ିଶାକୁ ଅନ୍ୟତମ ପଛୁଆ ରାଜ୍ୟ ଭାବେ ଚିହ୍ନଟ କଲେ କେନ୍ଦ୍ର ସରକାରଙ୍କ ରଘୁରାମ ଜି ରାଜନ୍ କମିଟି।

ଭାରତବର୍ଷରେ ସାକ୍ଷରତା କ୍ଷେତ୍ରରେ ବିପ୍ଳବ ସୃଷ୍ଟି କରିଥିବା ରାଜ୍ୟମାନଙ୍କ ମଧ୍ୟରେ ସବା ଆଗରେ ଥିଲା କେରଳ। ୧୯୯୧ ମସିହା ସୁଦ୍ଧା ଦକ୍ଷିଣ ଭାରତର ଏହି ରାଜ୍ୟର ସାକ୍ଷରତା ହାର ଥିଲା ୯୦ ଶତାଂଶରୁ ଅଧିକ। ଶିକ୍ଷା ଦ୍ୱାରା ସଶକ୍ତ ହୋଇ କେରଳର ମହିଳାମାନେ ରାଜନୀତି, ସ୍ଥାନୀୟ ଶାସନ ଓ ସାମାଜିକ ସଂଗଠନ ଆଦିରେ ସକ୍ରିୟ ଭାଗନେବା କାରଣରୁ ସେଠାକାର ଲୋକଙ୍କର ସ୍ୱାସ୍ଥ୍ୟାବସ୍ଥା ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଉନ୍ନତ। କାରଣ ଶିକ୍ଷିତ ମହିଳାମାନେ ସ୍ୱାସ୍ଥ୍ୟସେବାରେ ପ୍ରବେଶ କରିବା ସହିତ ପିଲାମାନଙ୍କୁ ସ୍ୱଚ୍ଛତା, ପୁଷ୍ଟିକର ଖାଦ୍ୟ ଏବଂ ପରିବାର ଯୋଜନା ବିଷୟରେ ଶିକ୍ଷା ଦେବାର ସମ୍ଭାବନା ଅଧିକ।

୩ ଜୁନ୍ ୨୦୨୫ରେ ପ୍ରକାଶିତ ପିରିୟଡିକ୍ ଲେବର ଫୋର୍ସ ସର୍ଭେ ୨୦୨୩-୨୪ରୁ ଉପଲବ୍ଧ ତଥ୍ୟ ଅନୁସାରେ ଭାରତର ସାକ୍ଷରତା ହାର ଏବେ ପ୍ରାୟତଃ ୮୧ ପ୍ରତିଶତ। ମାତ୍ର ଏଥିରେ ଯେଉଁ ଅସ୍ୱସ୍ତିକର ସତ୍ୟ ଲୁଚି ରହିଛି ତାହା ହେଲା, ବିଭିନ୍ନ ପ୍ରକାର ବିଭାଜନ ରେଖା ବା ଭାରସାମ୍ୟହୀନ ଅସମାନତା। ସହରାଞ୍ଚଳରେ ସାକ୍ଷରତା ହାର ୮୯ ପ୍ରତିଶତ ହୋଇଥିବା ବେଳେ ଗ୍ରାମାଞ୍ଚଳରେ ତାହା ୭୭ ପ୍ରତିଶତ। ପୁରୁଷମାନଙ୍କର ସାକ୍ଷରତା ହାର ୮୭ ପ୍ରତିଶତ ଟପିଥିବା ସ୍ଥଳେ ମହିଳାମାନଙ୍କ ସାକ୍ଷରତା ହାର ୭୫ ଶତାଂଶରୁ କମ୍। ଏହି ରିପୋର୍ଟ ଅନୁସାରେ ଭାରତର ଉତ୍ତର-ପୂର୍ବରେ ଅବସ୍ଥିତ ଛୋଟିଆ ରାଜ୍ୟ ମିଜୋରାମ କେରଳ ସମେତ ସମସ୍ତ ରାଜ୍ୟକୁ ପଛରେ ପକାଇ ପୂର୍ଣ୍ଣ ସାକ୍ଷର ରାଜ୍ୟର ମାନ୍ୟତା ଲାଭ କରିଛି, ଯାହାର ସାକ୍ଷରତା ହାର ୯୫ ଶତାଂଶରୁ ଅଧିକ। ୨୦୧୧ ଜନଗଣନାରେ ମିଜୋରାମ ତୃତୀୟ ସ୍ଥାନରେ ଥିଲା ଏବଂ ତା'ର ସାକ୍ଷରତା ହାର ଥିଲା ୯୧.୩ ଶତାଂଶ। ନୂତନ ସାକ୍ଷରତା ମିଶନ ଅଧୀନରେ ଯେ କୌଣସି ରାଜ୍ୟକୁ ୯୭ ପ୍ରତିଶତ ସାକ୍ଷରତା ହାସଲ କରିବା ପରେ ପୂର୍ଣ୍ଣ ସାକ୍ଷର ଘୋଷଣା କରାଯାଏ, ଯେଉଁ ମାଇଲ ଖୁଣ୍ଟକୁ ଅତିକ୍ରମ କରିଛି ମିଜୋରାମ। ଏଠାରେ ସାତବର୍ଷରୁ ଅଧିକ ବୟସର ୯୯.୨ ପୁରୁଷ ସାକ୍ଷର ହୋଇଥିବା ସ୍ଥଳେ ୯୭ ଶତାଂଶ ମହିଳା ସାକ୍ଷର ଏବଂ ମୋଟ ସାକ୍ଷରତା ହାର ୯୮.୨୦ ଶତାଂଶ। ମିଜୋରାମ ତଳକୁ କେରଳ ୯୫.୩, ତ୍ରିପୁରା ୯୩.୭ ଓ ଗୋଆ ୯୩.୬ ହୋଇଥିବା ସ୍ଥଳେ ଓଡ଼ିଶାର ସ୍ଥାନ (୭୯.୬) ବହୁ ପଛରେ।

ସାକ୍ଷରତା କେବଳ ବ୍ୟକ୍ତିଗତ ବିକାଶର ବିଷୟ ନୁହେଁ, ଏହା ରାଷ୍ଟ୍ର ନିର୍ମାଣର ମାଧ୍ୟମ। ଏହା କେବଳ ବିକାଶ କରାଏ ନାହିଁ, ସମ୍ମାନିତ କରାଏ ଏବଂ ସାମାଜିକ ଅନ୍ତର୍ଭୁକ୍ତୀ ବା ନାଗରିକ କାର୍ଯ୍ୟକଳାପରେ ନିୟୋଜନ ପାଇଁ ସୃଷ୍ଟି କରେ ସୁଯୋଗ। ଅର୍ଥାତ୍ ସାକ୍ଷର ବ୍ୟକ୍ତିର ଥାଏ ଏକ ନିଜସ୍ୱ ପରିଚାଳନା ପଦ୍ଧତି। ଦିନଥିଲା ଭାରତରେ ସାକ୍ଷରତା ଓ ନିରକ୍ଷରତା ଥିଲା ଏକ ଆପେକ୍ଷିକ ବିଷୟ। ଲୋକେ ଲେଖିପଢ଼ିଲେଖି ଜାଣି ନଥିବାରୁ ନିରକ୍ଷର ଥିଲେ ସତ, କିନ୍ତୁ ସାକ୍ଷର ଭଳି ପ୍ରତୀୟମାନ ହେଉଥିଲେ କଥା କହିଲା ବେଳେ। ସାମାଜିକ ବ୍ୟବସ୍ଥା, ବେପାର ବଣିଜ, ଗାର୍ହସ୍ଥ୍ୟ ଜୀବନ ଓ ଯାବତୀୟ ପୁରାଣ, ଲୋକକଥା ଓ ରୀତିନୀତି ସଂପର୍କରେ ଖୁବ୍ ଦକ୍ଷତାର ସହ ବଖାଣି ପାରୁଥିଲେ ସାକ୍ଷର ଓ ଶିକ୍ଷିତ ଲୋକଙ୍କ ପରି। ଏବେ କିନ୍ତୁ ଲୋକ ସାକ୍ଷର ବୋଲି ପ୍ରମାଣପତ୍ର ପାଉଛନ୍ତି, କିନ୍ତୁ ତାହାକୁ ପ୍ରମାଣ କରିପାରୁ ନାହାନ୍ତି ସାମାଜିକ କାର୍ଯ୍ୟକ୍ରମରେ। ଏହି ସାକ୍ଷରମାନଙ୍କୁ କୁହାଯାଉଛି ନବନିରକ୍ଷର।

ଭଦ୍ରକ, ୬୩୭୧୬୪୨୪୬୪

# ବର୍ତ୍ତମାନ ସମୟରେ ଇଚ୍ଛାପତ୍ରର ଆବଶ୍ୟକତା

**ମହେନ୍ଦ୍ର ନାୟକ**

ଯେଉଁମାନେ ଚାକିରି କିମ୍ବା ବ୍ୟବସାୟ ଜୀବନ କାଳରେ ନିଜ ନାମରେ ଜମି ଖଣ୍ଡିଏ କିଣିପାରିଛନ୍ତି ସେମାନେ ଚାହିଁଲେ ତାହାକୁ ଅନ୍ୟ କାହାରିକୁ ନ ପଚାରି ହସ୍ତାନ୍ତର କରିପାରିବାର ନିୟମ ରହିଛି। ଏ ସବୁ ଦୃଷ୍ଟିରୁ ବିଜ୍ଞ ବ୍ୟକ୍ତିମାନେ ନିଜ ନାମରେ ଥିବା ସ୍ୱଉପାର୍ଜିତ ସମ୍ପତ୍ତିକୁ ପୁଅ କିମ୍ବା ଝିଅ ନାମରେ ଇଚ୍ଛାପତ୍ର କରିଦେଉଛନ୍ତି। ଇଚ୍ଛାପତ୍ର ନିୟମ ମତେ ଜମି ମାଲିକ ଜୀବିତ ଥିବା ପର୍ଯ୍ୟନ୍ତ ତାଙ୍କ ସମ୍ପତ୍ତି ଅଜାଣତରେ କେହି ନେଇଯାଇପାରିବେ ନାହିଁ। ଜମିମାଲିକ ମୃତ୍ୟୁ ପରେ ଇଚ୍ଛାପତ୍ରର ତତ୍ତ୍ୱାବଧାରକ ସରକାରୀ ନିୟମ ଦେଇ ଦୌରା ଜଜ୍‌ଙ୍କ ଆଦେଶ ବଳରେ ନିଜ ନାମରେ ସମ୍ପତ୍ତିର ମାଲିକାନା ସ୍ୱତ୍ତ୍ୱ ପାଇବାର ବ୍ୟବସ୍ଥା ଅଛି।

ମନରେ ପ୍ରଶ୍ନ ଉଠେ ବ୍ୟକ୍ତିଗତ ଜମି ନିଜ ନାମରେ ଥିଲେ ଇଚ୍ଛାପତ୍ର ହୋଇପାରିବ କି? ସମ୍ପତ୍ତି ଦୁଇ ପ୍ରକାର। (୧) ପୈତୃକ (୨) ସ୍ୱଉପାର୍ଜିତ। ପିତାଙ୍କଠାରୁ ଉତ୍ତରାଧିକାରୀ ସୂତ୍ରେ ପ୍ରାପ୍ତ ହୋଇଥିବା ସମ୍ପତ୍ତିକୁ ପୈତୃକ କୁହାଯାଏ। ସେ ସମ୍ପତ୍ତିରେ ସ୍ତ୍ରୀ ସହ ସନ୍ତାନମାନଙ୍କର ଅଧିକାର ଥାଏ। ପୈତୃକ ସମ୍ପତ୍ତିକୁ ଇଚ୍ଛାପତ୍ର କରାଯାଏ ନାହିଁ। କେବଳ ସ୍ୱଉପାର୍ଜିତ ସମ୍ପତ୍ତିରେ ଜଣେ ବ୍ୟକ୍ତି ଚାହିଁଲେ ଇଚ୍ଛାପତ୍ର ଦଲିଲ ସମ୍ପାଦନ କରିପାରିବେ। ନିଃସନ୍ତାନ ବ୍ୟକ୍ତି ତାଙ୍କ ସମ୍ପତ୍ତିକୁ ନିଜର ଭରଣପୋଷଣ, ଶୁଦ୍ଧିକ୍ରିୟା ଓ ପିଣ୍ଡଦାନ ନିମନ୍ତେ ଉଇଲ୍ ବା ଇଚ୍ଛାପତ୍ରର ସାହାରା ନେବାରେ କୌଣସି ଆଇନଗତ ବାଧା ନାହିଁ।

ଇଚ୍ଛାପତ୍ର କରିବା ପୂର୍ବରୁ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି, ଅଭିଜ୍ଞ ଓକିଲ କିମ୍ବା ଅଭିଜ୍ଞତା ହାସଲ କରିଥିବା ମୋହରିରଙ୍କ ଦ୍ୱାରା ଲେଖାଇବା ଉଚିତ। ଦୁଇ ଜଣ ସାକ୍ଷୀ ମଧ୍ୟ ବୟସ୍କ ହୋଇ ନଥିଲେ ଭଲ। କାରଣ ବ୍ୟକ୍ତି ବା ଜମିମାଲିକଙ୍କ ଦେହାନ୍ତ ପରେ ସମସ୍ତ ବିଚାରାଳୟରେ ଇଚ୍ଛାପତ୍ର ସମ୍ବନ୍ଧେ ସାକ୍ଷୀ ଦେଇପାରିବେ। ଏଭଳି ବୟସର ସୀମା କୌଣସି ଆଇନ ବହିରେ ଉଲ୍ଲେଖ ନାହିଁ କିମ୍ବା ଧାର୍ଯ୍ୟ କରାଯାଇନାହିଁ। ନିଃସନ୍ତାନ କିମ୍ବା ନିଃସହାୟ ବ୍ୟକ୍ତି ନିଜର ସେବାଶୁଶ୍ରୂଷା, ଭରଣପୋଷଣ ଓ ଅନ୍ତିମ ସତ୍କାର କରିବା ନିମିତ୍ତ ଇଚ୍ଛାପତ୍ରର ଆଶ୍ରୟ ନେଇଥା'ନ୍ତି। ଉପଯୁକ୍ତ ବ୍ୟକ୍ତି ଦେଖି ତାଙ୍କ ଉପରେ ସମସ୍ତ ଦାୟିତ୍ୱ ନ୍ୟସ୍ତ କରି ଇଚ୍ଛାପତ୍ର ବା ଶେଷପତ୍ର ସମ୍ପାଦନ କରିବାର ଅନେକ ନଜିର ରହିଛି। କୌଣସି ବ୍ୟକ୍ତିବିଶେଷଙ୍କର ସାହାଯ୍ୟ, ସହାନୁଭୂତି, ସେବା ଶୁଶ୍ରୂଷା ବଳରେ ଜମି ମାଲିକ ମୁଗଧ ହୋଇ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ଇଚ୍ଛାପତ୍ର ସମ୍ପାଦନ କରିଥିବାର ଉଦାହରଣ ଅଛି। ପରିବାରରେ ଉତ୍ତରାଧିକାରୀମାନଙ୍କ ସଂଖ୍ୟା ଅଧିକ ଥିଲେ ମଧ୍ୟ କେତେକ ବ୍ୟକ୍ତି ପରିବାର ସଦସ୍ୟଙ୍କ ବ୍ୟତୀତ ବାହାରର କୌଣସି ସ୍ତ୍ରୀଲୋକ କିମ୍ବା ବ୍ୟକ୍ତି ବିଶେଷଙ୍କ ଉପରେ ମୁଗ୍ଧ ହୋଇ ତାଙ୍କ ନାମରେ ସ୍ୱଉପାର୍ଜିତ ସମ୍ପତ୍ତି ପାଇଁ ଇଚ୍ଛାପତ୍ର କରିବା ପାଇଁ ଆଇନରେ କୌଣସି ବାରଣ କରାଯାଇନାହିଁ।

ଉଇଲ ବା ଇଚ୍ଛାପତ୍ର ପରିବର୍ତ୍ତନଶୀଳ। ଅର୍ଥାତ ଜଣେ ବ୍ୟକ୍ତି ଚାହିଁଲେ ନିଜର ଜୀବନକାଳ ଭିତରେ ଅନ୍ୟଏକ ଗ୍ରହୀତାଙ୍କ ନାମେ ନୂତନ ଉଇଲ ସମ୍ପାଦନ କରିପାରିବେ। ଶେଷ ଉଇଲ୍‌ଟି ସବୁସ୍ଥଳରେ କାଏମ ରହିବ। ଇଚ୍ଛାପତ୍ର ସମ୍ପାଦନ କରୁଥିବା ବ୍ୟକ୍ତି ଓ ସାକ୍ଷୀମାନଙ୍କ ବୟସ ୧୮ ବର୍ଷରୁ ଅଧିକ ହେବା ଆବଶ୍ୟକ। ଯେକୌଣସି ଭାରତୀୟ ନାଗରିକ ସ୍ୱଉପାର୍ଜିତ ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରି ଅନ୍ୟ ଜଣେ ବ୍ୟକ୍ତିବିଶେଷ/ଏକାଧିକ ବ୍ୟକ୍ତି, ସେ ମହିଳା ବା ପୁରୁଷ ହୁଅନ୍ତୁ ତାଙ୍କ ନାମରେ ଇଚ୍ଛାପତ୍ର ସମ୍ପାଦନ କରିପାରିବେ। କିନ୍ତୁ ଇଚ୍ଛାପତ୍ର ସମ୍ପାଦନ କରୁଥିବା ବ୍ୟକ୍ତିଙ୍କର ମାନସିକ ବିକୃତି ନଥିବା ଜରୁରୀ। ଇଚ୍ଛାପତ୍ରରେ ଦାତାଙ୍କର ଉଦ୍ଦେଶ୍ୟର ବିବରଣୀ ତଥା ଗ୍ରହୀତାଙ୍କ ଉପରେ ଦିଆ ଯାଇଥିବା ଦାୟିତ୍ୱ ସମ୍ବନ୍ଧରେ ଦଲିଲରେ ସ୍ପଷ୍ଟ ଭାବେ ବର୍ଣ୍ଣନା କରାଯିବା ଦରକାର।

କୌଣସି ଇଚ୍ଛାପତ୍ର ତତ୍ତ୍ୱାବଧାରକ ବା ଗ୍ରହୀତାଙ୍କ ସହ ଆଲୋଚନା କରାଯିବାର ଆବଶ୍ୟକତା ନାହିଁ ବା ଇଚ୍ଛାପତ୍ର ଦଲିଲରେ ଗ୍ରହୀତାଙ୍କ ସ୍ୱାକ୍ଷର କରାଯାଏ ନାହିଁ। ଇଚ୍ଛାପତ୍ର ଦଲିଲରେ ଦୁଇଜଣ ସାକ୍ଷୀଙ୍କ ସ୍ୱାକ୍ଷର ସହ ସମ୍ପୂର୍ଣ୍ଣ ଡାକଠିକଣା ଦିଆଯାଏ। ଦଲିଲ ସମ୍ପାଦନ ବେଳେ ଦାତା ବା ଜମି ମାଲିକଙ୍କ ସ୍ୱାକ୍ଷର ଦରକାର ପଡ଼େ। ଦଲିଲ ଲେଖକଙ୍କ ସ୍ୱାକ୍ଷର ସହ ସମ୍ପୂର୍ଣ୍ଣ ଡାକଠିକଣା ରହିବା ଆବଶ୍ୟକ। ଚରମପତ୍ର ବା ଇଚ୍ଛାପତ୍ର ଦଲିଲ ନିଜ ତହସିଲରେ ଥିବା କିମ୍ବା ସଂପୃକ୍ତ ମୌଜାର ଜମି ବାଡ଼ି ବିକ୍ରି ଖର୍ଦ୍ଦି କରାଯାଉଥିବା ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ରେଜେଷ୍ଟ୍ରି କରାଯିବାର ନିୟମ ରହିଛି। ରେଜେଷ୍ଟ୍ରି ବେଳେ ଗ୍ରହୀତା କିମ୍ବା ଦ୍ୱିତୀୟପକ୍ଷଙ୍କ ଉପସ୍ଥିତିର ଆବଶ୍ୟକତା ନାହିଁ।

ବିନା ରେଜେଷ୍ଟ୍ରିକରଣରେ ମଧ୍ୟ ଇଚ୍ଛାପତ୍ର ସମ୍ପାଦନ ହୋଇପାରିବ। କିନ୍ତୁ ସେହି ଉଇଲରେ ଦୁଇ ଜଣ ସାକ୍ଷୀଙ୍କର ସ୍ୱାକ୍ଷର ସହ ସମ୍ପୂର୍ଣ୍ଣ ଡାକଠିକଣାର ଆବଶ୍ୟକତା ଅଛି। ଷ୍ଟାମ୍ପ ପେପର ବା ଷ୍ଟାମ୍ପ ଲାଗିଥିବା କାଗଜ ବ୍ୟତୀତ ସାଦାକାଗଜରେ ମଧ୍ୟ ଇଚ୍ଛାପତ୍ର ବା ଉଇଲ ସମ୍ପାଦନ କରାଯାଇପାରିବ। ଏ ସମ୍ବନ୍ଧରେ ଭାରତୀୟ ଉତ୍ତରାଧିକାରୀ ଆଇନ ୧୯୨୫, ହିନ୍ଦୁ ଉତ୍ତରାଧିକାରୀ ଆଇନ ୧୯୫୬, ହିନ୍ଦୁ ଉତ୍ତରାଧିକାରୀ ଆଇନ (ସଂଶୋଧିତ) ୨୦୦୫ ଓ ମୁସଲିମ ପରସନାଲ ଲ(ସରିଆତ) ଆପ୍ଲିକେସନ ଆକ୍ଟ ୧୯୩୭ରେ ପ୍ରାଞ୍ଜଳ ଭାବେ ଉଲ୍ଲେଖ ରହିଛି।

ଓଡ଼ିଶାର କେତେକ ଜିଲ୍ଲାରେ ଦାତାଙ୍କର ଦେହାନ୍ତ ପରେ ଜିଲ୍ଲା ଦୌରା ଜଜ୍ ଇଜଲାସରେ ଗ୍ରହୀତାଙ୍କ ନାମେ ସ୍ୱତନ୍ତ୍ର ରେକର୍ଡ ପ୍ରସ୍ତୁତ କରିବା ନିମନ୍ତେ ଆଦେଶ ମଗାଯାଇଥାଏ। ଏହାକୁ 'ପ୍ରୋବେଟ' କୁହାଯାଏ। ଏଥିନିମନ୍ତେ ସଂପୃକ୍ତ ଦୌରାଜଜ୍‌ଙ୍କ କୋର୍ଟରେ ମୋକଦ୍ଦମା ଦାଏର କରାଯିବା ପରେ ଦାତାଙ୍କର ସମସ୍ତ ଉତ୍ତରାଧିକାରୀମାନଙ୍କୁ ନୋଟିସ ପଠାଯାଇ ସେମାନଙ୍କର ମତାମତ ରେକର୍ଡ କରାଯାଏ। ଦୌରାଜଜ୍ ପୁଙ୍ଖାନୁପୁଙ୍ଖ ତର୍ଜମା କରିବାପରେ ଗ୍ରହୀତାଙ୍କ ନାମରେ ସ୍ୱତନ୍ତ୍ର ରେକର୍ଡ କରାଯିବା ନିମନ୍ତେ ଆଦେଶ ବଳରେ ସଂପୃକ୍ତ ତହସିଲଦାର ଗ୍ରହୀତାଙ୍କ ନାମରେ ରେକର୍ଡ କରିବେ। ଯଦି କୌଣସି କାରଣରୁ ଦୌରାଜଜ୍ ଗ୍ରହୀତାଙ୍କ ସପକ୍ଷେ ଆଦେଶ ଦେଇ ନ ଥା'ନ୍ତି ସେ କ୍ଷେତ୍ରରେ ଗ୍ରହୀତାଙ୍କ ନାମେ ରେକର୍ଡ ବା ସ୍ୱତନ୍ତ୍ର ପଟ୍ଟା କରାଯାଇପାରିବ ନାହିଁ। ପ୍ରୋବେଟ ନିୟମଟି ଓଡ଼ିଶାର ଅବିଭକ୍ତ କଟକ, ପୁରୀ, ବାଲେଶ୍ୱର ଓ ଗଞ୍ଜାମ ଜିଲ୍ଲାରେ ପ୍ରଚଳନ ଅଛି। ଅବଶିଷ୍ଟ ଜିଲ୍ଲାଗୁଡିକରେ ଉଇଲ ବା ଇଚ୍ଛାପତ୍ରର ଦାତାଙ୍କ ଦେହାନ୍ତପରେ ଗ୍ରହୀତାଙ୍କ ନାମେ ତହସିଲଦାରଙ୍କ ଆଦେଶ ବଳରେ ସ୍ୱତନ୍ତ୍ର ପଟ୍ଟା ପ୍ରସ୍ତୁତ ହୋଇପାରିବ।

କଟକ, ମୋ: ୯୩୩୮୦୦୮୧୯୩

# ଶାକ୍ତ ଗୁଣ୍ଡିଚା

**ସ୍ୱପ୍ନେଶ୍ୱର**

**ଲୋକକଥାରେ ଲୋକଦେବତା**

ଚତୁର୍ଦ୍ଧାମୂର୍ତ୍ତି ରଥାରୋହଣ କରି ଗୁଣ୍ଡିଚା ମନ୍ଦିରକୁ କରୁଥିବା ଯାତ୍ରା 'ଗୁଣ୍ଡିଚା ଯାତ୍ରା' ରୂପେ ବିଖ୍ୟାତ ହେବା ପରେ 'ଶାକ୍ତ ଗୁଣ୍ଡିଚା', 'ସୌର ଗୁଣ୍ଡିଚା', 'ଶୈବ ଗୁଣ୍ଡିଚା', 'ଗୁପ୍ତ ଗୁଣ୍ଡିଚା' ଓ 'ବସନ୍ତ ଗୁଣ୍ଡିଚା' ନାମରେ ଖ୍ୟାତ ଠାକୁରମାନଙ୍କର ଆଉ କେତେକ ସ୍ଥାନାନ୍ତରଣ ଯାତ୍ରା ଶ୍ରୀମନ୍ଦିରରେ ପାଳିତ ହୁଏ। ଆଶ୍ୱିନ କୃଷ୍ଣ ଅଷ୍ଟମୀଠାରୁ ଶୁକ୍ଳ ଅଷ୍ଟମୀ ପର୍ଯ୍ୟନ୍ତ ଦେବୀ ବିମଳାଙ୍କର ଷୋଳପୂଜା ଅନୁଷ୍ଠିତ ହୁଏ। ଏହି ଷୋଳଦିନ ବିମଳାଙ୍କ ଚଳନ୍ତି ପ୍ରତିମା ଦୁର୍ଗା ଓ ରତ୍ନସିଂହାସନରେ ଅଧିଷ୍ଠିତ ନୀଳମାଧବଙ୍କର (କୁନି ଜଗନ୍ନାଥ) ଷୋଳଦିନ ବ୍ୟାପୀ 'ଶାକ୍ତ ଗୁଣ୍ଡିଚା' ଯାତ୍ରା ପାଳନ କରାଯାଏ। ମାଧବଙ୍କ ସହ ଦେବୀ ଦୁର୍ଗା ଏହି ଯାତ୍ରାରେ ଅଂଶଗ୍ରହଣ କରୁଥିବାରୁ ଏହାକୁ 'ଦେବୀ ଗୁଣ୍ଡିଚା' ଏବଂ ଶରତ ଋତୁରେ ଅନୁଷ୍ଠିତ ହେଉଥିବାରୁ ଏହାକୁ 'ଶରତ ଗୁଣ୍ଡିଚା' ମଧ୍ୟ କୁହାଯାଏ।

ଆଶ୍ୱିନ କୃଷ୍ଣ ଅଷ୍ଟମୀ ଦିନ ଜଗନ୍ନାଥଙ୍କ ଆଜ୍ଞାମାଳ ପାଇ ମାଧବ ଓ ଦେବୀ ସୁଭଦ୍ରାଙ୍କ ଆଜ୍ଞାମାଳ ପାଇ ଦୁର୍ଗା ଏକତ୍ର ରୁନ୍ଧା (ବନ୍ଧା) ହୋଇ ଝୁଲଣ ମଣ୍ଡପ ତଳେ ରଖା ଯାଇଥିବା ପାଲିଙ୍କିରେ ବିଜେ ହୁଅନ୍ତି। ବିମଳାଙ୍କର କେତେକ ନୀତି ସମାପନ ହେବା ପରେ ଆଲିଙ୍ଗିତ ଦୁର୍ଗାମାଧବ ପାଲିଙ୍କିରେ ଯାଇ ବିମଳାଙ୍କ ଜଗମୋହନରେ ଥିବା ପଲଙ୍କରେ ବିଜେ କରନ୍ତି। ସେଠାରେ ଯୁଗଳମୂର୍ତ୍ତିଙ୍କୁ ବନ୍ଦାପନା ଓ ଶୀତଳ ଭୋଗ ଅର୍ପଣ କରାଯାଏ। ବିମଳାଙ୍କର ତିନି ଧୂପ ଓ ଚତୁର୍ଦ୍ଧାମୂର୍ତ୍ତିଙ୍କର ରାତ୍ରି ଚନ୍ଦନ ଲାଗି ହେବା ପରେ ବିମାନ ବଡୁ ସେବକମାନେ ଦୁର୍ଗାମାଧବଙ୍କୁ ଭଣ୍ଡାର ଘରେ ବିଜେ କରାନ୍ତି। 'ଶାକ୍ତ ଗୁଣ୍ଡିଚା'ର ପ୍ରଥମ ଆଠ ଦିନ ଆଲିଂଗିତ ଦୁର୍ଗାମାଧବ ଉପରୋକ୍ତ ନୀତିରେ ପ୍ରତିଦିନ ବିମଳାଙ୍କ ମନ୍ଦିରକୁ ବିଜେ ହୋଇ ପୂଜା ଆରାଧନା ପରେ ଭଣ୍ଡାର ଘରକୁ ବାହୁଡ଼ା ବିଜେ କରନ୍ତି।

ଏହି ମହୋତ୍ସବର ନବମ ଦିନଠାରୁ ଶେଷ ପର୍ଯ୍ୟନ୍ତ ଆଠଦିନ ଦୁର୍ଗାମାଧବ ଆଲିଂଗିତ ଅବସ୍ଥାରେ ରଥାରୋହଣ କରି ଦୋଳମଣ୍ଡପ ସାହିରେ ଅଧିଷ୍ଠିତା ନାରାୟଣୀ ମନ୍ଦିରକୁ ବିଜେ କରନ୍ତି। ନାରାୟଣୀ ମନ୍ଦିର ଗୁଣ୍ଡିଚା ମନ୍ଦିରର ଭୂମିକା ନିର୍ବାହ କରନ୍ତି। ସେଠାରେ ଦୁର୍ଗାମାଧବଙ୍କର କର୍ପୁର ଚନ୍ଦନ ଲାଗି, ଭୋଗ ଅର୍ପଣ ଓ ବନ୍ଦାପନା ଆଦି କରାଯାଏ। ଚତୁର୍ଦ୍ଧାମୂର୍ତ୍ତିଙ୍କର ରାତ୍ରି ଚନ୍ଦନ ଲାଗି ପରେ ବିମାନ ବଡୁ ସେବକମାନେ ଦୁର୍ଗାମାଧବଙ୍କୁ ବାହୁଡ଼ାଇ ନେଇ ଭଣ୍ଡାର ଘରେ ବିଜେ କରାନ୍ତି। ଦୁର୍ଗାମାଧବ ନାରାୟଣୀ ମନ୍ଦିରକୁ ଯାତ୍ରା କଲା ବେଳେ ଦେବୀଙ୍କର ବିଜୟା ରଥରେ ଯାତ୍ରା କରନ୍ତି। ଏହି ରଥର ପ୍ରତ୍ୟାବର୍ତ୍ତନ ନ ଥିବାରୁ ବାହୁଡ଼ା ବିଜେ ସମୟରେ ଦିଅଁମାନେ ପାଲିଙ୍କିରେ ଫେରନ୍ତି। ଷୋଳପୂଜାର ଶେଷ ଆଠ ଦିନ ଦୁର୍ଗାମାଧବ ଏହିପରି ସବୁଦିନ ଯାତ୍ରା କରନ୍ତି।

ଦୁର୍ଗା ଓ ମାଧବ ଏକତ୍ରିତ ଆରାଧିତ ହେବା ସାରା ଭାରତରେ ଅନ୍ୟ କୌଣସି ଯାଗାରେ ଦେଖା ଯାଏ ନାହିଁ। ଦୁର୍ଗା ଶିବଙ୍କର ଶକ୍ତି ଓ ପତ୍ନୀ। ମହାପ୍ରଭୁ ଜଗନ୍ନାଥ ରତ୍ନବେଦୀରେ ପୂର୍ଣ୍ଣବ୍ରହ୍ମରୂପେ ବିରାଜମାନ କରିଥିଲେ ବି ବିଷ୍ଣୁତ୍ୱ ତାଙ୍କର ଏକ ବଳିଷ୍ଠ ପରିଚୟ। ବିଷ୍ଣୁ ଓ ଶିବ ପତ୍ନୀ ଦୁର୍ଗା ଏକତ୍ର ଆଲିଂଗିତ ଅବସ୍ଥାରେ ପୂଜିତ ହେଉଥିବା କଥା ଶୁଣିଲେ ଭ୍ରୁକୁଞ୍ଚନ ଅନେକଙ୍କର ହୁଏତ ପ୍ରଥମ ପ୍ରତିକ୍ରିୟା ହୋଇପାରେ। କିନ୍ତୁ ଉପରୋକ୍ତ ଆରାଧନାର ଜଗନ୍ନାଥଙ୍କ ବିଷ୍ଣୁ ସ୍ୱରୂପର କୌଣସି ସଂପର୍କ ନାହିଁ। ମହାପ୍ରଭୁଙ୍କଠାରେ ବିଷ୍ଣୁତ୍ୱ ଆରୋପଣ ହେବା ପୂର୍ବରୁ ବୌଦ୍ଧ ଓ ହିନ୍ଦୁ ତାନ୍ତ୍ରିକମାନେ ଭୈରବ ଓ ଦେବୀ ବିମଳାଙ୍କୁ ଭୈରବୀରୂପେ ଆରାଧନା କରୁଥିଲେ। ଉଡ୍ଡୀଶ ତନ୍ତ୍ର (ବିମଳା ଭୈରବୀ ସାକ୍ଷାତ ଜଗନ୍ନାଥସ୍ତୁ ଭୈରବ) ଓ ଦେବୀ ଭାଗବତ (ବିମଳା ଚ ମହାଦେବୀ ଜଗନ୍ନାଥସ୍ତୁ ଭୈରବ) ଏହା ଦୃଢ଼ ଭାବେ ପ୍ରମାଣ କରନ୍ତି।

ବୌଦ୍ଧ ବିଶ୍ୱାସ ଅନ୍ତର୍ଗତ ବଜ୍ରଯାନ ଓ ସହଜଯାନର ପ୍ରବର୍ତ୍ତନ ଓଡ଼ିଶା ମାଟିରୁ ହୋଇଥିଲା। ସହଜଯାନୀମାନେ ବିଶ୍ୱାସ କରୁଥିଲେ ଯେ ମଣିଷର ଶରୀର ସମଗ୍ର ବ୍ରହ୍ମାଣ୍ଡର ପ୍ରତୀକ ଏବଂ ସବୁପ୍ରକାରର ସେବାପୂଜା କେବଳ ଶରୀର ପ୍ରତି ପ୍ରୟୋଗ ହେବା ଉଚିତ। ତେଣୁ ସେମାନେ ବିଶ୍ୱାସ କରନ୍ତି ଯେ ଭୈରବ ଓ ଭୈରବୀ ଆଲିଂଗିତ ଅବସ୍ଥାରେ ସହଜାନନ୍ଦରେ ଅବସ୍ଥାନ ସହଜରେ ବର ପ୍ରଦାନ କରନ୍ତି। ଆଦି ଶଙ୍କରଙ୍କ କର୍ଣାଟକ ଗସ୍ତ ସମୟରେ କ୍ରକଚ ନାମକ ଜଣେ ତନ୍ତ୍ରଗୁରୁ ତାଙ୍କୁ ପ୍ରଶ୍ନ କରିଥିଲେ - କମଳାକ୍ଷୀ ଉମାଦ୍ୱାରା ଭୈରବ ଆଲିଂଗିତ ନ ହେଲେ ସେ ସନ୍ତୁଷ୍ଟ ହେବେ କାହିଁକି? ବୌଦ୍ଧତନ୍ତ୍ର ପରେ ଜଗନ୍ନାଥ ହିନ୍ଦୁ ତନ୍ତ୍ରରେ ମଧ୍ୟ ଭୈରବରୂପେ ପୂଜିତ ହେଉଥିଲେ। ତାଙ୍କ ଉପରେ ବିଷ୍ଣୁତ୍ୱ ଆରୋପଣ ପରେ ମହାତ୍ମା ଆଦି ଶଙ୍କର ଓ ରାମାନୁଜାଚାର୍ଯ୍ୟ ଶ୍ରୀମନ୍ଦିର ପୂଜା ପଦ୍ଧତିରେ ଅନେକ ସଂସ୍କାର ଆଣିଥିଲେ ମଧ୍ୟ ସମ୍ଭାବ୍ୟ ବିରୋଧକୁ ଆଖି ଆଗରେ ରଖି କେତେକ ତାନ୍ତ୍ରିକ ପରମ୍ପରାକୁ ପୂର୍ବବତ ଚାଲୁ ରଖିଥିଲେ। ଶାକ୍ତ ଗୁଣ୍ଡିଚା ତା'ଭିତରୁ ଗୋଟିଏ। ଏହି ପରମ୍ପରା ପ୍ରଥମେ ବୌଦ୍ଧ ତାନ୍ତ୍ରିକମାନେ ଆରମ୍ଭ କରିଥିବାରୁ ଏହି ଯାତ୍ରାକୁ 'ବୌଦ୍ଧ ଗୁଣ୍ଡିଚା' କହିଲେ ଠିକ ହୁଅନ୍ତା।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ପୂର୍ବତନ କ୍ରିକେଟର୍ ଭେଙ୍କଟେଶ ପ୍ରସାଦ



ପୁରୀ,୨୩।୯ (ସମିସ): ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଦ୍ରୁତ ବୋଲର ଭେଙ୍କଟେଶ ପ୍ରସାଦ। ମଙ୍ଗଳବାର ସକାଳେ ଶ୍ରୀ ପ୍ରସାଦ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରି ଭିତରକୁ ପାଛୋଟି ନିଆଯାଇଥିଲା। ସେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବା ପରେ ବେଢ଼ା ପରିକ୍ରମା କରି ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଦର୍ଶନ ସାରି ଫେରିବା ପରେ ଗଣମାଧ୍ୟମକୁ ସେ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଆମର ସବୁକିଛି। ମହାପ୍ରଭୁଙ୍କ ଦର୍ଶନ କରି ବହୁତ ଖୁସି ଲାଗିଲା। ନିଜକୁ ଭାଗ୍ୟବାନ ମନେ କରୁଛି। ଭାରତୀୟ କ୍ରିକେଟ ଦଳ ସମ୍ପର୍କରେ ପ୍ରସାଦ କହିଥିଲେ, ଏବେ ଭାରତୀୟ ଟିମ୍ ବହୁତ ଭଲ ପ୍ରଦର୍ଶନ କରୁଛି। ବିଶେଷକରି ଯୁବ ଖେଳାଳିମାନେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରୁଛନ୍ତି। ଅନ୍ୟପକ୍ଷରେ, ଏସିଆ କପ୍ ମ୍ୟାଚ୍‌ରେ ଭାରତୀୟ ଦଳର ଅଧିନାୟକ ପାକିସ୍ତାନ ଟିମ୍ ସହ କରମର୍ଦ୍ଦନ ନ କରିବା ପ୍ରସଙ୍ଗରେ ସେ କହିଛନ୍ତି ଯେ ଏହାକୁ ଆମେ ଗୁରୁତ୍ୱ ନ ଦେଇ ଖେଳ ଉପରେ ଅଧିକ ଧ୍ୟାନ ଦେବା ଉଚିତ।

■ ଜିଆଁକଟା ବାଣ ବିସ୍ଫୋରଣ ଘଟଣା

# ବିପୁଳ ବାଣ ଜବତ; ୫ ଗିରଫ



ହରଭଙ୍ଗା,୨୩।୯ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ପୁରୁଣାକଟକ ଥାନା ଅନ୍ତର୍ଗତ ଜିଆଁକଟା ବାଣ ବିସ୍ଫୋରଣ ଘଟଣା ପରେ ପୁଲିସ, ପ୍ରଶାସନ ପକ୍ଷରୁ ମିଳିତ ଭାବେ ଲଗାତାର ୩ ଦିନ ହେଲା ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଥିଲା। ପୁରୁଣାକଟକ ବଜାର ଉପକଣ୍ଠରେ ଥିବା ନ୍ୟୁକୋଲନୀସ୍ଥିତ ଆଲୋକକାନ୍ତିଙ୍କ ଘର ସହ ବ୍ୟାଙ୍କ ସମ୍ମୁଖ ଫଳ ଦୋକାନ, କଲେଜ ଛକ, ରୁଗୁଡିପାଲ୍ଲୀ ଭଳି ୪ଟି ସ୍ଥାନରେ ପର୍ଯ୍ୟାୟକ୍ରମେ ଚଢ଼ଉ କରି ୧୫ଗାଡ଼ି ବାଣ ଜବତ କରାଯାଇଛି। ଏହି ଘଟଣାରେ ପୁଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ମାଗିରାମ ବେହେରା (୬୦), କାହ୍ନୁ ପରିଡ଼ା (୨୫), ଆଲୋକ କାନ୍ତି (୫୦), ଲକ୍ଷ୍ମୀଧର ପରିଡ଼ା (୬୦) ଏବଂ ପ୍ରଶାନ୍ତ ସାହୁ (୩୮)। ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ନିତିଶେଖର ଏହି ସୂଚନା ଦେଇଛନ୍ତି। ଜିଆଁକଟାସ୍ଥିତ ମାଗିରାମ ବେହେରାଙ୍କ ଘରକୁ କାହ୍ନୁ ପରିଡ଼ା ଏବଂ ଆଲୋକ କାନ୍ତି ଭଡ଼ାରେ ନେଇ ସେଠାରେ ବେଆଇନ ଭାବେ ବାଣ ଗୋଦାମ କରିଥିଲେ। ଘଟଣା ଦିନ ହଠାତ୍ ନିଆଁ ଲାଗିବାରୁ ବାଣ ବିସ୍ଫୋରଣରେ ଘର ସମ୍ପୂର୍ଣ୍ଣ ଧୂଳିସାତ ହୋଇଥିଲା। ଏଠାରୁ ମୁଖ୍ୟ ଅଭିଯୁକ୍ତ ଆଲୋକ କାନ୍ତି ବାହାର ଜିଲ୍ଲାକୁ ବାଣ ଚାଲାଣ କରୁଥିବା ନେଇ ମଧ୍ୟ ଖୋଳତାଡ଼ ଚାଲିଥିବା ଆଇଜି ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଆଇଜିଙ୍କ ସମେତ ବୌଦ୍ଧ ଏସ୍‌ପି ରାହୁଲ ଗୋଏଲ, ଆଇପିଏସ ଶିବା ରେଡ୍ଡି, ବୌଦ୍ଧ ଏସଡିପିଓ ଲରେନ୍ସ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ ଦକ୍ଷିଣାଞ୍ଚଳ ଆଇଜି ଜିଆଁକଟା ଗ୍ରାମର ବିସ୍ଫୋରଣ ସ୍ଥଳ ପରିଦର୍ଶନ ମଧ୍ୟ କରିଥିବା ଜଣାପଡ଼ିଛି।

# ନିଖୋଜ ମାର୍ବଲ ଶ୍ରମିକର ଗଳିତ ଶବ ବନ୍ଧରୁ ଉଦ୍ଧାର

କେସିଙ୍ଗା,୨୩।୯ (ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ଉତ୍‌କେଲା ପଞ୍ଚାୟତର ଠେମରାଠାରେ ଥିବା ଅମ୍ବାଜି ରକ୍ ଆଣ୍ଡ ମିନେରାଲସ୍ ଗ୍ରାନାଇଟ୍ ଫ୍ୟାକ୍ଟ୍ରିରେ ନୟାଗଡ଼ ଜିଲ୍ଲାର ଦୁଃଖାପାଲି ଗ୍ରାମର ସୁଦର୍ଶନ ସାହୁ (୪୭) କାମ କରୁଥିଲେ। ଗତ ରବିବାର ଦିନ ସୁଦର୍ଶନ ଗ୍ରାନାଇଟ୍ ଫ୍ୟାକ୍ଟ୍ରିକୁ ଲାଗି ରହିଥିବା ବାଳିକଟା ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଫେରିନଥିଲେ। ବନ୍ଧ ପଠାରେ ତାଙ୍କ ପ୍ୟାଣ୍ଟସାର୍ଟ ପଡ଼ିଥିବା ଦେଖିବାକୁ ମିଳିଥିବା ବେଳେ କେସିଙ୍ଗାରୁ ଦମକଳ ବାହିନୀ ଓ ଉତ୍‌କେଲା ଫାଣ୍ଡି ଅଧିକାରୀ ଆସି ପୋଖରୀ ଭିତରେ ଖୋଜାଖୋଜି କରିଥିଲେ। ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ ସୁଦର୍ଶନଙ୍କ କିଛି ପତ୍ତା ମିଳିନଥିଲା ପୁଣି ସୋମବାର ସକାଳୁ ପୁଣି ବାଳିକଟା ପୋଖରୀରେ ଦମକଳବାହିନୀ ଆସି ଖୋଜୁଛନ୍ତି କରିଥିଲେ ବି ସନ୍ଧ୍ୟା ପର୍ଯ୍ୟନ୍ତ କିଛି ସନ୍ଧାନ ପାଇନଥିଲେ। ପୁଣି ମଙ୍ଗଳବାର ସକାଳୁ କେସିଙ୍ଗା ଦମକଳବାହିନୀ ଓ ପୁଲିସ ସହାୟତାରେ ଅପରେସନ୍ ସନ୍ଧାନ ଆରମ୍ଭ ହୋଇଥିଲା ଶେଷରେ ମଙ୍ଗଳବାର ସକାଳ ପ୍ରାୟ ୮ ଘଣ୍ଟା ସମୟରେ ଦମକଳ ବାହିନୀ ବନ୍ଧମଝିରୁ ସୁଦର୍ଶନଙ୍କ ଗଳିତ ମୃତଦେହ ଠାବ କରିଥିଲେ। ଶବ ପାଣିରେ ଦୁଇ ରାତି ତିନି ଦିନ ରହିବା ଯୋଗୁଁ ଫୁଲି ଯାଇଥିବା ବେଳେ କେସିଙ୍ଗା ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଅନ୍ୟପଟେ ପୁଲିସ ଏହା ହତ୍ୟା ନା ଆତ୍ମହତ୍ୟା ତଦନ୍ତ ଆରମ୍ଭ କରିଛି।

# ବାପାର କଟୁରି ଚୋଟରେ ପୁଅ ମୃତ

କବାଟବନ୍ଧ, ୨୩।୯ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ବାପାର କଟୁରି ଚୋଟରେ ପୁଅର ମୃତ୍ୟୁ ହୋଇଛି। ମୃତକ ହେଲେ, ଜେନାପୁର ଥାନା ଅନ୍ତର୍ଗତ ଏଣ୍ଡଳବା ପଞ୍ଚାୟତ ବିଛାଖଣ୍ଡି (ଶବର ସାହି)ର କଣ୍ଟିଆ ନାଏକଙ୍କ ପୁଅ ଶମ୍ଭୁ ନାଏକ (୩୦)। ମଙ୍ଗଳବାର ରାତି ପ୍ରାୟ ୮ଟାରେ କଣ୍ଟିଆ ଏବଂ ତାଙ୍କ ପୁଅ ଶମ୍ଭୁ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। କଣ୍ଟିଆ ରାଗିଯାଇ ଏକ କଟୁରିରେ ତାଙ୍କ ପୁଅ ଶମ୍ଭୁର ବେକକୁ ଚୋଟ ପକାଇଥିଲେ। ଶମ୍ଭୁ ସେହିଠାରେ ଟଳି ପଡ଼ିଥିଲେ ଏବଂ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଜେନାପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଧର୍ମଶାଳା ମେଡ଼ିକାଲକୁ ପଠାଇଥିଲେ।

# ବିଦ୍ୟୁତ ଆଘାତରେ ଯୁବକ ମୃତ

ସୁକିନ୍ଦା,୨୩।୯ (ସମିସ): ବିଦ୍ୟୁତ ଆଘାତରେ ସୁକିନ୍ଦା ଥାନା ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନା ମୁତାବକ ସୁକିନ୍ଦା ଥାନା ଅନ୍ତର୍ଗତ ଆମ୍ବସାର ଗ୍ରାମ ଅଭିରାମ ମୁଣ୍ଡାଙ୍କ ପୁଅ ବାଦଲ ମୁଣ୍ଡା (୨୮) ଘରେ ମୋବାଇଲ ଚାର୍ଜର ଲଗାଉଥିବା ବେଳେ ବିଦ୍ୟୁତ ଆଘାତର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ପରିବାରଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ବାଦଲଙ୍କୁ ମୃତ ଘୋଷଣା କରିବା ସହ ସୁକିନ୍ଦା ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି।

# ସୁନା ୧.୧୫ ଲକ୍ଷ, ରୁପା ଦେଢ଼ ଲକ୍ଷ

## ବର୍ଷକରେ ସୁନା ୩୮ ହଜାର, ରୁପା ୪୯ ହଜାର ମହଙ୍ଗା

ନୂଆଦିଲ୍ଲୀ,୨୩।୯ (ଏଜେନ୍ସି): ରେକର୍ଡ ଭାଙ୍ଗୁଛି ସୁନା ଦର। ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା ମଧ୍ୟରେ ଦୌଡୁଛି ସୁନା ବଜାର। ମୂଲ୍ୟ ବୃଦ୍ଧିରେ ଲାଗୁନି ଲଗାମ୍। ଇତିମଧ୍ୟରେ ସୁନା ମୂଲ୍ୟ ପୁଣି ଥରେ ଏହାର ସବୁ ରେକର୍ଡ ଭାଙ୍ଗି ୧୦ ଗ୍ରାମ ପିଛା ୧.୧୫ ଲକ୍ଷ ଟଙ୍କା ସ୍ତର ଅତିକ୍ରମ କରିଛି। ସେହିଭଳି ରାଜଧାନୀ ଭୁବନେଶ୍ୱରରେ ଆଜି ରୁପା ଦର ମଧ୍ୟ କିଲୋଗ୍ରାମ ପିଛା ଦେଢ଼ ଲକ୍ଷ ଟଙ୍କା ଛୁଇଁ ଇତିହାସ ରଚିଛି। ଆଜି ଦିନକରେ ଘରୋଇ ବଜାରରେ ସୁନା ଦର ୧୦ ଗ୍ରାମ ପିଛା ୨୮୦୦ ଟଙ୍କା ବୃଦ୍ଧି ଘଟିଛି। ଅପରପକ୍ଷେ ଚଳିତବର୍ଷ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୩୮ ହଜାର ଟଙ୍କା ଏବଂ ରୁପା ୪୯ ହଜାର ଟଙ୍କା ବୃଦ୍ଧି ଘଟିଥିବା ଜଣାପଡିଛି। ରାଜଧାନୀ ଭୁବନେଶ୍ୱରରେ ଆଜି ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୧,୩୫୦ ଟଙ୍କାରେ ପହଞ୍ଚିଛି। ବିଶ୍ୱ ଅନିଶ୍ଚିତତା ସହ ଡଲାର ତୁଳନାରେ ଟଙ୍କା ଅଧିକ ଦୁର୍ବଳ ହେବା ସୁନା ମୂଲ୍ୟ ବୃଦ୍ଧିରେ ସହାୟକ ହୋଇଛି।



ଚଳିତବର୍ଷ ଶେଷ ସୁଦ୍ଧା ଭାରତୀୟ ବଜାରରେ ସୁନା ଦର ୧୦ ଗ୍ରାମ ପିଛା ପ୍ରାୟ ୨ ଲକ୍ଷ ଟଙ୍କା ଛୁଇଁବ ବୋଲି ନିକଟରେ ବଜାର ବିଶେଷଜ୍ଞମାନେ ଆକଳନ କରିଥିଲେ। ଭୁବନେଶ୍ୱରରେ ମଙ୍ଗଳବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ୨୧୫୯ ଟଙ୍କା ବୃଦ୍ଧି ଘଟି ରେକର୍ଡ ୧,୧୪,୩୧୪ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ୧,୦୬,୦୫୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୧,୫୦,୦୦୦ ଟଙ୍କା ଛୁଇଁଛି। ଅଖିଳ ଭାରତୀୟ ସରାଫା ସଂଘର ରିପୋର୍ଟ ମୁତାବକ ମଙ୍ଗଳବାର ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ମୂଲ୍ୟ ୧,୦୨,୧୦୦ ଟଙ୍କାରେ ପହଞ୍ଚି ନୂଆ ରେକର୍ଡ କରିଛି। ଅପରପକ୍ଷେ ରୁପା କିଲୋ ପିଛା ୧,୩୫,୨୬୭ ଟଙ୍କା ରହିଛି।

ବଜାରରେ ସୁନା ଦର ବଢ଼ିବାର ଅନେକ କାରଣ ରହିଛି। ଆମେରିକାର ଶୁଳ୍କ ଯୋଗୁଁ ଭୂରାଜନୈତିକ ଉତ୍ତେଜନା ଜାରି ରହିଛି। ଏହା ସୁନାକୁ ସମର୍ଥନ କରୁଛି ଏବଂ ଏହାର ଚାହିଦା ବୃଦ୍ଧି କରୁଛି। ଫଳସ୍ୱରୂପ, ଚଳିତ ବର୍ଷ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୩୮,୧୫୨ ଟଙ୍କା ବୃଦ୍ଧି ଘଟିଛି। ସେହିପରି ରୁପା କିଲୋ ପିଛା ୪୫ ଟଙ୍କା ଉପରମୁହାଁ ହୋଇଛି। ଟ୍ରମ୍ପ୍ ଟାରିଫ୍ ଏବଂ ବାଣିଜ୍ୟ ଯୁଦ୍ଧର ଭୟ ଯୋଗୁଁ ନିବେଶକମାନେ ସୁନାକୁ ଏକ ନିରାପଦ ସ୍ୱର୍ଗ ଭାବରେ ବିବେଚନା କରି କିଣୁଛନ୍ତି। ସେହିଭଳି ଆମେରିକୀୟ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ମଧ୍ୟ ସୁନାର ମୂଲ୍ୟ ବୃଦ୍ଧିରେ ସହାୟକ ହେଉଛି। କାରଣ ଯେତେବେଳେ ଟଙ୍କା ଦୁର୍ବଳ ହୁଏ, ସେତେବେଳେ ଆମଦାନିରେ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ଚଳିତବର୍ଷ ଟଙ୍କାର ବିନିମୟ ମୂଲ୍ୟ ରେକର୍ଡ ନିମ୍ନ ସ୍ତରକୁ ଖସିଆସିଛି। ଫଳରେ ସୁନା ଦର ଉପରେ ଚାପ ବୃଦ୍ଧି ପାଇଛି। ଏହାବାଦ୍ ବିବାହ ଋତୁ ପାଖେଇ ଆସିଲାଣି। ଏଭଳି ସମୟରେ ସୁନା ଗହଣା ଚାହିଦା ବୃଦ୍ଧି ପାଇଛି। ଏହା ମଧ୍ୟ ଏହି ହଳଦିଆ ଧାତୁର ଦର ବୃଦ୍ଧିର ଅନ୍ୟ ଏକ କାରଣ।

■ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଚିକିତ୍ସା ସମ୍ପର୍କିତ ବୈଷୟିକ ଶବ୍ଦାବଳୀ ଆଧାରରେ ଅନୁକମ୍ପା ନିଯୁକ୍ତିକୁ ଅଗ୍ରାହ୍ୟ କରାଯାଇପାରିବନି

କଟକ, ୨୩।୯ (ସମିସ): ଅନୁକମ୍ପା ନିଯୁକ୍ତି ଯୋଜନା ଅନ୍ତର୍ଗତ ସ୍ଥିରୀକୃତ ରୋଗରେ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଚିକିତ୍ସା ସମ୍ପର୍କିତ ବୈଷୟିକ ଶବ୍ଦାବଳୀ ଆଧାରରେ ଅନୁକମ୍ପା ନିଯୁକ୍ତିକୁ ଅଗ୍ରାହ୍ୟ କରାଯାଇପାରିବ ନାହିଁ। ଅନୁକମ୍ପା ନିଯୁକ୍ତି ପ୍ରଦାନ ପାଇଁ ଟ୍ରିବ୍ୟୁନାଲ ପ୍ରଦାନ କରିଥିବା ଆଦେଶକୁ ଚାଲେଞ୍ଜ କରି ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ପକ୍ଷରୁ ରୁଜୁ ମାମଲାକୁ ହାଇକୋର୍ଟ ଖାରଜ କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜଷ୍ଟିସ୍ ସଂଗମ କୁମାର ସାହୁ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି।

ଯେତେବେଳେ ଏକ ସରକାରୀ ସରକାରୀ ଡାକ୍ତରଖାନାର ଡାକ୍ତରୀ ରେକର୍ଡ ସ୍ପଷ୍ଟ ଭାବରେ ପ୍ରମାଣିତ କରେ ଯେ ମୃତ କର୍ମଚାରୀ ହୃଦ୍‌ରୋଗ ଏବଂ କିଡନୀ ରୋଗରେ ପୀଡିତ ଇଥିଲେ ଏବଂ ହୃଦ୍‌ଘାତ ହେତୁ ମୃତ୍ୟୁ ବରଣ କରିଥିଲେ। ନିଯୁକ୍ତି ଯୋଜନାରେ ଉଲ୍ଲେଖ କରାଯାଇଥିବା ରୋଗ ମଧ୍ୟରେ ଏହି ରୋଗ ରହିଛି। ତେବେ କମ୍ପାନୀ କର୍ତ୍ତୃପକ୍ଷ ଅନୁକମ୍ପା ନିଯୁକ୍ତିକୁ ଅଗ୍ରାହ୍ୟ କରିପାରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ଟ୍ରିବୁନାଲ ପକ୍ଷରୁ ଅନୁକମ୍ପା ନିଯୁକ୍ତି ପ୍ରଦାନ ପାଇଁ ଆଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି। ଅନୁକମ୍ପା ନିଯୁକ୍ତି ପାଇଁ ଆବେଦନ କରିଥିବା ପ୍ରତିପକ୍ଷ ଅଶୋକ କୁମାର ଗିରିଙ୍କ ପିତା ଷ୍ଟିଲ୍ ଅଥରିଟି ଅଫ ଇଣ୍ଡିଆର ବଣାଇ ମାଇନ୍ସରେ କାର୍ଯ୍ୟ କରୁଥିଲେ। ୨୦୧୧ ନଭେମ୍ବର ୭ରେ ତାଙ୍କର ହୃଦଘାତ ଜନିତ ଦେହାନ୍ତ ହୋଇଥିଲା। ମୃତ କର୍ମଚାରୀଙ୍କ ପତ୍ନୀ ଅନୁକମ୍ପା ନିଯୁକ୍ତି ଯୋଜନାରେ ପୁଅ ପାଇଁ ଆବେଦନ ଦାଖଲ କରିଥିଲେ। ଏହାକୁ କର୍ତ୍ତୃପକ୍ଷ ଖାରଜ କରିବାରୁ ସେ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବୁନାଲରେ ମାମଲା ଦାୟର କରିଥିଲେ। ସମ୍ପୃକ୍ତ କର୍ମଚାରୀଙ୍କ ମୃତ୍ୟୁର କାରଣ ହେଉଛି ହୋଲୋ ଭିସ୍କସ୍ ପର୍ଫୋରେସନ୍ ରୋଗ, ଯାହା ଅନୁକମ୍ପା ନିଯୁକ୍ତି ଯୋଜନାରେ ନାହିଁ ବୋଲି ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ କର୍ତ୍ତୃପକ୍ଷ ଯୁକ୍ତି ଦର୍ଶାଇଥିଲେ। ତେବେ ଏସସିବି ମେଡିକାଲ କଲେଜ ଓ ହସପିଟାଲର ତଥ୍ୟ ଅନୁସାରେ ସମ୍ପୃକ୍ତ କର୍ମଚାରୀ କିଡନୀ ଓ ହୃଦରୋଗରେ ପୀଡିତ ହୋଇ ମୃତ୍ୟୁ ବରଣ କରିଥିବା ସ୍ପଷ୍ଟ ହୋଇଥିଲା। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ଚିକିତ୍ସା ସମ୍ପର୍କିତ ବୈଷୟିକ ଶବ୍ଦାବଳୀ ଆଧାରରେ ଅନୁକମ୍ପା ନିଯୁକ୍ତି ଆବେଦନକୁ ପ୍ରତ୍ୟାଖାନ କରିବା ଗ୍ରହଣୀୟ ନୁହେଁ ବୋଲି ଟ୍ରିବୁନାଲ କହିବା ସହ ଉକ୍ତ ଆଦେଶକୁ ଖାରଜ କରି ଆବେଦନକାରୀଙ୍କୁ ଅନୁକମ୍ପା ନିଯୁକ୍ତି ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଚାଲେଞ୍ଜ କରି ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ମାନବସମ୍ବଳ ପ୍ରବନ୍ଧକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ସିନ୍ଦୂର ଦେବାକୁ ମନା କରିବାରୁ ପ୍ରେମିକକୁ କୁରାଢ଼ୀ ଚୋଟ

ଯଖପୁରା, ୨୩।୯ (ସମିସ): ସିନ୍ଦୂର ଦେବାକୁ ମନା କରିବାରୁ ପ୍ରେମିକକୁ କୁରାଢ଼ୀରେ ହାଣିଦେଲା ପ୍ରେମିକା। ଯାଜପୁର ଜିଲ୍ଲା କଳିଙ୍ଗନଗର ଥାନା ବାରବାଙ୍କି ଗ୍ରାମରେ ଆଜି ଏଭଳି ଏକ ଘଟଣା ଘଟିଛି। ଆକ୍ରମଣର ଶିକାର ପ୍ରେମିକଜଣଙ୍କ ହେଲା, ପିଥା ସୋରେନ୍ (୨୩)। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ପ୍ରେମିକା ପାର୍ବତୀ ବଦ୍ର(୨୪)କୁ ଗିରଫ କରିଛି। ସୂଚନାନୁଯାୟୀ, ପାର୍ବତୀ ଓ ପିଥା ସୋରେନ୍ ପରସ୍ପରକୁ ପ୍ରେମ କରୁଥିଲେ। ବିବାହ କରିବାକୁ ନିଷ୍ପତ୍ତି ନେଇ ଗତ ୨୦ ଦିନ ହେଲା ଉଭୟ ଏକାଠି ସ୍ୱାମୀ-ସ୍ତ୍ରୀ ଭଳି ରହୁଥିଲେ। ତେବେ ବିବାହକୁ କେନ୍ଦ୍ର କରି ଆଜି ଦୁହିଁଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ପାର୍ବତୀ ଏକ କୁରାଢ଼ୀରେ ପିଥାଙ୍କୁ ଚୋଟ ପକାଇଥିଲା। ପିଥାଙ୍କ ମୁଣ୍ଡ, ମୁହଁ ଓ ବେକରେ ଆଘାତ ଲାଗିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଦାନଗଦି ମେଡିକାଲରେ ଭର୍ତ୍ତି କରାଯାଇଥିଲା।

# ସପ୍ତଗିରି ଉଲ୍ଲାକା ତ୍ରିପୁରା ପିଏସି ଅଧ୍ୟକ୍ଷ ନିଯୁକ୍ତ

ଭୁବନେଶ୍ୱର, ୨୩।୯ (ସମିସ): ତ୍ରିପୁରା ପ୍ରଦେଶ କଂଗ୍ରେସ କମିଟିର ରାଜନୈତିକ ବ୍ୟାପାର କମିଟି (ପିଏସି) ଅଧ୍ୟକ୍ଷ ହୋଇଛନ୍ତି କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା। ତ୍ରିପୁରା ପାଇଁ ଏଆଇସିସି ପକ୍ଷରୁ ୨୫ଜଣିଆ ଏକ ରାଜନୈତିକ ବ୍ୟାପାର କମିଟି ଗଠନ କରାଯାଇଛି। ଏହି କମିଟିରେ ତ୍ରିପୁରା ପିସିସି ପ୍ରଭାରୀ ତଥା କୋରାପୁଟ ସାଂସଦ ଶ୍ରୀ ଉଲ୍ଲାକାଙ୍କୁ ଅଧ୍ୟକ୍ଷ ରୂପେ ଦାୟିତ୍ୱ ଦିଆଯାଇଛି।

■ ୪ ମାସ ଧରି ଦରମା ମିଳିନି

# ସିକ୍ୟୁରିଟି କର୍ମଚାରୀଙ୍କ ଆତ୍ମହତ୍ୟା ଉଦ୍ୟମ

କଣ୍ଟାବାଞ୍ଜି,୨୩।୯ (ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ହସ୍ପିଟାଲରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗତ ୪ମାସ ଧରି ଦରମା ନ ମିଳିବାରୁ ଜଣେ ସୁରକ୍ଷା କର୍ମୀ ଆଜି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ, ବଲାଙ୍ଗିର ଜିଲ୍ଲାର ଭଇଁସା ଗାଁର ଅନୀଲ ସୁନା। ବର୍ତ୍ତମାନ ସେ କେୟାର ସିକ୍ୟୁରିଟି ଓ ଆଲାଏଡ୍ ସର୍ଭିସେସ୍ କମ୍ପାନୀ ଅଧୀନରେ ହସ୍ପିଟାଲରେ ସୁରକ୍ଷା କର୍ମୀ ଭାବରେ କାର୍ଯ୍ୟ କରୁଛନ୍ତି। ପ୍ରାୟ ୨୦ଟି ଔଷଧ ଖାଇ ସେ ଜୀବନ ହାରିବାକୁ ଚେଷ୍ଟା କରିଛନ୍ତି। କଣ୍ଟାବାଞ୍ଜି ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି।

# ବଜ୍ରପାତରେ ମହିଳାଙ୍କ ସମେତ ୬ ଛେଳି ମୃତ

ଛେଣ୍ଡିପଦା,୨୩।୯ (ସମିସ): ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ପରା ଗାଁରେ ବଜ୍ରପାତରେ ଜଣେ ମହିଳାଙ୍କ ସମେତ ୬ ଛେଳି ପ୍ରାଣ ହରାଇଛନ୍ତି। ମୃତ ମହିଳାଜଣଙ୍କ ହେଲେ, ପରା ଗାଁର ବାସନ୍ତୀ ପ୍ରଧାନ(୪୬)। ଗାଁ ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବାକୁ ନେଇଥିବା ବେଳେ ହଠାତ ବଜ୍ରପାତ ହେବାରୁ ମହିଳାଙ୍କର ପରଲୋକ ଘଟିଥିବା ବେଳେ ତାଙ୍କ ସହ ୬ଟି ଛେଳିର ମଧ୍ୟ ମୃତ୍ୟୁ ଘଟିଛି। ଜରପଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ କରୁଛି।

# ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ



ସମ୍ବଲପୁର,୨୩।୯ (ସମିସ): ସମ୍ବଲପୁର ମାଲିପଡ଼ା ଅଞ୍ଚଳରେ ଜଣେ ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଯୁବତୀଜଣଙ୍କ ହେଲେ, ମଧୁ ପଟେଲ (୨୨)। ଦୀର୍ଘ ଦିନ ହେଲା ତାଙ୍କ ପରିବାରରେ କଳହ ଲାଗି ରହିଥିଲା। ଗତକାଲି ମଧ୍ୟ କଳହ ହୋଇଥିଲା। ସେହିପରି ପୁଲିସ କହିବା ଅନୁସାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରଙ୍କ କହିବା ଅନୁସାରେ ବେକରେ ଦାଗ ରହିଛି। ତେଣୁ ଏହା ଏକ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତଦନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି। ଟାଉନ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷେ, ହୃଦ୍‌ଘାତରେ ଝିଅର ମୃତ୍ୟୁ ହୋଇଛି ବୋଲି ଝିଅର ବାପା କହିଛନ୍ତି।

AFFIDAVIT

I, Azra Paiker, aged about 38 years, W/o- Mohammad Ismail, resident of At- Magurgadia, Ps- Keonjhar Town, Dist- Keonjhar, Odisha, Pin- 758001 declare by this affidavit No. 1967, dtd- 22.09.2025, that now onwards I shall be known as **AZRA PAIKAR** for all future purposes.

ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIIBBS 2025040, ତା.12.09.2025ରିଖ

କାର୍ଯ୍ୟର ନାମ: ଫର୍ମେସନ, ଛୋଟ (Minor) ପୋଲ, ବଡ଼ (Major), ୟାର୍ଡ଼, ଷ୍ଟେସନ ଭବନ, ସେବା ଭବନ, P.Way ଲିଙ୍କିଙ୍ଗ୍ କାର୍ଯ୍ୟ, ବାଲାଷ୍ଟ ଯୋଗାଣ, ପ୍ଲାଟଫର୍ମ କାର୍ଯ୍ୟ, ପ୍ଲାଟଫର୍ମ ସେଲ୍ଟର, ଟ୍ରେନ୍ କାର୍ଯ୍ୟ, କ୍ୟାମ୍ପିଙ୍ଗ୍ ସୁବିଧା, ରକ୍ଷଣ କାର୍ଯ୍ୟଗୁଡ଼ିକର ସମ୍ପାଦନ ଏବଂ ତାଳଚେର-ବିମଳାଗଡ଼ ନ୍ୟୁ BG ରେଳ ଲିଙ୍କ୍ ପ୍ରକଳ୍ପ ସୟନ୍ଧୀୟ ସମସ୍ତ ୟାର୍ଡ଼ ସହିତ ପାଲଲହଡ଼ା (Ex)(ସିଏଚ୍: 76.90 କି.ମି.)-ବାରକୋଟ୍ (In)(ସିଏଚ୍: 98.325 କି.ମି.) ମଧ୍ୟରେ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 59189.81 ଲକ୍ଷ, EMD (ଟଙ୍କାରେ): 1,00,00,000/-, କାର୍ଯ୍ୟ ଶେଷ ହେବା ଅବଧି : 30(ତିରିଶି)ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.14.10.2025 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଘଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭପୁର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-110/CI/25-26

O-799

E-Mail ID - rwd.padampur@yahoo.co.in
Ph.No. 9437255440

Government of Odisha "e" Procurement Notice
Bid Identification No: Online- 08-OF 2025-26

| | | | |
|---|---|---|---|
| 1. | Name of the work | : | Building works (As per Annexure-'A') |
| 2. | Amount put to Bid Excluding GST | : | As per Annexure-'A' |
| 3. | Class of contractor | : | "D" & "C" |
| 5. | Date & Time of availability of bid document in the portal | : | From Dt. 25.09.2025 at 10.00 A.M. |
| 6. | Last date & Time for receipt of bids in the portal | : | Dt. 04.10.2025up to 05:00 P.M. |
| 7. | Last date of seeking clarification | : | Dt. 03.10.2025 up to 5.00 P.M |
| 8. | Date & Time of technical bid opening | : | Dt. 06.10.2025 at 11.00 A.M . |
| 10. | Name and address of the Officer Inviting Bid | : | Executive Engineer, R.W.Division, Padampur, At/Po-Padampur, Dist-Bargarh,Pin- 768036 |

(1) Other details can be seen from DTCN available in website www.tendersodisha.gov.in
(2) Corrigendum if any shall only be published in the above website

Sd/-
Executive Engineer,
Rural Works Division, Padampur

OIPR-25069/11/0036/2526

MUNICIPAL OFFICE: JEYPORE

C-1163

Ph. No. 06854-321098, Fax No. 06854-230104, Email - jeyporem.hud@nic.in

**L. No.** 4198/JM **JM-TCN02/2025-26** **Date.** 22/09/2025

Bid documents consisting of specification, the Bill of Quantity and the Tender call notice can be seen in the Govt. website https://tendersorissa.gov.in/nicgep/app.

| | |
|---|---|
| Bid Documents including Schedule of Quantity available for online bidding | https://tendersorissa.gov.in/nicgep/app |
| No of works. | 01 |
| Estimated cost | As per DTCN |
| Date & Time of Bidding in portal | From **23/09/25** at 11:00 Hours to **10/10/25** Upto 16:00 Hours |
| Last date & time for receipt of bids in portal | **10/10/2025** Upto 16:00 Hours |
| Offline Documents Received through Speed Post/ Registered Post | **10/10/2025** at 16:00 Hours to **14/10/2025** Up to 11:00 Hours (Working Days Only) |
| Bids received online shall be opened on | **14/10/2025** at 11:00 Hours onwards |
| Offline Documents shall be opened in presence of the Participate Bidders | **14/10/2025** at 11:00 Hours onwards |

Executive Officer
Jeypore Municipality

OIPR-13079/11/0069/2526

AFFIDAVIT

By virtue of an affidavit sworn before the Executive magistrate, Pattamundai Dt. 21.06.25. I Anupama Mallik ,D/o Late Nirmal Chandra Rout ,w/o- Rabindra Mallik,and Ku Anupama Rout, D/o -Late Nirmal Chandra Rout, w/o-Rabindra Mallik,and Anusuya Pradhan, C/O-Nirmal Chandra Rout, W/o- Rabindra Mallik of my Parental address as well as father-in-law's address is one and same person for all purposes.

AFFIDAVIT

By virtue of an affidavit sworn before the Executuve Magistrate, Nabarangpur, dated. 23.09.2025, I SANJUKTA KUMARI RATH , W/o- Late. Surendra Kumar Das, Vill.- Rampali, Po.- Kerla, Ps.- Kosagumuda, Dist- Nabarangpur, Odisha, Pin - 764058 declare that, I have changed my name from **SANJUKTA KUMARI RATHBHOI** to **SANJUKTA KUMARI RATH**. Henceforth I shall be known as **SANJUKTA KUMARI RATH** for all purposes.
Sd/- **SANJUKTA KUMARI RATH**

AFFIDAVIT

By virtue of an affidavit sworn before P.K Mishra (O.R.S) Executive Magistrate, Balasore Sl No- 10305 Dt-19/09/2025.I Agstin Vincent Khan, Age-46, S/o- John Sittar Khan At- Padhuanpada,Proof Road, Ps- Sahadevkhunta, Po/Dist-Balasore. That my name wrongly recorded Pan Card no-AUTPV0038L Agastin Vincent and One Lic Policy bond No- xxxx25305 and one Baroda Bank account no-xxxx0100000384 Augustin Khan . I declared that Agstin Vincent Khan , Agastin Vincent and Augustin Khan are one and same person for all future purposes.

PUJA OFFER
SALE

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

AFFIDAVIT

By virtue of an affidavit sworn before the Executuve Magistrate, Nabarangpur, dated. 22.09.2025, I Rajendra Bhatra, S/o- Rabi Bhatra, Vill.- Raja Beheraguda, Po.- Agnipur, Ps.- Nabarangpur, Dist.- Nabarangpur, Odisha, Pin - 764059, declare that, I have changed my minor Son's name from **RAJENDRA BHATRA** to **ARAVINDA BHATRA**. Henceforth he shall be known as **Aravinda Bhatra** for all purposes.
Sd/- **Rajendra Bhatra**

AFFIDAVIT

By virtue of an affidavit sworn before the Notary Public, Sunabeda dated 23/09/2025 I Sri. Anantaram Dora, S/o- Samara Dora, Vill.- Anlaghati, Po.- Semala, Ps.- Nandapur, District- Koraput, Odisha, declare that I have changed my daughter's name from **Anjali Dhara** to **Namita Dora.** Henceforth, my daughter shall be known as **Namita Dora** for all purposes.
Sd/- **Anantaram Dora**

AFFIDAVIT

By virtue of an affidavit sworn before the Notary Public, Sunabeda dated 20/09/2025 I Smt. Pramila Khemundu, D/o- Ramachandra Khemundu, Vill.- Attanda, Po.- Attanda, Ps.- Padwa, District- Koraput, Odisha, declare that I have changed my name from **Subila Khemundi** to **Pramila Khemundu.** Henceforth, I shall be known as **Pramila Khemundu** for all purposes.
Sd/- **Pramila Khemundu**

AFFIDAVIT

I, Sampad Kumar Satapathy, S/o- Prasanna Kumar Satapathy, resident of At- Ambajhara, PO: Garhbanikilo, PS: Ranapur, Dist: Nayagarh, Odisha, PIN: 752026 declared by this affidavit No. 17, dtd- 23/09/2025, that now onwards I shall be known as **SAMPAD SATAPATHY** for all future purposes.

AFFIDAVIT

By virtue of an affidavit sworn before the Executuve Magistrate, Nabarangpur, dated. 05.06.2025, I SATIS BHATRA , S/o- Madhab Bhatra, Vill-Danaguda, Po.- Sanmasigam, Ps.-Nabarangpur, Dist- Nabarangpur, Odisha, Pin - 764063 declare that, I have changed my name from **DEB BHATRA** to **SATIS BHATRA**. Henceforth I shall be known as **SATIS BHATRA** for all purposes.
Sd/- **SATIS BHATRA**

# ନବରାତ୍ର ପୂଜା ପାଇଁ ଉତ୍ସବମୁଖର ଶକ୍ତିପୀଠ



**ଖଣ୍ଡପଡ଼ା,୨୩।୯ (ସମିସ):** ପାର୍ବଣ ଋତୁ ଅବସରରେ ଉତ୍ସବମୁଖର ହୋଇ ଉଠିଛି ଖଣ୍ଡପଡ଼ା ଅଞ୍ଚଳର ପ୍ରମୁଖ ଶକ୍ତିପୀଠ ଗୁଡିକ । ସବୁ ଶକ୍ତିପୀଠରେ ଚାଲିଛି ଷୋଡ଼ଶ ଉପଚାରରେ ନବରାତ୍ର ପୂଜା । ପବିତ୍ର ମୂଳାଷ୍ଟମୀ ଠାରୁ ଦେବୀଙ୍କ ନିକଟରେ ଷୋଳ ଦିନାତ୍ମକ ପୂଜାପାଠ ଆରମ୍ଭ ହୋଇଥିବା ବେଳେ ଏବେ ନବ ଦିନାତ୍ମକ ପୂଜାପାଠ ଆରମ୍ଭ ହୋଇଛି । ଖଣ୍ଡପଡ଼ା ସହରର ଆରାଧ ମା' ଉମାଦେବୀଙ୍କ ପୀଠ, ମା' ବାଉରୀ ଠାକୁରାଣୀଙ୍କ ପୀଠ, ମା' ପାଟଚଣ୍ଡୀଙ୍କ ପୀଠ, ମା'ଡୁମାଲୁଣୀଙ୍କ ପୀଠ, ମା' ବାହାଡାଶୁଣୀଙ୍କ ପୀଠ, ମା' କୁକୁଟାଶୁଣିଙ୍କ ପୀଠ, ମା' ଡକେଇଶୁଣୀଙ୍କ ପୀଠ, ମା'ବେଲେଇଶୁଣୀଙ୍କ ପୀଠ, ମା'ସପ୍ତଭାୟା ପୀଠ, ମା'ଶୂଳିଆଙ୍କ ପୀଠ ସମେତ ଅନ୍ୟନ୍ୟା ଶକ୍ତିପୀଠ ଗୁଡିକରେ ହୋମଯଜ୍ଞ, ପୂଜାପାଠ ଆଦି ମାଙ୍ଗଳିକ କାର୍ଯ୍ୟ ପାରମ୍ପରିକ ପ୍ରଥାନୁଯାୟୀ ଚାଲୁ ରହିଥିବା ଜଣାପଡିଛି ।

# ମା'କୁକୁଟାଶୁଣୀଙ୍କ ବାର୍ଷିକ ଉଭାପର୍ବ

**ଖଣ୍ଡପଡ଼ା,୨୩।୯ (ସମିସ):** ଖଣ୍ଡପଡ଼ା ବ୍ଲକ କିଆଝର ଗ୍ରାମରେ ମା' କୁକୁଟାଶୁଣୀଙ୍କ ପୀଠ ପରିସରରେ ଉଭାପର୍ବ ଅନୁଷ୍ଠିତ ହୋଇଯାଇଛି । ସକାଳୁ ରୀତିନୀତି ଅନୁଯାୟୀ ମାଆ ଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ସେହିପରି ସନ୍ଧ୍ୟାରେ ମା'ଙ୍କ ପୀଠରେ ସନ୍ଧ୍ୟା ଆଳତି ଦେଖିବାକୁ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲିଖିତ ହୋଇଥିଲା । ସନ୍ଧ୍ୟାରେ ଉପସ୍ଥିତ ଭକ୍ତମାନଙ୍କ ପାଇଁ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ମଧ୍ୟ ରାତ୍ରରେ ଗୁପ୍ତ ବିଧିରେ ଦେବୀଙ୍କ ଆବାହନ ପରେ କାଳିସୀର ଦେହରେ ଦେବୀ ପ୍ରବେଶ କରି ଭକ୍ତମାନଙ୍କ ଗୁହାରି ଶୁଣିଥିଲେ । ଏଥିସହ ଗ୍ରାମ ପରିକ୍ରମା କରିବା ସହିତ ଭୋଗ ଲାଗି ହୋଇଥିଲା । କିଆଝର ଗ୍ରାମର ସମାଜସେବୀ ବିଭୂଭୂଷଣ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉଭା କାର୍ଯ୍ୟ ପ୍ରତ୍ୟେକ ବର୍ଷ ଆୟୋଜନ ହେଉଥିବା ବେଳେ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂହ, ସରପଞ୍ଚଙ୍କ ପ୍ରତିନିଧି ସମରେନ୍ଦ୍ର ମହାନ୍ତି, ମକରା ଗୁରୁ, ଦାସ ଗୁରୁ, ଡୁମାଲ ସିଂ, ମାଟିଆ ସ୍ୱାଇଁ, ବଛେଇ ସ୍ୱାଇଁ, ଦେବ ଗୁରୁ, ପ୍ରଦୀପ୍ତ ଦାସ, ସନ୍ତୋଷ କୁମାର ଦାସ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

# ମାଉଣ୍ଟ ଲାମୋରେ ତ୍ରିରଙ୍ଗା ଉଡ଼ାଇଲେ ସୋନାଲି



**ଭାପୁର,୨୩।୯ (ସମିସ):** ହିମାଳୟର ଦୁର୍ଗମ ଗିରିଶୃଙ୍ଗ; ଯାହା ଶହ ଶହ ବର୍ଷ ଧରି ପର୍ବତାରୋହିଙ୍କ ପାଇଁ ଅଗମ୍ୟ ହୋଇ ରହିଥିଲା; ତାହାକୁ ଭାରତୀୟ ସେନାବାହିନୀର ୧୧ ବୀରା ସେନା ଅଫିସର ଚଢ଼ି କରି ଦେଖାଇଛନ୍ତି । ଏହି ଶୃଙ୍ଗ ଉପରେ ତ୍ରିରଙ୍ଗା ଉଡ଼ାଇ ଦେଶକୁ ଗୌରବାନ୍ୱିତ କରିଥିବା ଦଳର ଉପ ଦଳପତି ଭାବେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଭାପୁର ଗ୍ରାମର ନୌସେନାର ପୂର୍ବତନ ଅନରାରୀ ଲେଫ୍ଟନାଣ୍ଟ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ଝିଅ କ୍ୟାପଟେନ ସୋନାଲି ମହାପାତ୍ର ସାମିଲ ହୋଇ ଦେଶ ଓ ଜାତି ପାଇଁ ସୁନେଲି ଅଧ୍ୟାୟ ସୃଷ୍ଟି କରିଛନ୍ତି । ହିମାଳୟର ଏହି ଅଜେୟ ଶୃଙ୍ଗ ଉପରେ ବିଜୟ ଲାଭ କରିବା ପାଇଁ ଭାରତୀୟ ନର୍ସିଂ ସେବା ବିଭାଗର ୧୧ ମହିଳା ଅଫିସର ମେଜର ରଚନା ହୁଡ଼ା ଓ କ୍ୟାପଟେନ ସୋନାଲି ମହାପାତ୍ରଙ୍କ ନେତୃତ୍ୱରେ ପୂର୍ବ ଲଦାଖରୁ ଯାତ୍ରା ଆରମ୍ଭ କରିଥିଲେ । ଲଦାଖର ଯାବତ ଟୋକ୍‌ପା ଉପତ୍ୟକାର ୬୧୨୦ ମିଟର ଉଚ୍ଚ ଏହି ଦୁର୍ଗମ ଶୃଙ୍ଗ ଉପରେ ପୂର୍ବରୁ ପୃଥିବୀର କୌଣସି ପର୍ବତାରୋହି ବିଜୟ ଲାଭ କରିନଥିବାରୁ ଭାରତୀୟ ବୀରା ରମଣୀମାନେ ଶୃଙ୍ଗ ଶିଖରରେ ତ୍ରିରଙ୍ଗା ଉଡ଼ାଇ ମହିଳା ଶକ୍ତିର ପ୍ରତୀକ ମା' କାଳୀଙ୍କ ନାମ ଅନୁସାରେ ଏହି ଶୃଙ୍ଗର ନାମ 'ଦ'ଲାମୋ ଶୃଙ୍ଗଦ' ଭାବେ ନାମିତ କରିଛନ୍ତି । ଭାରତୀୟ ନର୍ସିଂ ସେବାର ଶତାବ୍ଦୀ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଏହି ପର୍ବତାରୋହଣ ଗତମାସରୁ ଆରମ୍ଭ ହୋଇ ସେପ୍ଟେମ୍ବର ୧୮ ତାରିଖରେ ଶୃଙ୍ଗରେ ଭାରତର ଜାତୀୟ ପତାକା ଉଡାଇ ମହିଳା ସେନା ଅଧିକାରୀମାନେ ନିଜର ଶୌର୍ଯ୍ୟର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି । ଯାହାକୁ ନେଇ ସାର ଦେଶରେ ଚର୍ଚ୍ଚିତ ହୋଇଛି ଓ ଶୁଭେଚ୍ଛାର ସୁଅ ଛୁଟିଛି ।

## ଛାରଖାର ହେଉଛି ଚିନିକଳ

# ପ୍ରତ୍ୟେକ ଦିନ ଲୁଟ୍ ହେଉଛି ଲୁହା

ନୟାଗଡ଼,୨୩।୯ (ସମିସ)



ନୟାଗଡ଼ ସଦର ବ୍ଲକ ପାଣିପୋଇଲାଠାରେ ବନ୍ଦ ପଡ଼ିଥିବା ଚିନିକଳ ଏବେ ଛାରଖାର ଅବସ୍ଥାରେ। ପ୍ରତ୍ୟେକ ଦିନ ଲୁହା ସାମଗ୍ରୀ ଲୁଟ ହେଉଛି । ଦୁଇ ବର୍ଷ ଭିତରେ କୋଟିଏ ଟଙ୍କାର ଲୁହା ସାମଗ୍ରୀ ଲୁଟ ହୋଇ ସାରିଲାଣି । ନୟାଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ଦୁଇ ଜଣ ଗୃହରକ୍ଷୀଙ୍କୁ ଏହାର ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରାଯାଇଥିବା ବେଳେ ଦିନ ଦ୍ୱିପହରରେ ଲୁଟ ହେଉଥିବା ଜଣାପଡ଼ିଛି । ଲୁଟେରା

### ଉଦ୍ଧାର ହେଉଥିବା ଲୁହା ବିକୁଛନ୍ତି ପୁଲିସ କର୍ମଚାରୀ

ଏହାର ମୁଖ୍ୟ ଫାଟକକୁ କାଟି ନେଇ ସାରିଥିବା ବେଳେ ଭିତରର ଅବସ୍ଥା ଆହୁରି ଶୋଚନୀୟ ହୋଇପଡ଼ିଛି । ଲୁହା ଯନ୍ତ୍ରାଂଶ ସହ ଉକ୍ତ କାରଖାନା ଘର ନିର୍ମାଣ ପାଇଁ ବ୍ୟବହାର ହେଉଥିବା ଲୁହା ଆଙ୍ଗଲ ଗୁଡ଼ିକୁ ଗ୍ୟାସ କଟରରେ କାଟି ବୁହା ଚାଲିଛି । ଚିନିକଳ ଭିତରରେ ଚାଲି ଗଲେ, କେବଳ ନଷ୍ଟ ହୋଇଥିବା କଟର ପ୍ଲେଟ ଗୁଡ଼ିକ ଦେଖିବାକୁ ମିଳୁଛି । ଏହି ଲୁଟ ପଛରେ ସଦର ଥାନାର କିଛି ପୁଲିସ କର୍ମଚାରୀଙ୍କ ଭୂମିକା ସନ୍ଦେହ ଘେରକୁ ଆସୁଛି । ଲୁଟେରାମାନେ ଲୁଟ କରୁଥିବା ନେଇ ପୁଲିସ ଖବରପାଇ ଚଢ଼ଉ କରୁଥିଲେ ମଧ୍ୟ ଚୋର ଧରି ପାରୁନାହିଁ । ସେଠାରୁ ଜବତ କରାଯାଉଥିବା ଲୁହାକୁ କିଛି ପୁଲିସ କର୍ମଚାରୀ କବାଡ଼ିଆକୁ ବିକ୍ରି କରୁଥିବା ଅଭିଯୋଗ ହୋଇଛି । ଦୁଇ ଦିନ ତଳେ ସଦର ଥାନା ପୁଲିସ ଗୋଟିଏ ଟ୍ରାକ୍ଟରରେ ଲୁହା ବୋଝେଇ କରି ଚିନିକଳରୁ ବାହାରିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ତାହା ମଧ୍ୟରୁ ୮୦ ପ୍ରତିଶତ ଲୁହାକୁ ବିକ୍ରି କରି ଦିଆଯାଇଥିବା ବେଳେ ୨୦ ପ୍ରତିଶତ ଲୁହା ଥାନାକୁ ଆସିଥିବା ଦେଖାଯାଇଛି । ଲୁଟେରାମାନେ ଟାଟା ଏସି, ପିକ୍‌ଅପ୍, ଏପରିକି ଟ୍ରକ୍ ଦ୍ୱାରା ଲୁହା ସାମଗ୍ରୀ ବୋହୁଥିବା ଦେଖିବାକୁ ମିଳିଛି । ନୟାଗଡ଼ ଜିଲ୍ଲା ଇଟାମାଟି ବଜାରରେ ରହିଥିବା କିଛି କବାଡ଼ିଆ ଦୋକାନୀ ଲୁଟେରାଙ୍କୁ ଅସ୍ତ୍ର କରିଛନ୍ତି । ଲୁଟ ସାମଗ୍ରୀ ଇଟାମାଟିରେ ପହଞ୍ଚିବା ପରେ ଏହାକୁ ଜିଲ୍ଲା ବାହାରକୁ ଚାଲାଣ କରାଯାଉଛି । ଏହି କବାଡ଼ିଆଙ୍କ ମଧ୍ୟସ୍ଥତାରେ ସଦରଥାନାର ଜଣେ ଏସ୍‌ଆଇ ଏବଂ ଜଣେ ଏଏସ୍‌ଆଇ ଚାନ୍ଦା ପାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ପୁଲିସ ଅନେକ ଥର ଚିନିକଳରୁ ଖାଲି ହାତରେ ଫେରୁଛି । କେବଳ ଗୃହ ଭେଦି ବିଭୀଷଣଙ୍କ ପାଇଁ ସଦରଥାନା ପୁଲିସ ବିଫଳ ହେଉଛି ବୋଲି ଆଲୋଚନା ହେଉଛି । ଗିରଫ ହୋଇଥିବା ଲୁଟେରା ପୁଲିସ ଆଗରେ ସବୁ ସତ ଓଗାଳିଥିଲେ ମଧ୍ୟ ଅନ୍ୟଙ୍କୁ ଗିରଫ କରାଯାଉନାହିଁ । ଫଳରେ ଚିନିକଳରୁ ଦିନ ଦ୍ୱିପହରରେ ଲୁଟ ହୋଇ ଚାଲିଛି । ନୟାଗଡ଼ ଆଖୁ ଚାଷୀଙ୍କ ଭାବାବେଗ ସହ ଜଡ଼ିତ ଚିନିକଳ ଆଜି କଙ୍କାଳ ସାର ଅବସ୍ଥାରେ ଛିଡ଼ା ହୋଇଛି । ଜିଲ୍ଲା ପୁଲିସ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି । ଏଠାରେ ପ୍ରକାଶ ଯୋଗ୍ୟ, ନୟାଗଡ଼ ଜିଲ୍ଲା ପାଣିପୋଇଲାଠାରେ ଅବସ୍ଥିତ ଚିନିଶିଳ୍ପ ୨୦୧୫ ମସିହାରୁ ତାଲା ଝୁଲୁଛି । ଚିନିଶିଳ୍ପର ୯୦ ପ୍ରତିଶତ ଯନ୍ତ୍ରାଂଶ ଚୋରି ହୋଇସାରିଛି । ଏଭଳି ସ୍ଥିତିରେ ଚିନିଶିଳ୍ପକୁ ନେଇ କୋର୍ଟରେ ଅନେକ ମାମଲା ଚାଲିଛି । ଚିନିଶିଳ୍ପକୁ କିଣିଥିବା ମାଲିକ ତ୍ରଲୋକ୍ୟ ମିଶ୍ର ସରକାରଙ୍କ ନାଁରେ ୧୫ ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ମାମଲା କରିଥିବା ବେଳେ ଶ୍ରମିକ ଓ କର୍ମଚାରୀଙ୍କ ପକ୍ଷରୁ ବକେୟା ଦରମାକୁ ନେଇ ମାମଲା ରହିଛି । ସମବାୟ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଚିନିଶିଳ୍ପ ନାଁରେ ୟୁକୋ ବ୍ୟାଙ୍କରୁ ଅନେକ ଟଙ୍କାର ଋଣ ରହିଛି । ଚିନିଶିଳ୍ପ ଅବସ୍ଥା, କୋର୍ଟ ମାମଲାକୁ ଲକ୍ଷ କଲେ ତାହା ପୁନଃ କାର୍ଯ୍ୟକ୍ଷମ ହେବା ସମ୍ଭାବନା ଦେଖାଯାଉନାହିଁ । ଚିନିକଳ ଚାଲିବା ସମ୍ଭବ ନଥିବା ଜଣାପଡ଼ିବା ପରେ ନୂତନ ଚିନିକଳ ସ୍ଥାପନ ନେଇ ପ୍ରଶାସନ ଓ ସାଂସଦ ଆଲୋଚନା କରିଥିଲେ । ଏହାକୁ ନେଇ ଜମି ଚିହ୍ନଟ ଆରମ୍ଭ ହୋଇଥିବା ବେଳେ ମିଳିତ କ୍ରିୟାନୁଷ୍ଠାନ କମିଟି ପୁରୁଣା ଚିନକଳ ନିକଟବର୍ତ୍ତୀ ସ୍ଥାନରେ ଚିନିକଳ ସ୍ଥାପନ ପାଇଁ ଦାବି କରୁଛି । ପୁରୁଣା ଚିନିକଳ ସଂଲଗ୍ନ ରାସୋଳ ମୌଜା, ଖାତା ନଂ-୨, ପ୍ଲଟ ନମ୍ବର ୧,୨,୩ ମୋଟ ଏରିଆ ୧୧୧.୩୭ ଏକର ନୂତନ ଚିନିକଳ ପ୍ରତିଷ୍ଠା ପାଇଁ ଦାବି ହେଉଛି ।

# ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା

**ଭାପୁର,୨୩।୯ (ସମିସ):** ପାରିବାରିକ କଳହ ଓ ଅଶାନ୍ତି କୁପରିଣତି ଯୋଗୁଁ ଦୁଇଟି ନାବାଳକ ପିଲାର ମା' ରଶି ଲଗାଇ ଆତ୍ମହତ୍ୟା କରିଛି । ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଶାଳପଡା ପଞ୍ଚାୟତ କେନ୍ଦୁପଲ୍ଲୀ ଗ୍ରାମର ଗୋପାଳ ଚନ୍ଦ୍ର ପଣ୍ଡାଙ୍କ ଝିଅ ରଞ୍ଜୁବାଳା ପଣ୍ଡା ଗଣିଆ ଥାନା ଇନ୍ଦିପଥର ଗ୍ରାମର ପ୍ରମୋଦ କୁମାର ପଣ୍ଡାଙ୍କୁ ୨୦୧୪ ମସିହାରେ ବୈଦିକ ରିତିରେ ବିବାହ କରିଥିଲେ । ତାଙ୍କର ୧୦ ବର୍ଷର ପୁଅ ଓ ୫ ବର୍ଷର ଝିଅ ଅଛନ୍ତି । ମାତ୍ର ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଅନେକ ସମୟରେ କଳହ ଓ ଅଶାନ୍ତି ଲାଗି ରହିଥିଲା । ରଞ୍ଜୁବାଳା ଗତ ୪ ମାସ ହେଲା ଆସି ବାପଘର କେନ୍ଦୁପଲ୍ଲୀରେ ରହୁଥିଲେ । ମଙ୍ଗଳବାର ଦିନ ଘରେ ବାପା ଭାଇ ବିଲକୁ ଯିବା ପରେ ରଶି ଲଗାଇ ରଞ୍ଜୁବାଳା ଆତ୍ମହତ୍ୟା କରିଥିଲେ । ମା'ଦେଖି ସାହି ପଡ଼ିଶାଙ୍କୁ ଡାକି ସମସ୍ତଙ୍କୁ ଜଣାଇଥିଲେ । ଖବରପାଇ ଫତେଗଡ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଖଣ୍ଡପଡ଼ା ଡାକ୍ତରଖାନାକୁ ପଠାଇ ଦେଇଛି ।

# ସ୍ୱନିଧି ଯୋଜନାରେ ୮୫ ଜଣଙ୍କୁ ଋଣ ପ୍ରଦାନ

**ଓଡ଼ଗାଁ,୨୩।୯ (ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସିର ବୁଲା ବିକାଳି, ଉଠା ଦୋକାନୀ ଏବଂ ଠେଲା ଗାଡ଼ି ଦୋକାନୀ ମାନଙ୍କ ଆର୍ଥିକ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଓଡ଼ଗାଁ ଏନ୍‌ଏସିର ୮୫ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାରେ ଋଣ ପ୍ରଦାନ କରାଯିବ । ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବ୍ୟାଙ୍କ ଅଧିକାରୀ ଓ ହିତାଧିକାରୀଙ୍କ ଉପସ୍ଥିତିରେ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଲିଡ୍ ବ୍ୟାଙ୍କ ମ୍ୟାନେଜର ଲୋହିତ ନନ୍ଦ ବୈଠକରେ ଯୋଗଦେଇ, ସ୍ୱନିଧି ଯୋଜନାର ୩ ପର୍ଯ୍ୟାୟ ଋଣ ମିଳିବା ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ । ଆବଶ୍ୟକ ନଥିପତ୍ର ଯାଞ୍ଚ ପରେ ୧୨୬ ଜଣ ଆବେଦନକାରୀଙ୍କ ମଧ୍ୟରୁ ୮୫ ଜଣ ହିତାଧିକାରୀଙ୍କୁ ଋଣ ପ୍ରଦାନ ପାଇଁ ସ୍ଥିର ହୋଇଥିଲା । ତେବେ ହିତାଧିକାରୀ ମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ୨୦ ହଜାର ଟଙ୍କା ଋଣ ପ୍ରଦାନ କରାଯିବ । ଋଣ ଟଙ୍କାର ନିୟମିତ ପରିଚାଳନା କରି ସଠିକ୍ ପଇଠ କଲେ ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କୁ ଦ୍ୱିତୀୟ କିସ୍ତିରେ ୫୦ ହଜାର ଏବଂ ୩ୟ ପର୍ଯ୍ୟାୟରେ ୧ଲକ୍ଷ ଅଥବା ତା'ଠାରୁ ଅଧିକ ଋଣ ପ୍ରଦାନ କରାଯିବ ବୋଲି ଜଣାଯାଇଛି ।

# ଶ୍ରୁତି ସ୍ୱତନ୍ତ୍ର ବିଦ୍ୟାଳୟରେ ସାଂକେତିକ ଭାଷା ଦିବସ



**ନୟାଗଡ,୨୩।୯ (ସମିସ):** ସହିଦ୍ ଯୁବ ସଂଘ ନୟାଗଡ଼ ଦ୍ୱାରା ପରିଚାଳିତ ଶ୍ରୁତି ଶ୍ରବଣ ଓ ବାକ୍‌ବାଧିତ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟରେ ଆନ୍ତର୍ଜାତିକ ସାଂକେତିକ ଭାଷା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୁତିର ଅଧକ୍ଷା ଜୟଶ୍ରୀ ନାୟକ ଅଧକ୍ଷତା କରି ଆନ୍ତର୍ଜାତିକ ସାଂକେତିକ ଭାଷା ଦିବସର ମହତ୍ତ୍ୱ ଓ ଚଳିତ ବର୍ଷର ବିଷୟବସ୍ତୁ "ସାଂକେତିକ ଭାଷା ଅଧିକାର ବ୍ୟତୀତ ମାନବାଧିକାର ନିରର୍ଥକ' ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ବାକ୍ ଚିକିତ୍ସକ ସ୍ୱର୍ଣ୍ଣପରୀ ପ୍ରିୟଦର୍ଶିନୀ ସମସ୍ତ ବାକ୍ ଓ ଶ୍ରବଣ ବାଧିତ ଛାତ୍ରଛାତ୍ରୀଙ୍କୁ ସାଂକେତିକ ଭାଷାରେ ଆଜିର କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିଲେ । ସ୍ୱତନ୍ତ୍ର ଶିକ୍ଷକ ଆନନ୍ଦ କୁମାର ଚୌଧୁରୀ, ଜିତେନ୍ଦ୍ର ସେନାପତି, ମିଥୁନ ମଲ୍ଲିକ, ଶିକ୍ଷୟିତ୍ରୀ ଲତା ସାହୁ ଆଜିର ଦିବସର ତାତ୍ପର୍ଯ୍ୟ ଓ ସାଂକେତିକ ଭାଷା ସମସ୍ତଙ୍କର ଭାଷା ହେବା ଉଚିତ୍ ବୋଲି ଅଭିହିତ କରିଥିଲେ । ଏହି ଭାଷାର ପ୍ରଚଳନ, ସରକାରୀ ଓ ଘରୋଇ କ୍ଷେତ୍ରରେ ପ୍ରଚାର ପ୍ରସାର ହେଲେ ସମସ୍ତ ବାକ ଓ ଶ୍ରବଣ ବାଧିତ ବ୍ୟକ୍ତି ମାନଙ୍କର ଅଧିକାର ସୁରକ୍ଷିତ ହୋଇପାରିବ ବୋଲି ମତ ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମକୁ ମମତା ସାହୁ ଓ ସନ୍ଦୀପ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଦ୍ୟାଳୟର ୪୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

# ଶ୍ରବଣ ବାଧିତଙ୍କୁ ଶ୍ରବଣ ଯନ୍ତ୍ର ବଣ୍ଟନ

**ଓଡ଼ଗାଁ,୨୩।୯ (ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ସଭାଗୃହରେ ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଶ୍ରବଣ ବାଧିତ ଦିବ୍ୟାଙ୍ଗମାନଙ୍କ ପାଇଁ ଶ୍ରବଣ ଯନ୍ତ୍ର ପ୍ରୋଗ୍ରାମିଂ ଓ ବିତରଣ ଶିବିର ଆୟୋଜିତ ହୋଇଯାଇଛି । ଶିବିରରେ ୩୨ ଜଣଙ୍କ ନାମ ପଞ୍ଜୀକରଣ କରାଯାଇଥିବା ବେଳେ ସେଥି ମଧ୍ୟରୁ ୨୩ ଜଣ ଯୋଗ୍ୟ ଶ୍ରବଣ ବାଧିତଙ୍କ ଉଭୟ କାନ ପାଇଁ ୨ ପ୍ରକାର ୨ଟି ଲେଖାଏଁ ମୋଟ ୪୬ ଗୋଟି ଶ୍ରବଣ ଯନ୍ତ୍ର ବଣ୍ଟନ କରାଯାଇଥିଲା । ଅଡିଓଲୋଜିଷ୍ଟ ସତ୍ୟପ୍ରକାଶ ନାୟକ, ପ୍ରକାଶ କୁମାର ନାଥ, ଲକ୍ଷ୍ମୀପ୍ରିୟା ମଳିକ ଏବଂ ନିଷ୍ଠା ରଞ୍ଜନ ଦାସ ପ୍ରମୁଖ ଦିବ୍ୟାଙ୍ଗ ମାନଙ୍କ ଶ୍ରବଣ ଶକ୍ତି କ୍ଷମତାକୁ ପରୀକ୍ଷା କରି ଶ୍ରବଣ ଯନ୍ତ୍ର ଗୁଡ଼ିକୁ ପ୍ରୋଗ୍ରାମିଂ (ଅଡିଓ ପ୍ରସ୍ତୁତି) କରିଥିଲେ । ଓଡଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ସାମାଜିକ ସୁରକ୍ଷା ଅଧିକାରୀ ରାଜସ୍ୱିନୀ ପ୍ରଧାନ ଶିବିର ପରିଚାଳନା କରିଥିଲେ । କନିଷ୍ଠ ସହାୟକ ରାଜେଶ କୁମାର ନାଏକ ଏବଂ କାର୍ଯ୍ୟକ୍ରମ ସହାୟକ ବିଜୟାନନ୍ଦ ବେହେରା ସହଯୋଗ କରିଥିଲେ ।



## ■ ଛାତରୁ ଖସୁଛି ସିମେଣ୍ଟ ଛେଲା

# ଅସୁରକ୍ଷିତ ସିଡିପିଓ କାର୍ଯ୍ୟାଳୟ



**ଗଣିଆ,୨୩।୯ (ସମିସ):** ବିଭାଗୀୟ କାର୍ଯ୍ୟାଳୟଗୁଡିକୁ ସରସ ସୁନ୍ଦର କରିବା ପାଇଁ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା । କେଉଁଠି ନୂଆ ଗୃହ ନିର୍ମାଣ ହେଉଛି ତ ଆଉ କେଉଁଠି ରଙ୍ଗ ମାରି ଚକାଚକ କରାଯାଉଛି । ଅନାବଶ୍ୟକ ସ୍ଥାନରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଗୃହ ଗୁଡିକ ବ୍ୟବହୃତ ନହୋଇ ଖତ ଖାଉଛି । କିନ୍ତୁ ଆବଶ୍ୟକ ସ୍ଥାନରେ ଅସୁରକ୍ଷିତ ଭଙ୍ଗା ଦଦରା ଘରେ ଚାଲିଛି କାର୍ଯ୍ୟାଳୟ । ଗଣିଆ ବ୍ଲକ ସମନ୍ୱିତ ଶିଶୁ ବିକାଶ ସେବା କାର୍ଯ୍ୟାଳୟ କଥା ନକହିବା ଭଲ । କମ୍ପ୍ୟୁଟର ରୁମରେ ଡାଟା ଏଣ୍ଟ୍ରି ଅପରେଟର ବସୁଥିବା ଘରର ଛାତରୁ ସିମେଣ୍ଟ ଛେଲା ଖସୁଥିବା ଦେଖିବାକୁ ମିଳିଛି । ଛାତରୁ ସିମେଣ୍ଟ ଖସି ଛଡ ଦେଖାଗଲାଣି । ନିଜେ ସିଡିପିଓ ବସୁଥିବା କାର୍ଯ୍ୟାଳୟ ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡିଛି । କେତେବେଳେ ଯେ ସିମେଣ୍ଟ ଛେଲା କାହା ଉପରେ ପଡି କିଛି ଅଘଟଣ ନଘଟିବ କହି ହେବ ନାହିଁ । ସେହି ଅସୁରକ୍ଷିତ ଘରେ ଦୟନୀୟ ଅବସ୍ଥାରେ ବିଭାଗ ଚାଲୁଥିଲେ ମଧ୍ୟ ଏଥିପ୍ରତି କେହି ବି ଦୃଷ୍ଟି ଦେଉନାହାନ୍ତି । ସମନ୍ୱିତ ଶିଶୁ ବିକାଶ ଯୋଜନାରେ କାର୍‌ଯ୍ୟରତ ସମସ୍ତ କର୍ମଚାରୀ, ଅଙ୍ଗନବାଡ଼ି କର୍ମୀ ଅନେକ ସମୟରେ ଏଠାରେ ସଭା ସମିତି ମଧ୍ୟ କରୁଛନ୍ତି । ତେବେ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

## ନୟାଗଡ଼ ପୌର ପରିଷଦ ନୀରବ; ଭଡ଼ାରେ ଲାଗିଛି ଦୋକାନ

# ହୋଇପାରୁନି ମାର୍କେଟ୍ ରକ୍ଷଣାବେକ୍ଷଣ

ନୟାଗଡ଼,୨୩।୯ (ସମିସ)

ନୟାଗଡ଼ ପୌର ପରିଷଦ ଗଠନ ହୋଇଥିଲେ ମଧ ନୟାଗଡ଼ ସହରରେ ଏନ୍‌ଏସି ଅମଳରୁ ଚାଲିଥିବା ଜାଲିଆତିରେ ପୂର୍ଣ୍ଣଚ୍ଛେଦ ପଡ଼ିପାରୁନାହିଁ । ଫଳରେ ପୌର ପରିଷଦ ଆୟ ବୃଦ୍ଧି ହୋଇପାରୁନଥିବା ବେଳେ କିଛି ପ୍ରଭାବଶାଳୀ ବ୍ୟକ୍ତି ପୌର ପରିଷଦ ନାଁରେ ମାଲେମାଲ

▶ ଦୀର୍ଘ ବର୍ଷ ହେବ ବଢ଼ିନି ଭଡ଼ା
▶ ବୃଦ୍ଧି ପାଉନି ପୌର ପରିଷଦ ଆୟ

ହୋଇଚାଲିଛନ୍ତି । ନୟାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ସମୟରୁ ଦୋକାନ ଗୃହ ଆବଣ୍ଟନ ନାଁରେ ହୋଇଥିବା ଜାଲିଆତି ଦ୍ୱାରା କିଛି ବ୍ୟକ୍ତି ମାସକୁ ମାସ ବ୍ୟବସାୟୀଙ୍କୁ ଶୋଷଣ କରି ରୋଜଗାର କରୁଥିବା ବେଳେ ପୌର ପରିଷଦ ୫ ଶହ କିମ୍ବା ୭ ଶହ ଟଙ୍କା ଭଡ଼ା ପାଇଁ ଜଳକା ସାଜିଛି । ମାର୍କେଟ୍ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହ ଦୋକାନ ଗୃହ ହାତେଇଥିବା ବ୍ୟକ୍ତିଙ୍କ ଅସାଧୁ ମେଣ୍ଟ ଯୋଗୁଁ ଏଭଳି ହରିଲୁଟ ଯୋଜନା ଦୀର୍ଘବର୍ଷ ଧରି ଚାଲିଛି । ରାଜସ୍ୱ ଆଦାୟ କମ କାରଣରୁ ବିଭିନ୍ନ ମାର୍କେଟର ରକ୍ଷଣାବେକ୍ଷଣ ହୋଇପାରୁନାହିଁ । ପୌର ପରିଷଦ ଅଧିନସ୍ଥ ରାଜୀବ ମାର୍କେଟ ଭୁଶୁଡ଼ିବାକୁ ବସିଲାଣି । ଏହାର ବିମ୍, କାନ୍ଥାରେ ଫାଟ ସୃଷ୍ଟି ହୋଇଥିବା ବେଳେ ଜୁବୁଲି ମାର୍କେଟ ଓ ପ୍ରିୟଦର୍ଶିନୀ ମାର୍କେଟରେ ରଙ୍ଗ କାର୍ଯ୍ୟ ହୋଇପାରୁନାହିଁ ।

ଦୀର୍ଘବର୍ଷ ଧରି ଲିଜ ଆକାରରେ ଦୋକାନ ହାତେଇ କିଛି ବ୍ୟକ୍ତି ବ୍ୟବସାୟୀଙ୍କୁ ଶୋଷଣ କରୁଛନ୍ତି । ନୟାଗଡ଼ ପୌର ପରିଷଦ ଅଧୀନରେ ୮ ଶହରୁ ଉର୍ଦ୍ଧ୍ୱ ଦୋକାନ ଗୃହ ରହିଛି । ପୌର ପରିଷଦ ଅଧୀନରେ ପ୍ରିୟଦର୍ଶିନୀ ମାର୍କେଟ, ରାଜୀବ ମାର୍କେଟ, ଜୁବୁଲି ମାର୍କେଟ, ବିଜୁ ମାର୍କେଟ, ନୟାଗଡ଼ ନୂଆ ବସଷ୍ଟାଣ୍ଡ, କେସି ଗୋଦାମ ପ୍ରଭୃତି ରହିଛି । ଏହି ଦୋକାନ ଗୃହ ଗୁଡ଼ିକ ମାସକୁ ୫ ଶହ ଟଙ୍କାରୁ ଆରମ୍ଭ କରି ସର୍ବାଧିକ ୧୫ ଶହ ଟଙ୍କା ପର୍ଯ୍ୟନ୍ତ ପୌର ପରିଷଦ ଭଡ଼ା ପାଉଛି । କିନ୍ତୁ ଦୋକାନ ଗୃହ ହାତେଇଥିବା ବ୍ୟକ୍ତି ଏହାକୁ ଭଡ଼ାରେ ଲଗାଇ ମାସକୁ ୮ ରୁ ୧୦ ହଜାର ପର୍ଯ୍ୟନ୍ତ ଭଡ଼ା ପାଉଛନ୍ତି । କିଛି ଦୋକାନ ଗୃହ ମାସକୁ ୧୫ ହଜାରରୁ ଉର୍ଦ୍ଧ୍ୱ ଭଡ଼ା ଲାଗିଛି । ବ୍ୟବସାୟ କରୁଥିବା ବ୍ୟକ୍ତିଙ୍କୁ ଦୋକାନ ଗୃହ ମିଳୁନଥିବା ବେଳେ ବର୍ଷ ବର୍ଷ ଧରି କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ କବଜାରେ ନୟାଗଡ଼ ପୌର ପରିଷଦ ମାର୍କେଟ ଗୁଡ଼ିକ ରହିଛି । ନୟାଗଡ଼ ପୌର ପରିଷଦ ଅଧୀନରେ ରହିଥିବା ଅନେକ ଦୋକାନ ଗୃହକୁ ସରକାରୀ କର୍ମଚାରୀ, ପୌର ପରିଷଦ କର୍ମଚାରୀ, ରାଜନୈତିକ ବ୍ୟକ୍ତି ନିଜ ତଥା ନିଜ ସମ୍ପର୍କୀୟଙ୍କ ନାଁରେ ଲିଜ ଆକାରରେ ରଖିଛନ୍ତି । ଏହି ତାଲିକାର ତନଖି ହେଉନଥିବା କିମ୍ବା ଭଡ଼ା ବୃଦ୍ଧି କରାଯାଉନଥିବାରୁ ଫାଇଦା ସେମାନେ ଉଠାଇ ଚାଲିଥିବା ଦେଖାଯାଇଛି ।

ପୌର ପରିଷଦ କିଛି କାଉନସିଲରଙ୍କ ପ୍ରଚ୍ଛନ୍ନ ହାତ ଏବଂ ସହାୟତା ଲିଜଧାରୀଙ୍କୁ ସୁହାଉଛି । ଯାହାର ବିଧିବଦ୍ଧ ତଦନ୍ତ କରାଯିବା ସହ ବ୍ୟବସାୟ କରୁଥିବା ବ୍ୟକ୍ତିଙ୍କୁ ଲିଜ ପ୍ରଦାନ କରିବା ବ୍ୟବସ୍ଥା କରିବାକୁ ଦାବି ହେଉଛି । ଏଥିସହିତ ପୌର ପରିଷଦ ଦୋକାନ ଗୃହ ଗୁଡ଼ିକର ଭଡ଼ା ବୃଦ୍ଧି କରାଯିବାର ଆବଶ୍ୟକତା ରହିଛି । ଏହା ସହିତ ମାର୍କେଟ ଗୁଡ଼ିକର ରକ୍ଷଣାବେକ୍ଷଣ କରାଯିବାର ଆବଶ୍ୟକତା ରହିଛି । ନଚେତ୍ କିଛିବର୍ଷ ମଧ୍ୟରେ ମାର୍କେଟ ଗୁଡ଼ିକ ଭୁଶୁଡ଼ିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ ।

# ମିଶନ ଶକ୍ତି ଜିପିଏଲ୍‌ଏଫ୍ ସଂଘ ପକ୍ଷରୁ ଧାରଣା

**ଖଣ୍ଡପଡ଼ା,୨୩।୯ (ସମିସ):** ଖଣ୍ଡପଡ଼ା ବ୍ଲକ ପରିସରରେ ମିଶନ ଶକ୍ତି ଜିପିଏଲ୍‌ଏଫ ସଂଘ ପକ୍ଷରୁ ଧାରଣା ଦିଆଯାଇଛି । ବକେୟା ଦରମା ଦାବିରେ ଆଜି ଶତାଧିକ ମହିଳା ବ୍ଲକ ପରିସରରେ ଧାରଣା ଦେଇଥିବା ବେଳେ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି । ଦାବି ପୂରଣ ନହେବା ଯାଏଁ ଧାରଣାରୁ ଓହରିବେ ନାହିଁ ବୋଲି ସଂଘର ସଭାନେତ୍ରୀ ସୌଦାମିନୀ କର ଏବଂ ସମ୍ପାଦିକା ମମତା ମହାପାତ୍ର ସୂଚନା ଦେଇଛନ୍ତି । ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କ ନେତୃତ୍ୱ ବିକାଶ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ସୂଚାରୁ ରୂପେ ଦାୟିତ୍ୱ ନିର୍ବାହ କରିବା ମହିଳା ସଶକ୍ତିକରଣର ଦୃଢ ବାର୍ତ୍ତା ଦେଉଥିବା ଦେଖିବାକୁ ମିଳୁଥିବା ବେଳେ ଏବେର ଡବଲ ଇଞ୍ଜିନ ମୋହନ ସରକାର ମିଶନ ଶକ୍ତି ଜିପିଏଲଏଫ୍‌ଙ୍କ ବକେୟା ପ୍ରାପ୍ୟ ନଦେଇ ଡବଲ ଦୁଃଖ ଦେଉଥିବାରୁ ସାଧାରଣରେ ନାପସନ୍ଦ କରାଯାଇଛି ।

# ଅଭିନବ ପ୍ରତିବାଦ କଲେ ଗୋଷ୍ଠୀ ସହାୟିକା



**ଗଣିଆ,୨୩।୯ (ସମିସ):** ପ୍ରୋତ୍ସାହନ ରାଶି ବଦଳରେ ନିର୍ଦ୍ଦିଷ୍ଟ ପାରିଶ୍ରମିକ ଦାବିରେ ଗୋଷ୍ଠୀ ସହାୟିକା କର୍ମୀଙ୍କ ଗଣଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଛି । ଝିପିଝିପି ବର୍ଷା ହେଉଥିଲେ ମଧ ବର୍ଷାକୁ ଖାତିର ନକରି ଶତାଧିକ ମହିଳା ଗଣଧାରଣାରେ ବସି ରହିଥିଲେ । ଦୁଇ ଦିନ ଧରି ଏହି ଧାରଣା ଚାଲିଥିଲେ ମଧ୍ୟ ଜଣେ ବି ପ୍ରଶାସନିକ ଅଧିକାରୀ ସେମାନଙ୍କୁ ପାଖକୁ ଆସିନଥିବା ସେମାନେ ଅଭିଯୋଗ କରିଛନ୍ତି । ତେବେ ଆଜି ସେମାନେ ଏକ ଅଭିନବ ଉପାୟରେ ପ୍ରତିବାଦ କରିଛନ୍ତି । ସରକାରଙ୍କୁ ଗୀତ ଗାଇ ସେମାନଙ୍କ ସମସ୍ୟା ସମାଧାନ କରିବାକୁ ନିବେଦନ କରିଛନ୍ତି । ବିଭିନ୍ନ ପ୍ରକାରର ନାରାବାଜି କରି ସରକାରଙ୍କୁ ଚେତାବନୀ ମଧ୍ୟ ଦେଇଛନ୍ତି । ଯେ ପର୍ଯ୍ୟନ୍ତ ସରକାର ତାଙ୍କ ଦାବି ଶୁଣିବେ ନାହିଁ ସେ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସଭାପତି ଜଣାଇଛନ୍ତି । ୮ଟି ପଞ୍ଚାୟତର ଶତାଧିକ ମହିଳା ଏହି ଗଣଧାରଣାରେ ସାମିଲ ହୋଇଛନ୍ତି ।

# ପୁଞ୍ଜିଆମା ମା' କନକଦୁର୍ଗାଙ୍କ ନବରାତ୍ର ପୂଜା



ବାଲୁଗାଁ,୨୩।୯ (ସମିସ): ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦା ତିଥିଠାରୁ ବାଣପୁର ପୁଞ୍ଜିଆମା ଜଗନ୍ନାଥପୁର ଶାସନର ଅଧିଷ୍ଠାତ୍ରୀ ଦେବୀ ମା' କନକଦୁର୍ଗାଙ୍କ ନବଦିନାତ୍ମକ ଶାରଦୀୟ ପାର୍ବଣ ଉତ୍ସବ ନବଦିନବ୍ୟାପୀ ପର୍ବ ପୂଜା ଆରମ୍ଭ ହୋଇଯାଇଛି। ପାର୍ବଣ ଆରମ୍ଭରେ ଦେବୀ ମା' କନକଦୁର୍ଗାଙ୍କୁ ପ୍ରାତଃରେ ୧୦୮ ସୁବାସିତ ଜଳରେ ସ୍ନାନ କରାଯାଇ ମାଜଣା ସରିବା ପରେ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିବା ବେଳେ ମଧ୍ୟାହ୍ନ ଭୋଗ ଲାଗି ହେବା ପରେ ପହୁଡ଼ ପଡ଼ିଥିଲା। ଅପରାହ୍ଣରେ ନିର୍ଦ୍ଧାରିତ ଶୁଭ ଲଗ୍ନରେ ମା'ଙ୍କୁ ପର୍ବ ଗୃହକୁ ନିଆଯାଇ ପର୍ବ ନୀତିକାନ୍ତି ଆରମ୍ଭ ହୋଇଥିଲା। ମନ୍ଦିରର ମୁଖ୍ୟ ସେବକ ସଦାଶିବ ସୁଆର ଓ ମନ୍ଦିର ପୁରୋହିତ ଅମୂଲ୍ୟ କୁମାର ହୋତାଙ୍କ ସମେତ ଗ୍ରାମର ସମସ୍ତ ବ୍ରାହ୍ମଣ ସମାଜ ଉପସ୍ଥିତ ରହି ମା'ଙ୍କ ପାର୍ବଣ ନୀତି ସୁପରିଚାଳନା କରିଥିଲେ।

# ଶ୍ରମିକ ସୁରକ୍ଷା ସଚେତନତା ଶିବିର

ଭୂଷଣ୍ଡପୁର,୨୩।୯ (ସମିସ): ଟାଙ୍ଗୀ ବ୍ଲକ୍ ବାଲିପାଟପୁର ଗ୍ରାମ ପଞ୍ଚାୟତର ବାତ୍ୟା ଆଶ୍ରୟସ୍ଥଳୀଠାରେ ମଙ୍ଗଳବାର ପଞ୍ଚାୟତସ୍ତରୀୟ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ସୁରକ୍ଷା ଏବଂ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସହକାରୀ ଶ୍ରମ ଅଧିକାରୀ



ବାଲୁଗାଁ ସୌମ୍ୟ ରଞ୍ଜନ କର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସଭାରେ ଶ୍ରମିକଙ୍କ କଲ୍ୟାଣ ନିମନ୍ତେ ସରକାର ନେଇଥିବା ବ୍ୟବସ୍ଥା ଏବଂ ଅନୁଦାନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବାଲିପାଟପୁର ସରପଞ୍ଚଙ୍କ ପ୍ରତିନିଧି ଭୀମସେନ ବେହେରା, ସମାଜସେବୀ ବିରଞ୍ଚି ନାରାୟଣ ପ୍ରଧାନ, ଶ୍ରମିକ ସଂଗଠକ ରାଜ କିଶୋର ପଣ୍ଡା, ପ୍ରଶାନ୍ତ ସାହୁ, ତପନ ବେହେରା, କାର୍ଯ୍ୟାଳୟ କର୍ମଚାରୀ ନଗେନ୍ଦ୍ର ନାଥ ରାଉତ, ପ୍ରସନ୍ନ କୁମାର ସୂତାର ଅଂଶଗ୍ରହଣ କରିଥିଲେ।

## ମା' ରାମଚଣ୍ଡୀଙ୍କ ନିଆରା ପରମ୍ପରା

# ୫୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ ପାଳନ ହେଉଛି ଛତ୍ରି ଯାତ୍ରା

ଖୋର୍ଦ୍ଧା/ବୋଲଗଡ଼,୨୩।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ୍ ବାଙ୍କୋଇ ଦେଶ ପଞ୍ଚାୟତ ବାଙ୍କୋଇ ଗ୍ରାମରେ ପରମ୍ପରାକୁ ବଞ୍ଚାଇ ରଖି ପାଳିତ ହୋଇଆସୁଛି ଛତ୍ରି ଯାତ୍ରା। ୫୦୦ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ଏହି ପର୍ବ ଏଠାରେ ଅନୁଷ୍ଠିତ ହୋଇଆସୁଛି। ଛୋଟ ଛୋଟ ପିଲାମାନେ ଛତ୍ରୀ ଧରି ଗ୍ରାମ ପରିକ୍ରମା କରିବାର ଦୃଶ୍ୟ ନିଆରା। ମହାଳୟା ଅମାବାସ୍ୟା ପରେ ପ୍ରତିପଦା ରାତିରେ ଏହି ଯାତ୍ରା ଆରମ୍ଭ ହୋଇ ଦଶହରାରେ ରାତ୍ରିରେ ଶେଷ ହୁଏ। ତେବେ ପ୍ରତିବର୍ଷ ଛତ୍ରି ଯାତ୍ରା ଆକର୍ଷଣୀୟ ହେବାରେ ଲାଗିଛି। ଏଭଳି ଭିନ୍ନ ଏକ ପରମ୍ପରା ହେଉଛି ବାଙ୍କୋଇ ଗ୍ରାମ ମା' ରାମଚଣ୍ଡୀଙ୍କର ଛତ୍ରି ଯାତ୍ରା ଉତ୍ସବ। ଏହି ଯାତ୍ରାରେ ଶ୍ରେଷ୍ଠ ଛତ୍ରୀ ହିଁ ପୁରସ୍କୃତ ହୋଇଥାଏ। ଏଣୁ ଯାତ୍ରାରେ ବିଭିନ୍ନ କିସମ ତଥା ରଙ୍ଗବେରଙ୍ଗର ଛତ୍ରି ଦେଖିବାକୁ ମିଳିଥାଏ। ଛତ୍ରୀଗୁଡ଼ିକ ବାଉଁଶ ପାତିଆରେ ତିଆରି ହୋଇଥାଏ। ଛୋଟରୁ ବଡ଼ ପର୍ଯ୍ୟନ୍ତ ବିଭିନ୍ନ ଆକାରର ଛତ୍ରି ଏହି ଯାତ୍ରାରେ ଶୋଭାପାଏ।

ଛୋଟ ଛୋଟ ପିଲାମାନେ ନିଜ ଘର ସମ୍ମୁଖରେ ଛତ୍ରି ଧରି ଅପେକ୍ଷା କରିଥା'ନ୍ତି। କେତେବେଳେ ଶୋଭାଯାତ୍ରା ମା'ଙ୍କ ମନ୍ଦିରଠାରୁ ବାହାରିବ ଓ ସେମାନେ ଶୋଭାଯାତ୍ରାରେ ଅଂଶଗ୍ରହଣ କରି ପର୍ବରେ ମଜା ଉଠାଇବେ। ଶୋଭାଯାତ୍ରା ପହଞ୍ଚିବା ପରେ ପିଲାମାନେ ଏଥିରେ ସାମିଲ୍ ହୋଇଥାନ୍ତି। ସେମାନଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ହୋଇଥାଏ। ମା'ଙ୍କୁ ସନ୍ତୁଷ୍ଟ କରିବା ସହ ନିଜ ଛତ୍ରିର ପରାକାଷ୍ଠା ଦେଖାଇବାରେ ଲାଗିପଡ଼ନ୍ତି। ଛତ୍ରି ଉପରେ ଦୁହୁଡ଼ି ଜଳୁଥିବା ଯାତ୍ରାର ଅନ୍ୟତମ ଆକର୍ଷଣ। ଗ୍ରାମ ପରିକ୍ରମା ପରେ ଠାକୁରାଣୀ ଯାଇ କଚେରିବରସ୍ଥିତ ଆସ୍ଥାନରେ ଅବସ୍ଥାନ କରିଥା'ନ୍ତି। ବାଙ୍କୋଇଦେଶର ପ୍ରସିଦ୍ଧ ଠାକୁରାଣୀ ରାମଚଣ୍ଡୀଙ୍କ ଏହା ହେଉଛି ପ୍ରସିଦ୍ଧ ପର୍ବ। ପୂର୍ବରୁ ମହାଳୟା ପରେ ପ୍ରତିପଦାର ବିଳମ୍ବିତ ରାତ୍ରିରେ ଏହା ଆରମ୍ଭ ହେଉଥିବାବେଳେ ଏବେ ପ୍ରାୟତଃ ରାତି ୯ଟାରୁ ଆରମ୍ଭ



ହେଉଛି। ସୋମବାର ରାତି ପ୍ରାୟ ୮ଟାରେ ରାମଚଣ୍ଡୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମା'ଙ୍କ ଚଳନ୍ତି ପ୍ରତିମା ଆଟୋପ ପଟୁଆର ସହିତ ଛତ୍ରି ଶୋଭାଯାତ୍ରାରେ ବାହାରିଥିଲେ କଚେରିବର ଆସ୍ଥାନକୁ। ଏହି ଶୋଭାଯାତ୍ରାରେ ମାଳମାଳ ଛତ୍ରି ଦେଖିବାକୁ ମିଳିଥିଲା। ଠାକୁରାଣୀ ଗ୍ରାମ ପରିକ୍ରମା କରିଥିଲେ। ମା' ପିଲାମାନଙ୍କ ସାଥିରେ କବାଡ଼ି ଖେଳିବାକୁ ଭଲପାଆନ୍ତି ବୋଲି ଏଠାରେ ଜନଶ୍ରୁତି ରହିଛି। ତେଣୁ ଏହି ଯାତ୍ରା ଉପଲକ୍ଷେ କଚେରିବରଠାରେ ପ୍ରତିବର୍ଷ ଆୟୋଜିତ ହୋଇଆସୁଥିବା ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଅନ୍ୟ ଏକ ସ୍ଥିତିକୁ ବଞ୍ଚାଇ ରଖୁଛି। ଠାକୁରାଣୀ ଶୋଭାଯାତ୍ରାରେ ଆସୁଥିବାବେଳେ ଛୋଟ ଛୋଟ ପିଲାମାନେ ସେମାନଙ୍କ ପାଇକ ଖେଳ, ଗଉଡ଼ବାଡ଼ି ଖେଳ, ଘଣ୍ଟବାଦ୍ୟ ସହ ବିଭିନ୍ନ ପାରମ୍ପରିକ ବାଦ୍ୟ ଓ ନୃତ୍ୟ ପ୍ରଦର୍ଶନ କରିଥା'ନ୍ତି। ରାତି ପ୍ରାୟ ସାଢ଼େ ୧ଟାରେ ଶୋଭାଯାତ୍ରା ଆସି କଚେରିବର ଅଞ୍ଚଳରେ ପହଞ୍ଚିଥିଲା। ଅନ୍ୟପକ୍ଷରେ ଏହି ପୀଠକୁ ମା' ରାମଚଣ୍ଡୀଙ୍କ ଦୁଇ ଭଉଣୀ ଜଟେଇଶୁଣୀ ଓ ଫୁଲକାଶୁଣୀ ଆଉ ଏକ ଶୋଭାଯାତ୍ରାରେ ଆସି ପହଞ୍ଚିଥିଲେ। ଠାକୁରାଣୀ ଦୁଇ ଭଉଣୀଙ୍କ ସହ ଏଠାରେ ଅବସ୍ଥାନ କରିଥିଲେ। ଏଠାରେ ମା' ଦଶହରା ପର୍ଯ୍ୟନ୍ତ ରହିଥା'ନ୍ତି। ପରେ ଦଶହରା ରାତ୍ରିରେ ଶୋଭାଯାତ୍ରାରେ ଏକ ଆଟୋପ ପଟୁଆର ପୁଣି କଚେରିବରଠାରୁ ବାହାରି ଠାକୁରାଣୀମାନଙ୍କ ନିଜ ନିଜ ମନ୍ଦିରକୁ ବାହୁଡ଼ିଯାଆନ୍ତି। କଚେରିବରଠାରେ ଠାକୁରାଣୀ ୧୦ ଦିନ ଅବସ୍ଥାନ କରନ୍ତି। ରହଣି ସମୟରେ ପ୍ରତ୍ୟହ ଠାକୁରାଣୀଙ୍କୁ ଷୋଡ଼ଶ ଉପଚାରରେ ପୂଜା କରାଯାଇଥାଏ। ପୂର୍ବରୁ ଏଠାରେ ଏହି ପର୍ବର ଅଷ୍ଟମୀ ତିଥିରେ ପ୍ରତିବର୍ଷ ଛାଗ ବଳିପଡ଼େ। ଏବେ କିନ୍ତୁ ବହୁ ବର୍ଷ ହେବ ଏହି ବଳି ପ୍ରଥା ବନ୍ଦ ହୋଇ ପାଣିକଖାରୁ ବଳି ପକାଯାଉଛି। ଏ ନେଇ ଗ୍ରାମର ପୁରୁଖା ବ୍ୟକ୍ତିମାନେ କୁହନ୍ତି, ୫୦୦ ବର୍ଷରୁ ଊର୍ଦ୍ଧ୍ୱ କାଳ ହେବ ବଙ୍କୋଇ ଗ୍ରାମରେ ମା' ରାମଚଣ୍ଡୀଙ୍କ ଛତ୍ରି ଯାତ୍ରା ଅନୁଷ୍ଠିତ ହୋଇଆସୁଛି।

# ବ୍ରହ୍ମଚାରିଣୀ ଭାବେ ପୂଜିତା ମା' ଭଗବତୀ



ବାଣପୁର,୨୩।୯ (ସମିସ); ଭଗବତୀ କ୍ଷେତ୍ର ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ଚଳିତ ଶାରଦୀୟ ପାର୍ବଣ ଅବସରରେ ସୋମବାରଠାରୁ ନବରାତ୍ରର ନିଆରା ସପ୍ତମାତୃକା ପୂଜା ଆରମ୍ଭ ହୋଇଯାଇଛି। ମଙ୍ଗଳବାର ଦ୍ୱିତୀୟ ଦିବସରେ ମା' ବ୍ରହ୍ମଚାରିଣୀ ସ୍ୱରୂପେ ପୂଜା ପାଇଛନ୍ତି। ମା'ଙ୍କ ପୀଠରେ ଶାରଦୀୟ ପାର୍ବଣ ଲାଗି ବିଭିନ୍ନ ତିଥିରେ ନିମନ୍ତ୍ରଣ ପାଇ ମା' ଭଗବତୀଙ୍କ ତଥାକଥିତ ସାତଭଉଣୀ ମା' ବିରଜାଇ, ମା' ନାରାୟଣୀ, ମା' ସିଦ୍ଧାମ୍ବରୀ, ମା' କାଳିଜାଇ, ମା' ବୁଢ଼ୀଠାକୁରାଣୀ ଓ ମା' ପୋଲକାଶୁଣୀଙ୍କ ସମେତ ମା' ଭଗବତୀ ପିତ୍ରାଳୟ ଦକ୍ଷ ପ୍ରଜାପତି ମନ୍ଦିରସ୍ଥ ସାତବଖରା ଗୃହରେ ନବରାତ୍ରର ସ୍ୱତନ୍ତ୍ର ପୂଜାର୍ଚ୍ଚନା ଚାଲିଛି। ନବରାତ୍ର ପୂଜାଠାରୁ ମା' ଭଗବତୀଙ୍କ ବାହାର ପର୍ବ ଅନୁଷ୍ଠିତ ହେଉଥିବାବେଳେ ପ୍ରତିପଦାଠାରୁ ବିଜୟା ଦଶମୀ ପର୍ଯ୍ୟନ୍ତ ନବଦିନ ବ୍ୟାପୀ ମା' ଦୈନନ୍ଦିନ ଭିନ୍ନ ଭିନ୍ନ ବେଶରେ ପୂଜା ପାଉଛନ୍ତି। ଚଣ୍ଡୀପାଠ ପରେ ଅପରାଜିତା ପୂଜା ଏବଂ ବଗଳା ପୂଜା କରାଯାଇ ମା' ଙ୍କ ନିକଟରେ ଶଙ୍ଖୁଡ଼ି ଧୂପ ଭୋଗରେ ଦହି ପଖାଳ ସହ ଗୁଣ୍ଡି ମାଛ ଭଜା ଭୋଗ ଲାଗି କରାଯିବା ପରେ ମା' ବ୍ରହ୍ମଚାରିଣୀ ସ୍ୱରୂପେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବା ପରେ ମନ୍ଦିରରେ ପହୁଡ଼ ପଡ଼ିଥିଲା।



ବ୍ରହ୍ମଚାରିଣୀ ବେଶରେ ମା' ବନଦୁର୍ଗା

# ବିପର୍ଯ୍ୟୟ ଭୟାବହତା ରୋକିବାକୁ ପ୍ରଶିକ୍ଷଣ

ଟାଙ୍ଗୀ,୨୩।୯ (ସମିସ): ରାଜ୍ୟ ସରକାର ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରତିଟି ଜୀବନ ସୁରକ୍ଷା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିଆସୁଛନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ମହିଳାମାନଙ୍କ ସୁରକ୍ଷା ଅତି ଅଭାବନୀୟ ହୋଇପଡୁଛି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ନୟାଗଡ଼ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅଶୋକ କୁମାର ରଥଙ୍କ ନେତୃତ୍ୱରେ ମଙ୍ଗଳବାର ରାଇପଡ଼ା ପଞ୍ଚାୟତ ବାତ୍ୟା ଆଶ୍ରୟସ୍ଥଳୀଠାରେ ପଞ୍ଚାୟତର ୩୨ ଜଣ କିଶୋରୀ ବାଳିକାଙ୍କୁ ନେଇ ବିପର୍ଯ୍ୟୟ ଭୟାବହତା କମାଇବା ସହିତ ଲିଙ୍ଗଗତ ବୈଷମ୍ୟତାକୁ ଦୂରେଇ ସାମାଜିକ ସ୍ରୋତରେ ସାମିଲ ହେବା ପାଇଁ ଦୁଇ ଦିନ ବ୍ୟାପୀ ପ୍ରଶିକ୍ଷଣ ଶିବିରର ଶୁଭ ଉଦ୍‌ଘାଟନ ହୋଇଯାଇଛି। ସରପଞ୍ଚ ବାସନ୍ତୀ ଦେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଶ୍ରୀ ରଥଙ୍କ ସମେତ ପ୍ରଶିକ୍ଷକ ଭାବରେ ମମତା ସାହୁ, ଗୀତାଞ୍ଜଳି ସାମନ୍ତରାୟ, ହୃଷୀକେଶ ନାୟକ, ପ୍ରାକ୍ତନ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ନାୟକ ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ଦାସ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ବେହେରା, ସମାଜସେବୀ ଅମରେଶ ପାଇକରାୟ, ଯୁଧିଷ୍ଠିର ରଣସିଂହ ପ୍ରମୁଖ ପରିଚାଳନା କରିଥିଲେ। ପ୍ରଶିକ୍ଷାର୍ଥୀମାନଙ୍କୁ ଗଣପୋଷାକ ସହିତ ବିଭିନ୍ନ କୌଶଳ ଶିକ୍ଷା ପ୍ରଦାନ କରାଯାଇଥିଲା।

# ସେବା ପକ୍ଷ ଅବସରରେ ସ୍ୱଚ୍ଛତା ଅଭିଯାନ

ଭୂଷଣ୍ଡପୁର,୨୩।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍‌ର କନ୍ତଳବାଇ ଗ୍ରାମ ପଞ୍ଚାୟତର ସାକ୍ଷୀଗୋପାଳ ମନ୍ଦିର ପରିସରକୁ ମଙ୍ଗଳବାର ସ୍ୱଚ୍ଛତା ପକ୍ଷ ଅବସରରେ ସଫାସୁତରା କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଜୟନ୍ତୀ ଉପଲକ୍ଷେ ବିଜେପି ପକ୍ଷରୁ ଆୟୋଜିତ ସ୍ୱଚ୍ଛତା ଅଭିଯାନରେ ସମସ୍ତ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ମଣ୍ଡଳ ସଭାପତି ଶିବ ପ୍ରସାଦ ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ପୂର୍ଣ୍ଣ ଚନ୍ଦ୍ର କଳସ, ସାଂସଦଙ୍କ ଟାଙ୍ଗୀ ବ୍ଲକ୍ ପ୍ରତିନିଧି ଚିନ୍ମୟ ପୃଷ୍ଟି, କାହ୍ନୁ ଚରଣ ପରିଡ଼ା ଏବଂ ଅମଳ ଚକ୍ରବର୍ତ୍ତୀ ପ୍ରଭୃତି ଅଂଶଗ୍ରହଣ କରିଥିଲେ।

## ଗୋରୁ ଚମଡ଼ା ବୋଝେଇ ଟ୍ରକ୍ ଜବତ

# ୨୩ ଟନ୍ ଗୋରୁ ଚମଡ଼ା ଉଦ୍ଧାର, ୨ ଅଟକ

ଖୋର୍ଦ୍ଧା,୨୩।୯ (ସମିସ): ଆଦର୍ଶ ଥାନା ପୁଲିସ ୧୬ନଂ ଜାତୀୟ ରାଜପଥର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ ନିକଟ ଓଭରବ୍ରିଜ୍ ଉପରୁ ଏକ ଗୋରୁ ଚମଡ଼ା ବୋଝେଇ ଟ୍ରକ୍‌କୁ ଜବତ କରିଛି। ଟ୍ରକ୍ ମଧ୍ୟରୁ ପ୍ରାୟ ୨୩ ଟନ୍ ଓଜନର ଗୋରୁ ଚମଡ଼ା ଉଦ୍ଧାର ହୋଇଥିବା ଜଣାଯାଇଛି। ଏହି ଘଟଣାରେ ପୁଲିସ ଜଣେ ଗୋରୁ ମାଫିଆ ସମେତ ଟ୍ରକ୍ ମାଲିକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ମିଳିଥିବା ସୂଚନା ଅନୁସାରେ, ମଙ୍ଗଳବାର ସକାଳେ ତାମିଲନାଡୁରୁ କୋଲକାତା ଅଭିମୁଖେ ଟ୍ରକ୍‌ଟି ଗୋରୁ ଚମଡ଼ା ବୋଝେଇ



ହୋଇ ଆସୁଥିବା ବଜରଙ୍ଗ ଦଳ ସଦସ୍ୟ ଓ ଗୋ-ସୁରକ୍ଷା କର୍ମୀ ଖବର ପାଇଥିଲେ। ସଦସ୍ୟମାନେ ଗୋଡ଼ିପଡ଼ା ଦିଗରୁ ରାସ୍ତାରେ ଗାଡ଼ି ଅଟକାଇବାକୁ ଚେଷ୍ଟା କରିଥିବାବେଳେ ଗାଡ଼ି ମାଲିକ ସେମାନଙ୍କ ଉପରେ ଗାଡ଼ି ମଡ଼ାଇବାକୁ ଉଦ୍ୟତ ହୋଇଥିଲେ। ତଥାପି ସଦସ୍ୟମାନେ ଗୋ-ମାତା ରକ୍ଷା ଉଦ୍ଦେଶ୍ୟରେ ଟ୍ରକ୍‌ଟିକୁ ପିଛା କରି ଜାତୀୟ ରାଜପଥର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ ନିକଟ ଓଭରବ୍ରିଜ୍ ଉପରେ ଅଟକାଇବାରେ ସଫଳ ହେବା ସହ ଆଦର୍ଶ ଥାନା ପୁଲିସ ଜିମା ଦେଇଥିଲେ। ପୁଲିସ ଟ୍ରକ୍ ଭିତରୁ ପ୍ରାୟ ୨୩ ଟନ୍‌ରୁ ଊର୍ଦ୍ଧ୍ୱ ଗୋରୁ ଚମଡ଼ା ଉଦ୍ଧାର କରିଥିବାବେଳେ ଉକ୍ତ ଚମଡ଼ାକୁ ଖୋର୍ଦ୍ଧା ଉପକଣ୍ଠ ଏକ ଘଞ୍ଚ ଜଙ୍ଗଲରେ ପୋତିଥିବା ଜଣାଯାଇଛି। ଏହି ପୋତା କାର୍ଯ୍ୟ ରାତି ପ୍ରାୟ ୮ଟା ପର୍ଯ୍ୟନ୍ତ ଚାଲିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଗୋ-ସୁରକ୍ଷା କର୍ମୀ ରାଧାମୋହନ ପ୍ରଧାନଙ୍କ ଅଭିଯୋଗ ଉପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏତେ ପରିମାଣର ଗୋରୁ ଚମଡ଼ା ଚାଲାଣ ପଛରେ ସ୍ଥାନୀୟ ଅଞ୍ଚଳର ଆଉ କାହା କାହା ହାତ ରହିଛି ପୁଲିସ ତାହାର ତଦନ୍ତ କରୁଛି। ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ଘଟଣା ସମ୍ପର୍କରେ ପୁଲିସ ପ୍ରକାଶ କରି ନ ଥିବା ଜଣାଯାଇଛି।

# ଫସଲ ନଷ୍ଟ କରୁଛନ୍ତି ହାତୀ, ଚିନ୍ତାରେ ଚାଷୀ

ବେଗୁନିଆ,୨୩।୯ (ସମିସ): ବେଗୁନିଆ ବ୍ଲକ୍ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଜାମୁସାହି ଗ୍ରାମରେ ଦୁଇଟି ବଣୁଆ ହାତୀ ଖାଦ୍ୟ ଅନ୍ୱେଷଣରେ ଜନବସତିମୁହାଁ ହୋଇ ଧାନ ଫସଲ ନଷ୍ଟ କରିଥିବାର ଦେଖିବାକୁ ମିଳିଛି। ଯାହାକି ଚାଷୀ ବିଶ୍ୱନାଥ ପରିଡ଼ାଙ୍କ ୧ ଏକରରୁ ଊର୍ଦ୍ଧ୍ୱ ଧାନ ଫସଲ ଓ ଦୀନବନ୍ଧୁ ପଲାଇଙ୍କ ବୋଦି, କାକୁଡ଼ି, ଜହ୍ନି ଆଦି ପରିବା ଫସଲ ୧ ଏକରରୁ ଊର୍ଦ୍ଧ୍ୱ ଦଳି ଚକଟି ନଷ୍ଟ କରିଦେଇଛନ୍ତି। ଏହି ଘଟଣାରେ ଚାଷୀ ଶ୍ରୀ ପରିଡ଼ା ମୋବାଇଲ୍ ଯୋଗେ ଗଜସାଥି ଓ ଫରେଷ୍ଟ ଗାର୍ଡଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରି ନ ଥିଲେ।



# ଗଛ ପଡ଼ି ଚିଲିକା ମୁଖ୍ୟ ରାସ୍ତା ଅବରୋଧ



ବାଲୁଗାଁ,୨୩।୯ (ସମିସ): ମଙ୍ଗଳବାର ଅପରାହ୍ଣରେ ଲଘୁଚାପଜନିତ ଘଡ଼ ଘଡ଼ି ସହ ବର୍ଷାର ପବନ ହେବା ଫଳରେ ବାଲୁଗାଁ ଗାନ୍ଧୀ ଛକରୁ ଚିଲିକା କୂଳକୁ ସଂଯୋଗ କରୁଥିବା ଭିଆଇପି ରୋଡ୍ ତଥା ମୁଖ୍ୟ ରାସ୍ତାର ଖୋର୍ଦ୍ଧା ସମବାୟ ବ୍ୟାଙ୍କ ପରିସରରେ ଥିବା ଏକ ଗଛ ଭାଙ୍ଗି ରାସ୍ତାରେ ପଡ଼ିବା ସହ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏକ ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ଭାଙ୍ଗିଯାଇଛି। ଫଳରେ ପ୍ରାୟ ୧ ଘଣ୍ଟା ଧରି ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯିବାରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା। ଖବର ପାଇ ସଙ୍ଗେ ସଙ୍ଗେ ଅଗ୍ନିଶମ ବାହିନୀ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ଗଛ କାଟି ରାସ୍ତା ସଫା କରିଥିବାବେଳେ ବିଦ୍ୟୁତ୍ ତାର ସବୁକୁ ପୁନଃସଂଯୋଗ କରି ବିଦ୍ୟୁତ୍ ସରବରାହକୁ ସ୍ୱାଭାବିକ କରିଥିଲେ।

# ସିସିଟିଭି ସର୍ଭେଲାନ୍ସରେ ରହିବ ଶିକ୍ଷାଞ୍ଚଳ



ଖୋର୍ଦ୍ଧା,୨୩।୯ (ସମିସ): ଜିଲ୍ଲା ପୁଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଖୋର୍ଦ୍ଧା ବରୁଣେଇ ଶିକ୍ଷାଞ୍ଚଳ ସୁରକ୍ଷା ସଂକ୍ରାନ୍ତୀୟ ଏକ ସମୀକ୍ଷା କରିଛନ୍ତି ଏସ୍‌ପି ବିବେକାନନ୍ଦ ଶର୍ମା। ଏସ୍‌ପି ଶିକ୍ଷାଞ୍ଚଳ ସଂସ୍ଥାଗୁଡ଼ିକର ପ୍ରତିନିଧିଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ସେମାନଙ୍କ ଆଭ୍ୟନ୍ତରୀଣ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷାନୁଷ୍ଠାନରେ ଭିତର ଓ ବାହାରେ ସିସିଟିଭି ଖଞ୍ଜିବେ। ସିକ୍ୟୁରିଟି ଗାର୍ଡମାନଙ୍କୁ ତାଲିମ, କର୍ମଚାରୀମାନଙ୍କ ଡକ୍ୟୁମେଣ୍ଟେସନ, ପୁଲିସ ଭେରିଫିକେସନ, କୌଣସି ଅସୁବିଧା, ଦାଦାବଟି, ଲୁଟ୍‌ପାଟ୍ ଭଳି ସମସ୍ୟା ସମ୍ମୁଖୀନ ହେଲେ ନିକଟସ୍ଥ ଥାନା ଅଥବା ୧୧୨କୁ କଲ୍ କରିବାକୁ ପରାମର୍ଶ ଦେଇଥିଲେ ଏସ୍‌ପି ଶ୍ରୀ ଶର୍ମା। ତେବେ ଶିକ୍ଷ ସଂସ୍ଥାର ପ୍ରତିନିଧିମାନେ ବିଭିନ୍ନ ସମସ୍ୟା ଉପରେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶିକ୍ଷାଞ୍ଚଳ ଏବଂ ଶିକ୍ଷ ସଂସ୍ଥା ସୁରକ୍ଷା ସୁନିଶ୍ଚିତ କରାଯିବା ସହ ଜିରୋ ଟଲେରାନ୍ସ ଉପରେ ଗୁରୁତ୍ୱ ଦେଇଛନ୍ତି ଏସ୍‌ପି ଶ୍ରୀ ଶର୍ମା। ଏହି ବୈଠକରେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି, ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ଶିକ୍ଷାଞ୍ଚଳ ଥାନା ଅଧିକାରୀ ଉମେଶ କୁମାର ସାହୁଙ୍କ ସମେତ ଶିକ୍ଷାଞ୍ଚଳ ସଂସ୍ଥାଗୁଡ଼ିକର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ବ୍ରାଉନ୍‌ସୁଗର ଜବତ, ଜଣେ ଗିରଫ

ଖୋର୍ଦ୍ଧା,୨୩।୯ (ସମିସ): ଖୋର୍ଦ୍ଧା ଅବକାରୀ ପୁଲିସ ମଙ୍ଗଳବାର ସଦର ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱର କୁରାଡ଼ମଲ୍ଲ ୟୁପି ସ୍କୁଲ ନିକଟରୁ ଜଣେ ବ୍ରାଉନ୍‌ସୁଗର ବେପାରୀକୁ ଗିରଫ କରିଛି। ଗିରଫ ଜଣକ ହେଲେ କୁରାଡ଼ମଲ୍ଲର ପ୍ରଦୀପ୍ତ ବଳିୟାରସିଂହ ଓରଫ ଫକିରା (୩୫)। ତା'ଠାରୁ ଅବକାରୀ ଟିମ୍ ୨୮ ଗ୍ରାମ୍ ବ୍ରାଉନ୍‌ସୁଗର, ଏକ ବାଇକ୍, ନଗଦ ୨୭୫୦ ଟଙ୍କା ଓ ଏକ ମୋବାଇଲ୍ ଫୋନ୍‌କୁ ଜବତ କରିଛି। ଜବତ ବ୍ରାଉନ୍‌ସୁଗରର ମୂଲ୍ୟ ୨ଲକ୍ଷ ୮୦ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ମଙ୍ଗଳବାର ୟୁପି ସ୍କୁଲ୍ ନିକଟରେ ଫକିରା ମାଲ୍ ଦେବାକୁ ଜଣେ ଗ୍ରାହକକୁ ଅପେକ୍ଷା କରିଥିବାବେଳେ ଅବକାରୀ ଟିମ୍ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଚଢ଼ଉରେ ଏସ୍‌ଆଇ ସୁଦର୍ଶନ ବିଶୋଇ, ଏଏସ୍‌ଆଇ ସୁନିତା ଆଇନ୍ଦ, ଇସି ଟିଟୁ ସାହୁ, ପ୍ରଣବ ବେହେରା, ସନନ୍ଦ ବେହେରା ପ୍ରମୁଖ ସାମିଲ ଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

● ହତ୍ୟା ଅଭିଯୋଗ ଆଣିଲେ ମାମୁ

ଖୋର୍ଦ୍ଧା,୨୩।୯ (ସମିସ): ସଦର ଥାନା ଅନ୍ତର୍ଗତ ଓସିସି ଛକ ନିକଟରେ ଥିବା କ୍ରସର ପରିସରରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଉଦ୍ଧାରେ କରିଛି। ମୃତକ ଜଣକ ହେଲେ ନୟାଗଡ଼ ଜିଲ୍ଲା ଲୁଣିସାହି ଗ୍ରାମର ଲଲାଟେନ୍ଦୁ ମାଝୀ। ପୁଲିସ ଘଟଣାସ୍ଥଳରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମାତ୍ର ଲଲାଟେନ୍ଦୁଙ୍କୁ କେହି ହତ୍ୟା କରି ଝୁଲାଇ ଦେଇଥିବା ତାଙ୍କ ମାମୁ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଉପରେ ପୁଲିସ ୨୮୦/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁସାରେ, ଲଲାଟେନ୍ଦୁ ସ୍ଥାନୀୟ ଓସିସି ଛକରେ ଏକ କ୍ରସରରେ ରହି କାମ କରୁଥିଲେ। ମଙ୍ଗଳବାର ସେ ରହୁଥିବା କୋଠରିର ସମ୍ମୁଖ ବାରଣ୍ଡାରେ ଏକ ଗାମୁଛାରେ ଝୁଲି ରହିଥିବା ନିକଟସ୍ଥ ଲୋକ ଦେଖି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଖବର ପାଇ ଲଲାଟେନ୍ଦୁଙ୍କ ମାମୁ ନୟାଗଡ଼ ଯଦୁପୁରର କାର୍ତ୍ତିକେଶ୍ୱର ମୁଖି ପହଞ୍ଚି ଭଣଜାକୁ କେହି ହତ୍ୟାକରିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ପୁଲିସ ଗୁରୁତ୍ୱର ସହ ନେଇ ତଦନ୍ତ ଜାରି ରଖିଛି।

# ପୁଲିସକୁ ଆକ୍ରମଣକରି ଯୁବକ ଗିରଫ

ବାଣପୁର,୨୩।୯ (ସମିସ): ସମବାୟ ସମିତି ପକ୍ଷରୁ ସାର ବଣ୍ଟନ କାର୍ଯ୍ୟ ଚାଲିଥିବାବେଳେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ନିୟୋଜିତ ପୁଲିସ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିବା ଅଭିଯୋଗରେ ବାଣପୁର ପୁଲିସ ମଙ୍ଗଳବାର ସଞ୍ଜୟ ବିଶ୍ୱାଳ (୪୫)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗ ମୁତାବକ, ବାଣପୁର ଅଞ୍ଚଳରେ ବର୍ତ୍ତମାନ ବିଭିନ୍ନ ସମବାୟ ସମିତି ମାଧ୍ୟମରେ ଚାଷୀଙ୍କୁ ସାର ବିକ୍ରୟ କରାଯାଉଛି। ତେବେ ଚାଷୀଙ୍କ ସଂଖ୍ୟା ଅନୁପାତରେ ବହୁ କମ୍ ପରିମାଣର ସାର ଯୋଗାଣ ହେଉଥିବାରୁ ଚାଷୀ ସାର ନ ପାଇ ହଇରାଣ ହେଉଥିବାରୁ ସମସ୍ତ ସ୍ଥାନରେ ଅସନ୍ତୋଷ ଦେଖାଦେଉଛି। ଏପରି ସ୍ଥଳେ ମଙ୍ଗଳବାର ଡୁମୁରାପୁଟ ସମବାୟ ସମିତିରେ ସାର ବିକ୍ରୟବେଳେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେବା ସହ ବଚସା ଓ ଗାଳିଗୁଲଜ ହେବାରୁ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଶୃଙ୍ଖଳା ରକ୍ଷା ପାଇଁ ପୁଲିସ କର୍ମଚାରୀ ତାଗିଦ୍ କରିବାରୁ ସ୍ଥାନୀୟ ଭୁଷ୍କାପଡ଼ା ଗ୍ରାମର ସଞ୍ଜୟ ବିଶ୍ୱାଳ ସମ୍ପୃକ୍ତ ପୁଲିସ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ କେସ୍ ନଂ ୩୫୨/୨୫ରେ ଏକ ମାମଲା ରୁଜୁ କରି ସଞ୍ଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଜାମିନ ଖାରଜ ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ବିଭିନ୍ନ ସ୍ୱାସ୍ଥ୍ୟ ଅଗ୍ରଣୀ ଯୋଜନା ସମୀକ୍ଷାକଲେ ଜିଲ୍ଲାପାଳ

# ଜନ୍ମରୁ ୫ ବର୍ଷର ୧,୨୫,୭୪୪ ଶିଶୁଙ୍କୁ ଦିଆଯିବ ପୋଲିଓ ଟିକା

ଖୋର୍ଦ୍ଧା,୨୩।୯ (ସମିସ): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅପରାହ୍ଣରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଗ୍ରଣୀ ସ୍ୱାସ୍ଥ୍ୟ ଯୋଜନା ସମୀକ୍ଷା ସହ ପିସିପିଏନ୍‌ଡିଟି ଆକ୍ଟ ପରାମର୍ଶ ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାପାଳ ଶ୍ରୀ ଋତୁରାଜ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅଧୀନ ବୟୋବନ୍ଦନା ସ୍ୱାସ୍ଥ୍ୟ କାର୍ଡ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ ବଣ୍ଟନର ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା କରିବା ସହ ଜନ୍ମରୁ ୫ ବର୍ଷର ଶିଶୁମାନଙ୍କୁ ପଲ୍‌ସ ପୋଲିଓ ଟିକା ଖୁଆଇବା ଉପରେ ସମୀକ୍ଷା କରିଥିଲେ। ଆସନ୍ତା ଅକ୍ଟୋବର ୧୨, ୧୩, ୧୪ ତାରିଖରେ ଏହି ଶିଶୁମାନଙ୍କୁ ପୋଲିଓ ଟିକା ପ୍ରଦାନ କରାଯିବ।



ଜିଲ୍ଲାରେ ୧ ଲକ୍ଷ ୨୫ ହଜାର ୭୪୪ ଶିଶୁଙ୍କୁ ଟିକା ପ୍ରଦାନ କରାଯିବ ଏବଂ ଏହି କାର୍ଯ୍ୟ ସମ୍ପାଦନ ପାଇଁ ମହିଳା ସ୍ୱାସ୍ଥ୍ୟ କର୍ମୀ, ଆଶା ଓ ଅଙ୍ଗନବାଡ଼ି ଦିଦିଙ୍କୁ ନେଇ ୨୪୮୦ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ବୟୋବନ୍ଦନା କାର୍ଡ ୭୦ ବର୍ଷରୁ ଊର୍ଦ୍ଧ୍ୱ କେତେ ପାଇଛନ୍ତି ଏବଂ କେତେ ପାଇବାକୁ ଅଛନ୍ତି ତାହାର ତାଲିକା ବିଡିଓମାନଙ୍କ ସହଯୋଗରେ ବୁଥ୍‌ୱାରି ପ୍ରଦାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଜିଲ୍ଲାର ସମସ୍ତ ୧୯ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆଶାମାନଙ୍କୁ ଏହି କାର୍ଯ୍ୟରେ ନିଯୁକ୍ତ କରାଯିବ। ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରଙ୍ଗ ଦେବା, ବ୍ରାଣ୍ଡିଂ ବା ଏକ ବୈଶିଷ୍ଟ୍ୟ ସୃଷ୍ଟି କରିବା, ବିଜୁଳି ଆଲୋକ, ଅନ୍ତର୍ବିଭାଗ ଶୌଚାଳୟକୁ ଉତ୍ତମ ରୂପେ ପ୍ରସ୍ତୁତ କରିବାକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ୪୫୩ ଆଲଟ୍ରାସାଉଣ୍ଡ କେନ୍ଦ୍ର ଥିବାବେଳେ

## ଶିକ୍ଷାନୁଷ୍ଠାନ ନିକଟରେ ତମାଖୁ ବିକ୍ରି ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ

୭୧ଟି କାର୍ଯ୍ୟକ୍ଷମ, ନୂତନ ଭାବେ ଖୋଲିବା ପାଇଁ ୬ଟି ଦରଖାସ୍ତ ଏବଂ ନବୀକରଣ ପାଇଁ ୪ଟିର ଦରଖାସ୍ତ ମିଳିଛି। ଜିଲ୍ଲାରେ ଅଲଟ୍ରାସାଉଣ୍ଡଗୁଡ଼ିକ ଉପରେ ତହସିଲ୍‌ଦାରଙ୍କ ନେତୃତ୍ୱରେ ମେଡିକାଲ ଅଫିସରମାନେ ଅଚାନକ ଚଢ଼ଉ କରିବାକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଶିକ୍ଷାନୁଷ୍ଠାନଠାରୁ ୧୦୦ ମିଟର ଦୂରତା ମଧ୍ୟରେ କୌଣସି ତମାଖୁ ଦୋକାନ ଯେପରି ନ ରୁହେ ସେଥିପ୍ରତି ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନାଦି ଚରଣ ସେଠୀ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ପି.କେ. ସାହୁ, ସମସ୍ତ ବ୍ଲକ୍‌ର ବିଡିଓ, ସ୍ତ୍ରୀ ରୋଗ ଏବଂ ପ୍ରସୂତି ଡାକ୍ତର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ସମସ୍ତ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରର ସମ୍ପୃକ୍ତ ଡାକ୍ତର ଓ ବୈଷୟିକ କର୍ମକର୍ତ୍ତା ଯୋଗଦେଇଥିଲେ।





ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାର ହତ୍ୟା ପ୍ରତିବାଦରେ ବିଜେଡି ପକ୍ଷରୁ ବିଧାନସଭା ଘେରାଉରେ ଦଳୀୟ ନେତା

# ପୁଣି ସିନ୍ଦୂରମୁଖୀ ହେଲେ ମା' ସମଲେଇ

ସମ୍ବଲପୁର, ୨୩।୯(ସମିସ): ପୁଣି ସିନ୍ଦୂରମୁଖୀ ହେଲେ ମା' ସମଲେଇ। ଗତ ୨୧ ତାରିଖ, ମହାଳୟା ଅବସରରେ ମା' ସମଲେଶ୍ୱରୀ ଧବଳମୁଖୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଏହି ବେଶରେ ମା'ଙ୍କୁ ଗତ ଅଢ଼େଇ ଦିନ ଧରି ଆଜି ମଧ୍ୟାହ୍ନ ପର୍ଯ୍ୟନ୍ତ ହଜାରହଜାର ଶ୍ରଦ୍ଧାଳୁ ଦର୍ଶନ କରିଛନ୍ତି। ମା'ଙ୍କ ଶୁଭ୍ର ବେଶ ଦର୍ଶନ କଲେ ଗଙ୍ଗା ଦର୍ଶନର କୋଟି ପୁଣ୍ୟ ମିଳିଥାଏ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଆଜି ପୂର୍ବାହ୍ନ ୧୧ଟା ୪୫ରେ ଅନ୍ନଭୋଗ ଲାଗି କରାଯାଇଥିଲା। ଏଥିପାଇଁ ଦର୍ଶନ ବନ୍ଦ ରହିଥିଲା। ଏହାପରେ ମା'ଙ୍କୁ ପୁଣି ତାଙ୍କ ସିନ୍ଦୂରମୁଖୀ ବେଶ କରାଯାଇ ଶୃଙ୍ଗାର କରାଯାଇଛି ବୋଲି ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ କହିଛନ୍ତି। ଅପରାହ୍ନ ୧ଟା ୪୫ରେ ଭକ୍ତଙ୍କ ଦର୍ଶନ ସକାଶେ ପୁଣି ମନ୍ଦିର ଖୋଲାଯାଇଥିଲା।



ଗତ ୧୪ ତାରିଖ ମୂଳାଷ୍ଟମୀଠାରୁ ସମଲେଶ୍ୱରୀ ମନ୍ଦିରରେ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି। ଏହା ମହାଷ୍ଟମୀ ପର୍ଯ୍ୟନ୍ତ ଚାଲିବ। ଷୋଡ଼ଶ ଉପଚାର ପୂଜା ସମୟରେ ମା' ଷୋହଳ ଜ୍ୟୋତି ରୂପରେ ପୂଜା ପାଇବା ସହ ସ୍ୱତନ୍ତ୍ର ନୈବେଦ୍ୟ ଅର୍ପଣ କରାଯାଇଥାଏ। ପଶ୍ଚିମ ଓଡ଼ିଶାବାସୀ ମୂଳାଷ୍ଟମୀରେ ପୁଓଜିଉଁତିଆ ପାଳନ କରିଥିବା ବେଳେ ମହାଷ୍ଟମୀରେ ଭାଇଜିଉଁତିଆ ପାଳନ କରିବେ। ଶାରଦୀୟ ନବରାତ୍ରରେ ଗତ ୨୨ ତାରିଖରୁ ନବଦିନାତ୍ମକ ମାନସିକ ଦୀପ ପ୍ରଜ୍ୱଳନ ଆରମ୍ଭ ହୋଇଛି। ଏହାସହ ଶେଷ ତିନିଦିନ ଏବଂ ଦିନିକିଆ ମାନସିକ ଦୀପ ମଧ୍ୟ ପ୍ରଜ୍ୱଳନ କରାଯିବ। ଶାରଦୀୟ ଓ ବାସନ୍ତିକ ନବରାତ୍ର ସମୟରେ ଶ୍ରଦ୍ଧାଳୁ ପାରିବାରିକ ଶାନ୍ତି, ଶତ୍ରୁଭୟ ନିବାରଣ, ରୋଗଦୁଃଖରୁ ମୁକ୍ତି, ବିବାହ, ସନ୍ତାନପ୍ରାପ୍ତି ଆଦି ପାଇଁ ମାନସିକ ଦୀପ ପ୍ରଜ୍ୱଳନ କରିଥା'ନ୍ତି।

**ଖୋଲିଲା ଆଉ ୨ ଗେଟ୍**

# ହୀରାକୁଦ ଜଳସ୍ତର ୬୨୯.୮୩ ଫୁଟ୍

ସମ୍ବଲପୁର, ୨୩।୯ (ସମିସ): ଗତ ୨୧ ତାରିଖରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍‌ରେ ପହଞ୍ଚିଥିବା ବେଳେ ତାହାକୁ ବଜାୟ ରଖାଯାଉଛି। ଆଜି ନଦୀବନ୍ଧର ଆଉ ୨ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ଏହାକୁ ମିଶାଇ ଏବେ ମୋଟ ୬ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଆଜି ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୯.୮୩ ଫୁଟ୍ ରହିଥିଲା।

ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୦୦,୦୩୦ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୩୪,୫୬୭ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୯୮,୫୫୬ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୧,୨୬୯ ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ଦେଇ ୪,୫୦୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତ ୨୪ ଘଣ୍ଟାରେ ନଦୀବନ୍ଧର ଉପରମୁଣ୍ଡରେ ୪.୧୯ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୧୯.୦୧ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗୃହରେ ବିରୋଧ...

କଂଗ୍ରେସ ସଭ୍ୟ ଅନାସ୍ଥା ସଂକ୍ରାନ୍ତରେ ବାଚସ୍ପତି ପକ୍ଷପାତ କରୁଥିବା ଅଭିଯୋଗ କରି ଗୃହରେ ନାରାବାଜି କରିଥିଲେ। ବାଚସ୍ପତି ଗୃହକୁ ମୁଲତବୀ ରଖି ସର୍ବଦଳୀୟ ବୈଠକ ଡକାଇଥିଲେ ହେଁ ଏଥିରୁ କୌଣସି ସୁଫଳ ବାହାରି ପାରିନଥିଲା। ଉଭୟ ବିଜେଡି ଓ କଂଗ୍ରେସ କକ୍ଷତ୍ୟାଗ କରିଥିଲେ। ବିଜେଡି ସଦସ୍ୟମାନେ ବିଧାନସଭା ପରିସରାରେ ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଥିଲେ। ବିନା ବିରୋଧୀଙ୍କ ଉପସ୍ଥିତିରେ ସଂକଳ୍ପ ଆଲୋଚନା ହୋଇ ଗୃହୀତ ହୋଇଥିବା ବେଳେ ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଧେୟକ ମଧ୍ୟ ପାରିତ ହୋଇଛି।

ଗୃହ ବାହାରେ ପ୍ରତିକ୍ରିୟା ରଖି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ ମହାତ୍ମା ଗାନ୍ଧୀ କହିଥିଲେ ଭାରତବର୍ଷର ଆତ୍ମା ଗାଁରେ ଅଛି। ଭାରତବର୍ଷର ଉନ୍ନତି କରିବାକୁ ହେଲେ ଗାଁ ଲୋକଙ୍କ ହାତକୁ କ୍ଷମତା ଦିଆଯିବା ଦରକାର। ଯାହାକୁ ଦେଶ ସ୍ୱାଧୀନ ପରେ ସମ୍ବିଧାନରେ ସେହି ବ୍ୟବସ୍ଥା କରାଯାଇଥିଲା। ୭୩ତମ ସମ୍ବିଧାନ ସଂଶୋଧନରେ ତ୍ରି-ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା କରାଯାଇଥିଲା। ୱାର୍ଡ ମେମ୍ବରଠାରୁ ଆରମ୍ଭ କରି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଯାଏଁ କ୍ଷମତାର ବିକେନ୍ଦ୍ରୀକରଣ କରାଯାଇଥିଲା। ବିଜେପି ସରକାର କ୍ଷମତାକୁ ଆସିବା ପରେ ଜନ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରିବାରେ ଲାଗିଛନ୍ତି। ଅର୍ଥାତ୍ ଜନତାଙ୍କ କ୍ଷମତାକୁ ସଙ୍କୁଚିତ କରୁଛନ୍ତି। ଏହି ବ୍ୟବସ୍ଥା ଗଣତନ୍ତ୍ରର ତଣ୍ଟିଚିପିବା ପାଇଁ ଚକ୍ରାନ୍ତ। ପ୍ରଚଳିତ ବ୍ୟବସ୍ଥାକୁ ମୋଡ଼ିମକଚି ବାବୁରାଜ ଚଳାଇବା ପାଇଁ ମସୁଧା ଚାଲିଛି। ନିଜ ଦଳର କୁଜି ନେତାଙ୍କୁ ସଂରକ୍ଷଣ ଦେବା ପାଇଁ ସରକାର ଏହି ନୂଆ ବ୍ୟବସ୍ଥା ତିଆରି କରୁଛନ୍ତି ବୋଲି ଶ୍ରୀ ଦାସ କହିଛନ୍ତି।

### ସରକାରଙ୍କ ବିରୋଧରେ...

ଦଳର ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ନାରାବାଜି କରିବାକୁ ବାଚସ୍ପତି ବାରମ୍ବାର ଗୃହକୁ ମୁଲତବୀ କରିଥିଲେ। ଶେଷରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ ହେଁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଦଳର ଅନାସ୍ଥା ନୋଟିସ ଗ୍ରହଣ ନିମନ୍ତେ ଅଡ଼ି ବସିଥିଲେ। ୫ ଟା ୨୦ରେ ବାଚସ୍ପତି ଗୃହ କାର୍ଯ୍ୟ ଆରମ୍ଭ କରିବା ପରେ ମଧ୍ୟ କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳ କରିବା ସହ କୃଷି ମାରଣ ନୀତି ଓ ମହିଳା ହିଂସା ଆଦି ପ୍ରସଙ୍ଗରେ ହୋହଲ୍ଲା କରି ଗୃହତ୍ୟାଗ କରିଥିଲେ।

### ବିଜେଡିର ରଣହୁଙ୍କାର...

ରଖିଛନ୍ତି। ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଧ୍ୱଂସ କରିବା ପ୍ରତିବାଦରେ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ପଞ୍ଚାୟତିରାଜ ବ୍ୟବସ୍ଥାର କ୍ଷମତା ସଙ୍କୁଚିତ କରି ରାଜ୍ୟରେ ବାବୁରାଜ ସୃଷ୍ଟି କରିଛନ୍ତି। ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟ କ୍ଷମତା ଚୋରି ସହିତ ସମାନ। ପୂର୍ବରୁ ବ୍ଲକରେ ହେଉଥିବା ଉନ୍ନୟନ କାର୍ଯ୍ୟର ବିଲ୍ ପରିମାଣ ଦୁଇ ଲକ୍ଷ ପର୍ଯ୍ୟନ୍ତ ବିଡିଓଙ୍କ ପାସ୍ କରିବାର କ୍ଷମତା ଥିଲା। ଦୁଇ ଲକ୍ଷରୁ ଊର୍ଦ୍ଧ୍ୱ ବିଲ୍ ପାସ କରିବା ନିମନ୍ତେ ପଞ୍ଚାୟତ ସମିତିର ଅଧ୍ୟକ୍ଷଙ୍କ ଦସ୍ତଖତ ଆବଶ୍ୟକ ହେଉଥିଲା। କିନ୍ତୁ ରାଜ୍ୟ ସରକାର ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କ୍ଷମତା ହ୍ରାସ କରିବା ଲକ୍ଷ୍ୟରେ ବିଡିଓଙ୍କ ବିଲ୍ ପାସ କରିବାର କ୍ଷମତା ଦୁଇ ଲକ୍ଷରୁ ଦଶ ଲକ୍ଷକୁ ବୃଦ୍ଧି କରିଛନ୍ତି। ଏହା ନିର୍ବାଚିତ ପ୍ରତିନିଧି ମାନଙ୍କ କ୍ଷମତାକୁ ସଙ୍କୁଚିତ କରିବା ପାଇଁ ରାଜ୍ୟ ସରକାରଙ୍କ ଏକ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଛି ବିଜେଡି। ସେହିପରି ପୂର୍ବ ସରକାରଙ୍କ ଲୋକପ୍ରିୟ ଯୋଜନା ଆମ ଓଡ଼ିଶା ନବୀନ ଓଡ଼ିଶାର ନାମ ପରିବର୍ତ୍ତନ କରି 'ବିକଶିତ ଗାଁ ବିକଶିତ ଓଡ଼ିଶା' କରାଯାଇଥିବା ବେଳେ ଏହାକୁ କାର୍ଯ୍ୟକାରୀ କରିବାର ନିୟମରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ପୂର୍ବରୁ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଉଥିବା ବେଳେ, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଏହି ପରିମାଣକୁ ମାତ୍ର ୭/୮ ଲକ୍ଷକୁ କମାଇ ଦିଆଯାଇଛି। ନୂତନ ନିୟମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଗ୍ରାମସଭା ଓ ପଞ୍ଚାୟତ ସମିତିର କ୍ଷମତାକୁ ଗୌଣ କରିବାକୁ ଉଦ୍ୟମ କରାଯାଇଛି। ରାଜ୍ୟ ବିଜେପି ସରକାରଙ୍କ ଏସବୁ ପଦକ୍ଷେପ କେବଳ ତୃଣମୂଳ ସ୍ତରରେ ଥିବା ନିର୍ବାଚିତ ପ୍ରତିନିଧିମାନଙ୍କ କ୍ଷମତା ସଙ୍କୁଚିତ କରି ନିଜ ଦଳୀୟ କର୍ମୀ ଓ ନେତାଙ୍କ ପକେଟକୁ ଗରମ କରିବା ପାଇଁ ଏକ ସୁଚିନ୍ତିତ ଘୃଣ୍ୟ ଉଦ୍ୟମ ବୋଲି ନେତାମାନେ କହିଛନ୍ତି। ପ୍ରତିବାଦ ସଭା ପରେ ହଜାର ହଜାର ଆନ୍ଦୋଳନକାରୀ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ବ୍ୟାରିକେଡକୁ ଭାଙ୍ଗି ବିଧାନସଭା ଆଡକୁ ଅଗ୍ରସର ହେବାକୁ ଉଦ୍ୟମ କରୁଥିବା ବେଳେ ପ୍ରଶାସନ ପକ୍ଷରୁ ପାଣି ମାଡ କରାଯାଇଥିଲା। ଏଥିରେ ଦଳର ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା ଓ ଅନେକ କର୍ମୀ ଆହତ ହୋଇଛନ୍ତି। ସେହିପରି ଶହଶହ କର୍ମୀଙ୍କୁ ପୁଲିସ ଗିରଫ କରିଛି।

ଘେରାଉ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ କୁମାର ଦାସବର୍ମା, ପ୍ରତାପ ଜେନା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅତନୁ ସବ୍ୟସାଚୀ ନାୟକ, ପ୍ରମିଳା ମଲ୍ଲିକ, ଅରୁଣ ସାହୁ, ସୁଦାମ ମାରାଣ୍ଡି, ଟୁକୁନି ସାହୁ, ପ୍ରଦୀପ ଅମାତ, ବଦ୍ରି ନାରାୟଣ ପାତ୍ର, ପ୍ରଫୁଲ୍ଲ ସାମଲ, ଅଶୋକ ପଣ୍ଡା, ଚିରଞ୍ଜିବୀ ବିଶ୍ୱାଳ, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ସୁଲୋଚନା ଦାସ, ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ଗୌତମବୁଦ୍ଧ ଦାସ, ସ୍ନେହାଙ୍ଗିନୀ ଛୁରିଆ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ବିଜୟ ନାୟକ, ଭୃଗୁ ବକ୍ସିପାତ୍ର, ପ୍ରୀତିରଞ୍ଜନ ଘଡାଇ, ପ୍ରଫୁଲ୍ଲ ସିଂ, ବିକ୍ରମ ପଣ୍ଡା, ଉମାକାନ୍ତ ସାମନ୍ତରାୟ, ଧ୍ରୁବ ଚରଣ ସାହୁ, ସୁବାସ ସିଂ, କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ସାରଦା ଜେନା, ପ୍ରଶାନ୍ତ ମୁଦୁଲି, ସୁଲତା ଦେଓ, ସୁବାଶିଷ ଖୁଣ୍ଟିଆ, ରାଜଶ୍ରୀ ମଲ୍ଲିକ, ଶର୍ମିଷ୍ଠା ସେଠୀ, ମନ୍ମଥ ରାଉତରାୟ, ବର୍ଷା ସିଂ ବରିହା, ଲୋପାମୁଦ୍ରା ବକ୍ସିପାତ୍ର, ପ୍ରଦୀପ ସାହୁ, ଗଣେଶ୍ୱର ବେହେରା, ରବୀନ୍ଦ୍ର ଜେନା, ସୁବାସିନୀ ଜେନା, ଅମରେଶ ପତ୍ରି, ନଳିନୀ ପ୍ରଧାନ, ବ୍ରଜ ପ୍ରଧାନ, ତୁଷାରକାନ୍ତି ବେହେରା, ବିଶ୍ୱରଂଜନ ମଲ୍ଲିକ, ଅଭିମନ୍ୟୁ ସେଠୀ, ନବକିଶୋର ମଲ୍ଲିକ, ସାରଦା ନାୟକ, ମନୋରମା ମହାନ୍ତି, ପ୍ରମୋଦ ମଲ୍ଲିକ, ସଞ୍ଜୀବ ମଲ୍ଲିକ, ରମେଶ ବେହେରା, ରୋମାଞ୍ଚ ରଂଜନ ବିଶ୍ୱାଳ, ସୌଭିକ ବିଶ୍ୱାଳ, ସୁନିଲ ମହାନ୍ତି, ଝିନ୍ନ ହିକକା, ମାଧବ ଧଡା, ସୁଦର୍ଶନ ହରିପାଲ, ସୁଜାତା ସାହୁ, ରମାକାନ୍ତ ଭୋଇ, ଅଳକା ମହାନ୍ତି, ରୀତା ସାହୁ, ଅରବିନ୍ଦ ମହାପାତ୍ର, ରୂପେଶ ପାଣିଗ୍ରାହୀ, ପ୍ରଶାନ୍ତ ବେହେରା, ଦୀପାଳି ଦାସ, ମୁକ୍ତିକାନ୍ତ ମଣ୍ଡଳ, ମଂଜୁଲତା ମଣ୍ଡଳ, ନୃସିଂହ ସାହୁ, ଅବିନାଶ ସାମଲ, ସରୋଜ ମେହେର, ଜଗନ୍ନାଥ ସାରକା, ମହେଶ ସାହୁ, ଲତିକା ପ୍ରଧାନ, ରଞ୍ଜିତା ସାହୁ, ସୁଧୀର ସାମଲ, ରୁଦ୍ର ମହାରଥୀ, ମାନସ ମାଡକାମୀ, କୌଶଲ୍ୟ ହିକ୍କାକା, ରବିନାରାୟଣ ନନ୍ଦ, ଶ୍ରୀକାନ୍ତ ସାହୁ, ସୁମିତ୍ରା ଜେନା, ମୀନତୀ ବେହେରା, କସ୍ତୁରୀ ମହାପାତ୍ର, ଗୀତାଞ୍ଜଳି ବସ୍ତିଆ, ସୁବାସ ବେହେରା, ମଞ୍ଜୁଳା ସ୍ୱାଇଁ, ସୂର୍ଯ୍ୟମଣି ବୈଦ୍ୟ, ପ୍ରଫୁଲ୍ଲ ପାଙ୍ଗୀ, ପ୍ରଭୁ ଜାନି, ପଦ୍ମିନୀ ଦିଆନ, ଲକ୍ଷ୍ମୀପ୍ରିୟା ନାୟକ, ସୁକାନ୍ତ ନାୟକ, ସ୍ୱରୂପ କୁମାର ଦାସ, ରାଜେନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସନ୍ଦୀପ ଷଡଙ୍ଗୀ, କୈଳାଶ ପାତ୍ର, ସୁବ୍ରତ ଛାଟୋଇ, ସଦାଶିବ ପ୍ରଧାନ, ସାଲୁଗା ପ୍ରଧାନୀ, ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ରିଜୁଆନା ବେଗମ, ସାନନ୍ଦ ମାରାଣ୍ଡି, ଦେବାଶିଷ ମାରାଣ୍ଡି, ରାଜକିଶୋର ଦାସଙ୍କ ସହ ୩୦ ଜିଲ୍ଲାର ଜିଲ୍ଲା ପରିଷଦ ସଭାପତି ଓ ଉପସଭାପତି, ୧୫୦ ଉଦ୍ଧ୍ୱର୍ ବ୍ଲକର ଅଧ୍ୟକ୍ଷ/ଉପାଧ୍ୟକ୍ଷ, ବିଭିନ୍ନ ପ୍ରତିନିଧିମଣ୍ଡଳୀ ଯଥା, ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବର ସଂଗଠନର ପ୍ରତିନିଧି, ହଜାର ହଜାର ବିଜେଡିର ଯୁବ ଓ ଛାତ୍ର ନେତାମାନଙ୍କ ସହ ୩୦ ହଜାରରୁ ଉଦ୍ଧ୍ୱର୍ କର୍ମୀ ସାମିଲ ଥିଲେ।

# ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ମହାକାଳପଡ଼ା ତହସିଲଦାର

ଭୁବନେଶ୍ୱର/ମହାକାଳପଡ଼ା, ୨୩।୯(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ତହସିଲଦାର ଶିବପ୍ରସାଦ ମଲ୍ଲିକ ଲାଞ୍ଚ ନେଇ ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଏକ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ପାଇଁ ସେ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଛନ୍ତି। ଏହାସହ ଆୟ ବର୍ହିଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ତାଙ୍କ ପୈତୃକ ଗାଁ ବାଘିଲୋ ଓ ତାଙ୍କ କାର୍ଯ୍ୟାଳୟରେ ମଧ୍ୟ ଚଢ଼ଉ କରିଛି।



ଜବରଦଖଲ ଉଚ୍ଛେଦ ଅର୍ଡର ପାଇଁ ଲାଞ୍ଚ ନେଉଥିଲେ

ସୂଚନାନୁଯାୟୀ, ଗୋଜାବନ୍ଧ ଗାଁର ପୀତାମ୍ବର ସ୍ୱାଇଁଙ୍କ ଘର ଆଗରେ ଥିବା ସରକାରୀ ଜମିକୁ ଜଣେ ବ୍ୟକ୍ତି ଜବରଦଖଲ କରି ରଖିଥିଲେ। ତାହାକୁ ଉଚ୍ଛେଦ କରିବା ପାଇଁ ସେ ୨୦୨୪ରେ ଆବେଦନ କରିଥିଲେ। ଆର୍‌ଆଇ ଯାଞ୍ଚ କରିବା ପରେ ତହସିଲଦାରଙ୍କୁ ଏ ସଂପର୍କିତ ଏକ ରିପୋର୍ଟ ପ୍ରଦାନ କରିଥିଲେ। କିଛି ଦୁର୍ବୃତ୍ତ ସାଧାରଣ ରାସ୍ତା ଅବରୋଧ କରି ସରକାରୀ ଜାଗା ଜବରଦଖଲ କରିଥିବା ରିପୋର୍ଟରେ ଦର୍ଶାଯାଇଥିଲା। ଏହାପରେ ମଧ୍ୟ ଜବରଦଖଲ ଉଚ୍ଛେଦ କରାନଯିବାରୁ ପୀତାମ୍ବର ତହସିଲଦାରଙ୍କୁ ଦୁଇଥର ଭେଟି ଅଭିଯୋଗ କରିଥିଲେ। ୨୦ହଜାର ଟଙ୍କା ଲାଞ୍ଚ ନଦେଲେ ଜବରଦଖଲ ଉଚ୍ଛେଦ କରାଯାଇପାରିବ ନାହିଁ ବୋଲି ତହସିଲଦାର କହିଥିଲେ। ଏନେଇ ଅଭିଯୋଗକାରୀ ଭିଜିଲାନ୍ସରେ ଅଭିଯୋଗ କରିବା ପରେ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ଆଜି ପୀତାମ୍ବରଙ୍କ ଜ୍ୱାଇଁ ଅନ୍ତର୍ଯ୍ୟାମୀ ସ୍ୱାଇଁଙ୍କଠାରୁ ତହସିଲଦାର ତାଙ୍କ ସରକାରୀ କ୍ୱାର୍ଟର୍‌ରେ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିଲା ବେଳେ ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ।

# ରାଜ୍ୟରେ ଆଇଏଏସ୍, ଆଇପିଏସ୍ ମରୁଡ଼ି

ଭୁବନେଶ୍ୱର,୨୩।୯(ସମିସ): ରାଜ୍ୟରେ ଆଇଏଏସ୍ ଓ ଆଇପିଏସଙ୍କ ମରୁଡ଼ି ପଡ଼ିଛି। ମୋଟ ୧୮୨ ପୋଷ୍ଟ ଖାଲି ପଡ଼ିଛି। ରାଜ୍ୟର ବିଧାନସଭାର ପ୍ରଶ୍ନୋତ୍ତରରୁ ଏମିତି କିଛି ତଥ୍ୟ ଏବେ ସାମ୍ନାକୁ ଆସିଛି। ସୂଚନା ମୁତାବକ, ରାଜ୍ୟରେ ଏବେ ବି ୧୮୨ ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫଏସ୍ ପଦବୀ ଫାଙ୍କା ପଡ଼ିଛି। ଏନେଇ ଲିଖିତ ସୂଚନା ଦେଇଛନ୍ତି ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିଜେଡି ବିଧାୟକ ଅରୁଣ ସାହୁ ଏନେଇ ବିଧାନସଭାରେ ପ୍ରଶ୍ନ କରିଥିଲେ। ସେ ପଚାରିଥିଲେ ଯେ, ରାଜ୍ୟର ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫଏସ୍ ସେବାରେ ମୋଟ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା କେତେ? ଆଉ ଆଜିର ଦିନରେ କେତେ ଅଧିକାରୀଙ୍କ ପଦବୀ ଖାଲି ପଡ଼ିଛି? ଏହାର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ଆଇଏଏସଙ୍କ ସଂଖ୍ୟା ହେଉଛି ୨୪୮। କିନ୍ତୁ ତା ଭିତରୁ ଏବେ ବି ୪୫ଟି ପଦବୀ ଏବେ ବି ଫାଙ୍କା ପଡ଼ିଛି। ସେହିପରି ୧୯୫ଟି ମଞ୍ଜୁରୀପ୍ରାପ୍ତ ଆଇପିଏସ୍ ସଂଖ୍ୟା ଥିଲେ ବି, ତା ଭିତରୁ ୬୬ଟି ପଦବୀ ଫାଙ୍କା ପଡ଼ିଛି। ସେହିଭଳି ଏବେ ବି ୩୪୨ ଓଏଏସ୍ ପଦବୀ ଏବଂ ୧୪୧ ଓପିଏସ୍ ପଦବୀ ଖାଲି ପଡ଼ିଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

**ଏସ୍‌ସିବି ଇତିହାସରେ ପ୍ରଥମ**

# କ୍ୟାଭରନସ୍ ଲିମ୍ଫନଜିଓମାର ସଫଳ ଅସ୍ତ୍ରୋପଚାର

କଟକ,୨୩।୯(ସମିସ): କ୍ୟାଭରନସ୍ ଲିମ୍ଫନଜିଓମାରେ ଆକ୍ରାନ୍ତ ଜଣେ ୭ବର୍ଷର ଶିଶୁ ନୂଆ ଜୀବନ ପାଇଛି। ପ୍ରାୟ ଦୁଇ ଘଣ୍ଟାର ଅସ୍ତ୍ରୋପଚାର ଦ୍ୱାରା ଶିଶୁର ଡାହାଣପାର୍ଶ୍ୱ ଛାତିରେ ବଢ଼ି ଚାଲିଥିବା ମାଂସ ପିଣ୍ଡୁଳାକୁ କଢ଼ାଯାଇଛି। ଏହା ଏକ ବିରଳ ରୋଗ। ଏସ୍‌ସିବି ମେଡିକାଲରେ ଏଭଳି ଅସ୍ତ୍ରୋପଚାର ପ୍ରଥମ ବୋଲି ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର୍ ଡାକ୍ତର ବିଶ୍ୱଜିତ ମିଶ୍ର କହିଛନ୍ତି। ଅସ୍ତ୍ରୋପଚାର ଦ୍ୱାରା ଆରୋଗ୍ୟଲାଭ କରିଥିବା ଶିଶୁଜଣଙ୍କ ହେଲା, ମୟୂରଭଞ୍ଜ ଜିଲ୍ଲା ରଇତଳା ଅଞ୍ଚଳର ଚିମାରି ବାରି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଏହି ଶିଶୁ କନ୍ୟାକୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ(ଆରବିଏସ୍‌କେ) ଅଧୀନରେ ସମସ୍ତ ଚିକିତ୍ସା ଯୋଗାଇ ଦିଆଯାଇଛି।



ରଇତଳା ଅଞ୍ଚଳର ରାମଚନ୍ଦ୍ର ବାରିଙ୍କ ଝିଅ ଚିମାରି। ଖୁବ୍ କମ୍ ବୟସରୁ ଶିଶୁର ଡାହାଣପଟ ଛାତିରେ ମାଂସ ପିଣ୍ଡୁଳା ବଢ଼ି ଚାଲିଥିବା ପରିବାରଲୋକେ ଦେଖିବାକୁ ପାଇଥିଲେ। ଚାଷବାସ କରି ପରିବାର ପ୍ରତିପୋଷଣ କରୁଥିବା ରାମଚନ୍ଦ୍ରଙ୍କ ପକ୍ଷେ ଚିମାରିକୁ ଉନ୍ନତ ଚିକିତ୍ସା ଯୋଗାଇବା ସମ୍ଭବପର ନଥିଲା। ଝିଅ ଛାତିରେ ମାଂସ ପିଣ୍ଡୁଳା ବଢ଼ି ଚାଲିବା ସହ କ୍ରମଶଃ କାଖର ରକ୍ତନଳୀକୁ ଏହା ମାଡ଼ି ଯାଇଥିଲା। ଆରବିଏସ୍‌କେ ସଦସ୍ୟଙ୍କ ସହଯୋଗରେ ଚିମାରିକୁ କଟକ ବଡ଼ ମେଡିକାଲକୁ ଅଣାଯାଇଥିଲା। ବିଭିନ୍ନ ପରୀକ୍ଷାନିରୀକ୍ଷା କରାଯିବା ପରେ ସେ କ୍ୟାଭରନସ୍ ଲିମ୍ଫନଜିଓମାରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ତେବେ ଚିମାରି ଥାଲାସେମିଆ ପୀଡ଼ିତ ଥିବାରୁ ତା'ର ଅସ୍ତ୍ରୋପଚାର କରିବା ଡାକ୍ତରଙ୍କ ନିମନ୍ତେ ବଡ଼ ଆହ୍ୱାନ ଥିଲା। ପ୍ଲାଷ୍ଟିକ୍ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ମିଶ୍ରଙ୍କ ନେତୃତ୍ୱରେ ୯ଜଣିଆ ଏକ ଡାକ୍ତରୀ ଦଳ ଗଠନ ହୋଇଥିଲା। ନିଶ୍ଚେତକ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ଲକ୍ଷ୍ମୀକାନ୍ତ ଦାଶ ମଧ୍ୟ ରହିଥିଲେ। ଅସ୍ତ୍ରୋପଚାର ଦ୍ୱାରା ୨୨ ସେଣ୍ଟିମିଟର ଲମ୍ବ ଏବଂ ୨୦ ସେଣ୍ଟିମିଟର୍ ଚଉଡ଼ାର ଚେଷ୍ଟ ୱାଲ୍ ଟ୍ୟୁମର କଢ଼ା ଯାଇଥିଲା। ଚିମାରି ଏବେ ବିପଦମୁକ୍ତ ଥିବା ବେଳେ ତାଙ୍କୁ ନିରୀକ୍ଷଣରେ ରଖାଯାଇଛି। ସେ ଖୁବ୍‌ଶୀଘ୍ର ଡିସଚାର୍ଜ ହେବେ ବୋଲି କୁହାଯାଇଛି।

**ରାଜ୍ୟ ବାର୍ କାଉନସିଲ କର୍ପସ ଫଣ୍ଡ ନିୟମାବଳୀକୁ ବେଆଇନ ଘୋଷଣା ପାଇଁ ମାମଲା**

# ଆପୋସ ଆଲୋଚନାରେ ସମାଧାନ ପାଇଁ ହାଇକୋର୍ଟଙ୍କ ଗୁରୁତ୍ୱାରୋପ

କଟକ,୨୩। ୯(ସମିସ): ରାଜ୍ୟ ବାର କାଉନସିଲ କର୍ପସ ଫଣ୍ଡ ରୁଲ-୨୦୨୦କୁ ବେଆଇନ ଘୋଷଣା ପାଇଁ ପ୍ରାର୍ଥନା କରି ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ଏହି ମାମଲାର ପ୍ରାରମ୍ଭିକ ଶୁଣାଣି କରି ଆପୋସ ଆଲୋଚନା ଜରିଆରେ ଉଭୟପକ୍ଷ ଏହାର ସମାଧାନ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରି ଅନ୍ତରୀଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆଇନଜୀବୀ କବିରାଜ ପ୍ରଧାନ ଓ ବିପ୍ଳବ ଶିଳାଦିତ୍ୟଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୭କୁ ଧାର୍ଯ୍ୟ ହୋଇଛି।

ଆବେଦନକାରୀ ଦର୍ଶାଇଛନ୍ତି ଯେ ଉପରୋକ୍ତ ନିୟମାବଳୀ ପ୍ରଣୟନ କରିବା କ୍ଷମତା ରାଜ୍ୟ ବାର୍ କାଉନସିଲର ନାହିଁ। ବେଆଇନ ଭାବେ ଏହି ନିୟମାବଳୀ କରାଯାଇଛି। ଏଥିସହ ନିୟମାବଳୀ ଆଧାରରେ ଓକିଲାତିନାମାରେ ୧୦୦ଟଙ୍କାର ଷ୍ଟାମ୍ପକୁ ବାଧ୍ୟତାମୂଳକ କରିବା ଆଇନସମ୍ମତ ନୁହେଁ। ଏହା ଯୁବ ଆଇନଜୀବୀମାନଙ୍କ ଉପରେ ଆର୍ଥିକ ବୋଝ ସଦୃଶ ଏବଂ ଜନସାଧାରଣଙ୍କ ପାଇଁ ଆଇନସେବା ମଧ୍ୟ ପ୍ରଭାବିତ ହେବା ଆଶଙ୍କା ରହିଥିବା ଆବେଦନରେ ଅଭିଯୋଗ କରାଯାଇଛି। ସେହିଭଳି ଏହି ନିୟମ ଅନୁପାଳନ ନ କରିବା କ୍ଷେତ୍ରରେ ଆଇନଜୀବୀ ଓ ବାର୍ ଆସୋସିଏସନଗୁଡ଼ିକ ପାଇଁ କରାଯାଇଥିବା ଦଣ୍ଡ ବ୍ୟବସ୍ଥା ବେଆଇନ ବୋଲି ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଜଗବନ୍ଧୁ ସାହୁ, ଦୁର୍ଗାପ୍ରସାଦ ନନ୍ଦ, ସମୀର କୁମାର ମିଶ୍ର ଓ ଦିପକ କୁମାର ମହାପାତ୍ର ପ୍ରମୁଖ ଯୁକ୍ତି ଉପସ୍ଥାପନ କରିଥିଲେ। ମାମଲା ପରିଚାଳନାରେ ଆଇନଜୀବୀ ରୋମିତ ପାଣିଗ୍ରାହୀ, ସ୍ୱରାଜ ଓ ଦୀପ୍ତାଂଶୁ ନନ୍ଦ ସହାୟତା କରୁଛନ୍ତି। ଏହି ମାମଲାରେ ରାଜ୍ୟ ବାର୍ କାଉନସିଲ ସମେତ ବିଭିନ୍ନ ବାର ଆସୋସିଏସନକୁ ପକ୍ଷଭୁକ୍ତ କରାଯାଇଛି।

**■ ଆଇନ ମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ**

# ପୁରୀ 'ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟ' ପରିଚାଳନା ଭାର ସରକାର ନିଅନ୍ତୁ

ଭୁବନେଶ୍ୱର, ୨୩।୯ (ସମିସ): ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା 'ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟ'ର ପରିଚାଳନା ଦାୟିତ୍ୱ ଓଡ଼ିଶା ସରକାର ନେବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିଠି ଲେଖିଛନ୍ତି। ମଙ୍ଗଳବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି ଯେ ଶ୍ରୀମନ୍ଦିର ପରିସରରେ ଥିବା ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟ ଏକ ପ୍ରାଚୀନ ଅନୁଷ୍ଠାନ। ସାଂସ୍କୃତିକ ଏବଂ ଐତିହାସିକ ଦୃଷ୍ଟିରୁ ଏହାର ଗୁରୁତ୍ୱ ରହିଛି। ତତ୍କାଳୀନ ଗଜପତି ମହାରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନରେ ସେବାୟତଙ୍କ ପିଲାଙ୍କୁ ସଂସ୍କୃତ ଶିକ୍ଷା, ବୈଦିକ ଶିକ୍ଷା ଏବଂ କର୍ମକାଣ୍ଡ ପ୍ରଶିକ୍ଷଣ ପ୍ରଦାନ କରୁଛି। ପୂଜା ପଣ୍ଡା ନିଯୋଗ ଦ୍ୱାରା ପରିଚାଳିତ ଏହି ସହାୟତାପ୍ରାପ୍ତ ବିଦ୍ୟାଳୟ ନାମରେ ଏକ ସ୍ଥାୟୀ ରେକର୍ଡ ଅଫ୍ ରାଇଟ୍ସ ମଧ୍ୟ ରହିଛି। ପାରମ୍ପରିକ ଜ୍ଞାନର ସଂରକ୍ଷଣ ସହ ପ୍ରଚାରପ୍ରସାର କରିବା, ଆଧ୍ୟାତ୍ମିକ କାର୍ଯ୍ୟ ପାଇଁ ଏକ ମାଧ୍ୟମ ଭାବରେ ସଂସ୍କୃତକୁ ପ୍ରୋତ୍ସାହିତ କରିବା ଏବଂ ଶ୍ରୀଜଗନ୍ନାଥ ମନ୍ଦିରର ସାଂସ୍କୃତିକ ଏବଂ ଧାର୍ମିକ ଐତିହ୍ୟକୁ ସୁରକ୍ଷା ଦେବା ବିଦ୍ୟାଳୟର ମୂଳ ଲକ୍ଷ୍ୟ। ଏଣୁ, ବିଦ୍ୟାଳୟର ସମ୍ପୂର୍ଣ୍ଣ ପରିଚାଳନା ଏବଂ ପ୍ରଶାସନିକ ଭାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗଅଧୀନକୁ ଆଣିବା ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି। ଏହାଦ୍ୱାରା ବିଦ୍ୟାଳୟର ବିକାଶ ସୁନିଶ୍ଚିତ ହେବା ସହ ଶ୍ରୀଜଗନ୍ନାଥ ସଂସ୍କୃତିର ଗୌରବମୟ ଐତିହ୍ୟକୁ ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷଣ ହୋଇପାରିବ ବୋଲି ସେ ଉଲ୍ଲେଖ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ଦୀର୍ଘମିଆଦି ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ସଂର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଟ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୮୬୧- ସ୍ୱାଧୀନତା ସଂଗ୍ରାମୀ ମାଡାମ୍ ଭିକାଜୀ କାମାଙ୍କ ଜନ୍ମ।
- ୧୯୪୮- ହୋଣ୍ଡା ମୋଟର କମ୍ପାନିର ସ୍ଥାପନା।
- ୧୯୬୮- ସ୍ୱାଜିଲ୍ୟାଣ୍ଡ ମିଳିତ ଜାତିସଂଘରେ ସାମିଲ ହେଲା।
- ୧୯୬୮- ପୂର୍ବ ସୋଭିଏତ୍ ସଂଘ ଭୂମିଗତ ପରମାଣୁ ପରୀକ୍ଷା କଲା।
- ୨୦୧୩- ପାକିସ୍ତାନର ବେଲୁଚିସ୍ତାନରେ ୭.୭ ତୀବ୍ରତାର ଭୂମିକମ୍ପ ଆସିବାରୁ ୫୧୫ ଲୋକଙ୍କ ପ୍ରାଣହାନି।



# ପ୍ରଭାସଙ୍କ 'ଫୌଜି'ରେ ଅଭିଷେକଙ୍କ ଏଣ୍ଟ୍ରି

ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ଆଗାମୀ ଫିଲ୍ମ 'ଫୌଜି'କୁ ନେଇ ଏବେ ଏକ ଖବର ଆସିଛି। ହନୁ ରାଘବପୁଡ଼ିଙ୍କ ନିର୍ଦ୍ଦେଶିତ ଆକ୍ସନ୍- ଡ୍ରାମା ଭିତ୍ତିକ ଏହି ଫିଲ୍ମଟି ଆହୁରି ଅଧିକ ଆକର୍ଷଣୀୟ ହେବାକୁ ଯାଉଛି। କାରଣ ଏଥିରେ ଏବେ ପ୍ରଭାସଙ୍କ ସହ ଅଭିଷେକ ବଚ୍ଚନ ନଜର ଆସିବେ। ଯଦି ସବୁକିଛି ଫାଇନାଲ ହୋଇଯାଏ ତେବେ ତେଲୁଗୁ ଇଣ୍ଡଷ୍ଟ୍ରିରେ ଅଭିଷେକଙ୍କ ଏହା ଡେବ୍ୟୁ ଫିଲ୍ମ ହେବ। ଅଗଷ୍ଟରେ ଏହାର ସୁଟିଂ ସେଟ୍‌ରୁ ଏକ ଫଟୋ ଲିକ୍ ହେବା ପରେ ଫିଲ୍ମକୁ ନେଇ ଦର୍ଶକଙ୍କ ଉତ୍ସାହ ବଢ଼ିଯାଇଥିଲା। ପ୍ରଭାସ ଏବେ ଫିଲ୍ମର ସୁଟିଂରେ ବ୍ୟସ୍ତ ଥିବାବେଳେ ଖୁବ୍ ଶୀଘ୍ର ତାଙ୍କ ସହ ଅଭିଷେକ ଯୋଗ ଦେବେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଏକ ରୋମାଣ୍ଟିକ୍ କାହାଣୀ ଉପରେ ଫିଲ୍ମଟି ନିର୍ମାଣ କରାଯାଉଛି। ଏଥିରେ ପ୍ରଭାସ ଜଣେ ସୈନିକ ଭାବେ ଦେଖାଯିବେ। ଫିଲ୍ମର ବଜେଟ୍ ୪୦୦ କୋଟି ରହିଛି। ପ୍ରଭାସଙ୍କ କାମ କଥା କହିବାକୁ ଗଲେ, ସେ ଶେଷ ଥର ପାଇଁ 'କଲ୍କୀ ୨୮୯୮ ଏଡି' ଫିଲ୍ମରେ ଦେଖାଯାଇଥିଲେ। ପ୍ରଭାସ ଆଗାମୀ ଦିନରେ 'ଦ ସ୍ପିରିଟ୍', 'ଦ ରାଜା ସାବ୍', 'କଲ୍କୀ ୨୮୯୮ ଏଡି ପାର୍ଟ ୨', 'ସାଲାର ପାର୍ଟ ୨' ଭଳି ଫିଲ୍ମରେ ନଜର ଆସିବେ।

# କ୍ୟୁଆର୍ କୋଡ୍ ଦେଖାଇ ମାଗୁଛନ୍ତି ଭିକ



ସାଧାରଣତଃ ରାସ୍ତାଘାଟ, ମନ୍ଦିର, ରେଳ ଷ୍ଟେସନରେ ଭିକାରିଙ୍କୁ ଭିକ ମାଗୁଥିବାର ଦେଖିବାକୁ ମିଳିଥାଏ। ହେଲେ ଏବେ ଲୋକେ ଅନଲାଇନ୍‌ରେ ଭିକ ମାଗୁଛନ୍ତି। ସାମାଜିକ ଗଣମାଧ୍ୟମରେ ଏବେ ଜଣେ ବ୍ୟକ୍ତି ସଭିଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ସେ ରାସ୍ତାରେ ନୁହେଁ, ବରଂ ୟୁଟ୍ୟୁବ୍‌ରେ ଲାଇଭ୍ ଆସି ଭିକ ମାଗନ୍ତି। ଏହି ବ୍ୟକ୍ତି ଜଣକ ହେଲେ ଗୌତମ ସୂର୍ଯ୍ୟା। ତାଙ୍କ ଚ୍ୟାନେଲର ନାଁ ହେଉଛି ଗୋବିନ୍ଦସୂର୍ଯ୍ୟା୩୭୦। ଆଶ୍ଚର୍ଯ୍ୟର କଥା ହେଉଛି, ତାଙ୍କର ୫ ଲକ୍ଷ ସବ୍‌ସ୍କ୍ରାଇବର ଅଛନ୍ତି। ସେ ଏହି ଚ୍ୟାନେଲରେ ୩.୮ ହଜାର ଭିଡିଓ ସେୟାର୍ କରିଛନ୍ତି। ଗୋବିନ୍ଦ ସୂର୍ଯ୍ୟା ନିୟମିତ ୩ରୁ ୪ ଘଣ୍ଟା ଲାଇଭ୍ ଆସି ମୁହଁ ଆଗରେ କ୍ୟୁଆର୍ କୋଡ୍ ଦ୍ୱାରା ଟଙ୍କା ମାଗନ୍ତି। ସେହିପରି ଯେତେବେଳେ ସେ ଲାଇଭ୍ ଆସନ୍ତି, ୧୦ ହଜାରରୁ ଅଧିକ ଲୋକ ତାଙ୍କ ସହ ଯୋଡ଼ି ହୋଇଯାଆନ୍ତି। ଲାଇଭ୍ ଦେଖିବା ସମୟରେ ଲୋକେ ତାଙ୍କୁ କ୍ୟୁଆର୍ କୋଡ୍ ମାଧ୍ୟମରେ ଏକ ଟଙ୍କାରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ କରିଥାନ୍ତି। ଅଧିକାଂଶ ଲୋକ ତାଙ୍କୁ ଟଙ୍କାଟିଏ ପଠାନ୍ତି। ସେହିପରି କୌଣସି ବ୍ୟକ୍ତି ପେମେଣ୍ଟ କଲେ ତାଙ୍କ ନାଁ ନେଇ ସେ ତାଙ୍କୁ ଧନ୍ୟବାଦ ଦିଅନ୍ତି। ତାଙ୍କର ଗୋଟିଏ ଭିଡିଓକୁ ୨.୭ କୋଟି ଲୋକେ ଦେଖିଛନ୍ତି। କେବଳ ସେତିକି ନୁହେଁ, ଗୋଟିଏ ଦିନରେ କିଭଳି ସୁପରଚ୍ୟାଟ୍‌ରୁ ୧୦ ହଜାର ଟଙ୍କା ରୋଜଗାର ହୋଇଯାଏ, ସେକଥା ବି ସେ ଭିଡିଓରେ ଦେଖାଇଛନ୍ତି। ଏହାବାଦ୍ ସେ ତାଙ୍କ ସଂଘର୍ଷ କାହାଣୀ ମଧ୍ୟ ସେୟାର୍ କରିଛନ୍ତି। ଦୁଇ, ତିନି ବର୍ଷ ପର୍ଯ୍ୟନ୍ତ ଯେତେବେଳେ ତାଙ୍କ ପାଖରେ କାମ ନ ଥିଲା, ତାଙ୍କୁ ବହୁତ କଷ୍ଟରେ ରହିବାକୁ ପଡ଼ୁଥିବା ବୋଲି ସେ କହିଛନ୍ତି। ସେ ଯୁବାବସ୍ଥାରେ ଥିବାବେଳେ ଘରେ ରୋଜଗାରଶୂନ୍ୟ ହୋଇ ବସିଥିଲେ। ତାଙ୍କ ବାପା ବିଳମ୍ବିତ ରାତ୍ରିରେ କାମ କରି ଘରକୁ ଫେରୁଥିବାର ଦେଖି ସେ ଏଭଳି ନିଷ୍ପତ୍ତି ନେଇଥିବା ଗୌତମ ସୂର୍ଯ୍ୟା କହିଛନ୍ତି। ଅନେକ ଭିଡିଓରେ ସେ ଲୋକଙ୍କୁ ସାହାଯ୍ୟ କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ଏହିପ୍ରକାରରେ ଏହି ଅନ୍‌ଲାଇନ୍ ଭିକାରି ଜଣକ ନିଜ ଅନ୍‌ଲାଇନ୍ ଉପସ୍ଥିତିରେ କେବଳ ଲକ୍ଷାଧିକ ଫଲୋଅର୍ସଙ୍କୁ ଯୋଡ଼ି ନାହାନ୍ତି, ବରଂ ମାସକୁ ଭଲ ରୋଜଗାର ମଧ୍ୟ କରୁଛନ୍ତି। ଅନ୍ୟପଟେ ଏହା ଉପରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଉଛନ୍ତି।

# ରିଲ୍ସ ବିୟୁଟି ଟ୍ରିକ୍‌ରେ ବିଗୁଡ଼ୁଛି ଜେନ୍ ଜେଡ୍‌ଙ୍କ ସ୍ୱାସ୍ଥ୍ୟ

ସାମାଜିକ ଗଣମାଧ୍ୟମରେ ଏବେ ଭଳିକି ଭଳି ସୌନ୍ଦର୍ଯ୍ୟ ଉପଚାରଗୁଡ଼ିକ ବେଶ୍ ଭାଇରାଲ ହେଉଛି। ବିଶେଷକରି ଯୁବପିଢ଼ି ଏହାକୁ ଅଧିକ ଅନୁସରଣ କରୁଥିବାର ଦେଖାଯାଉଛି। ହେଲେ ଏହାକୁ ଅନୁସରଣ କରି ଅନେକ ଯୁବକଯୁବତୀ ସେମାନଙ୍କ ତ୍ୱଚାକୁ ଖରାପ କରୁଛନ୍ତି। ଲୋକପ୍ରିୟ ଚର୍ମ ବିଶେଷଜ୍ଞ ସ୍ୱାତି ସ୍କଟନିକି ଚେତାବନୀ ଦେଇଛନ୍ତି ଯେ, ଟିକ୍‌ଟକ୍‌ରେ ପ୍ରସାରିତ ଏହି ଟ୍ରେଣ୍ଡ ସ୍ୱାସ୍ଥ୍ୟ ଲାଗି କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ବିଶେଷକରି ଜେନ୍ ଜେଡ୍‌ଙ୍କୁ 'ଇନଫ୍ଲୁଏନସର ଇମ୍ପ୍ଲାମେସନ' ନାମକ ତ୍ୱଚା ସମସ୍ୟାକୁ ସାମ୍ନା କରିବାକୁ ପଡ଼ିପାରେ। ଡା. ସ୍କଟନିକିଙ୍କ ଅନୁସାରେ, ଅନେକ ଯୁବକ ଯୁବତୀ କିଛି ନ ବୁଝି ଟିକ୍‌ଟକ୍‌ରେ ଦେଖାଯାଉଥିବା ଜିନିଷକୁ ଲଗାଉଥାନ୍ତି। ଏସବୁ ଜିନିଷରେ ମୁଖ୍ୟତଃ ଗ୍ଲାଇକୋଲିକ୍ ଏସିଡ୍, ଭିଟାମିନ୍ ସି, ନିଆସିନାମାଇଡ୍ ଏବଂ ରେଟିନୋଲ ଭଳି ତତ୍ତ୍ୱ ଥାଏ। ଏହାକୁ ଯେତେବେଳେ ଏକକାଳୀନ ଅଧିକ ମାତ୍ରାରେ ବ୍ୟବହାର କରାଯାଏ ତ୍ୱଚାରେ ପୋଡ଼ାଜଳା, ଲାଲ୍ ଦେଖାଯିବା ଏବଂ ତ୍ୱଚା ଫୁଲିଯିବା ଭଳି ସମସ୍ୟା ଦେଖା ଦିଏ। ତେବେ ଏକ ରିପୋର୍ଟ ଅନୁସାରେ, ସବୁଠୁ ଅଧିକ ମାମଲା ୧୮ ରୁ ୩୦ ବର୍ଷ ବୟସ ଯୁବତୀଙ୍କଠାରେ ଦେଖିବାକୁ ମିଳୁଛି। ସେହିପରି ଯୁବକମାନେ ବି ଏଭଳି ସୌନ୍ଦର୍ଯ୍ୟ ଉପଚାରକୁ ଅନୁସରଣ କରି ସେହି ସମାନ ସମସ୍ୟାକୁ ସାମ୍ନା କରୁଛନ୍ତି। ମଜାଦାର କଥା ହେଉଛି ଅଧିକାଂଶ ଲୋକ ଭାବୁଛନ୍ତି, ସେମାନଙ୍କ ତ୍ୱଚା ଅଧିକ ସମ୍ବେଦନଶୀଳ ହୋଇଯାଇଛି। ହେଲେ ଏହାର ଅସଲ କାରଣ ହେଉଛି ଆବଶ୍ୟକତାଠୁ ଅଧିକ ଜିନିଷ ବ୍ୟବହାର କରିବା। ତେବେ ଡାକ୍ତରଙ୍କ କହିବା କଥା, ନୂଆ ଜିନିଷକୁ ତ୍ୱଚାରେ ବ୍ୟବହାର କରିବା ପୂର୍ବରୁ ଚର୍ମ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରି। ସୋସିଆଲ ମିଡିଆରେ ତ୍ୱଚାରେ ଚମକ ଆଣିବା ପାଇଁ ଉଦ୍ଦିଷ୍ଟ ଭିଡିଓଗୁଡ଼ିକ ଏହାକୁ ଅଧିକ କ୍ଷତି ପହଞ୍ଚାଇପାରେ। ତେଣୁ କୌଣସି ଭାଇରାଲ ସୌନ୍ଦର୍ଯ୍ୟ ଉପଚାରକୁ ତୁରନ୍ତ ଅନୁସରଣ କରିବା ଅନୁଚିତ। ନିଜ ତ୍ୱଚା ଅନୁସାରେ ପ୍ରସାଧନ ସାମଗ୍ରୀ ବ୍ୟବହାର କରିବା ଦରକାର। ସବୁଠୁ ବଡ଼ କଥା ହେଉଛି ପ୍ୟାଚ୍ ଟେଷ୍ଟ କରିବା ଦରକାର। ତ୍ୱଚା ସହ ଜଡ଼ିତ ପ୍ରତ୍ୟେକ ସମସ୍ୟା ଲାଗି ଇନଫ୍ଲୁଏନସରଙ୍କ ପରାମର୍ଶ ନ ନେଇ ଡାକ୍ତରଙ୍କ ପରାମର୍ଶ ନେବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି।



# ସମ୍ଭାବନା



## ଟ୍ରେଣ୍ଡରେ ଡ୍ରିମ୍ ଜର୍ଣ୍ଣଲିଂ

**ଆଜିର ବ୍ୟସ୍ତତାପୂର୍ଣ୍ଣ ଜୀବନଶୈଳୀରେ ଅବସାଦ, ଚିନ୍ତା, ଉଦ୍‌ବେଗ, ନିଦ୍ରାହୀନତା ଆଦି ସମସ୍ୟା ସାଧାରଣ ହୋଇପଡ଼ିଛି। ଏଥିରୁ ମୁକ୍ତି ପାଇବା ଲାଗି ଲୋକେ ବିଭିନ୍ନ ଜିନିଷର ସାହାରା ନେଉଛନ୍ତି। ଏହାରି ଭିତରେ ଯୁବପିଢ଼ିଙ୍କଠାରେ ଏକ ନୂଆ ଟ୍ରେଣ୍ଡ ଲୋକପ୍ରିୟ ହେବାରେ ଲାଗିଛି। ଏହା ହେଉଛି 'ଡ୍ରିମ୍ ଜର୍ଣ୍ଣଲିଂ।' ଅନେକ ଯୁବପିଢ଼ି ମାନସିକ ସ୍ୱାସ୍ଥ୍ୟକୁ ପ୍ରାଧାନ୍ୟ ଦେବାକୁ ଯାଇ 'ଡ୍ରିମ୍ ଜର୍ଣ୍ଣଲିଂ' କରୁଛନ୍ତି। ଏଥିରୁ ସେମାନଙ୍କୁ ଅନେକ ଲାଭ ମିଳୁଥିବା କୁହାଯାଉଛି।**



**ଏହା କ'ଣ:** ଡ୍ରିମ୍ ଜର୍ଣ୍ଣଲିଂର ଅର୍ଥ ହେଉଛି ସ୍ୱପ୍ନକୁ ଲେଖିବା। ସକାଳୁ ଉଠିବା ମାତ୍ରେ ରାତିରେ ଦେଖିଥିବା ସ୍ୱପ୍ନକୁ ନୋଟ୍‌ବୁକ୍ କିମ୍ବା ଡାଏରୀରେ ଲେଖିବା ଅଭ୍ୟାସକୁ 'ଡ୍ରିମ୍ ଜର୍ଣ୍ଣଲିଂ' କୁହାଯାଉଛି। ଅବଶ୍ୟ ଏହା ଜରୁରି ନୁହେଁ ଦେଖିଥିବା ସବୁ ସ୍ୱପ୍ନକୁ ଉଲ୍ଲେଖ କରାଯିବ। ନିଦରୁ ଉଠିବା ପରେ ଯେଉଁ ସ୍ୱପ୍ନ ମନେ ଥାଏ, ତାହାକୁ ଲେଖିପାରିବେ ନଚେତ୍ ତା'ର ଚିତ୍ର ବି ଆଙ୍କିପାରିବେ। ଏହା ହେଉଛି ଏକ ପ୍ରକାର ଆତ୍ମ ସଚେତନତା ଅଭ୍ୟାସ।

**କାହିଁକି ଜରୁରି:** ଅନେକ ସମୟରେ ଲୋକମାନେ ନିଜ ସ୍ୱପ୍ନକୁ ଅଣଦେଖା କରନ୍ତି। ହେଲେ ଅନେକ ଗବେଷଣାରେ ଏକଥା ଦାବି କରାଯାଇଛି ଯେ, ସ୍ୱପ୍ନରେ ଭୟ, ଚିନ୍ତା, ଇଚ୍ଛା, ଏପରିକି ଅନେକ ଅଧୁରା ଇଚ୍ଛା ମଧ୍ୟ ଲୁଚି ରହିଥାଏ। ତେଣୁ ବେଳେବେଳେ ସ୍ୱପ୍ନକୁ ଲେଖିବା ଦ୍ୱାରା ଏକଥା ବୁଝାପଡ଼େ ଯେ, ଆମକୁ ଜୀବନରେ କ'ଣ କରିବାର ଅଛି। ଏଥିରେ ଲୋକଙ୍କୁ ନିଜ ମନର ଗଭୀରତାକୁ ବୁଝିବାରେ ସାହାଯ୍ୟ ମିଳେ। ସେହିପରି ବାରମ୍ବାର ଭୟାନକ ସ୍ୱପ୍ନ ମଧ୍ୟ ଅନେକ ଜଣ ଦେଖନ୍ତି। ଡ୍ରିମ୍ ଜର୍ଣ୍ଣଲିଂ ଦ୍ୱାରା ଏଭଳି ସ୍ୱପ୍ନରୁ ମୁକ୍ତି ମିଳିଥାଏ।

**ବଢ଼ୁଛି ଟ୍ରେଣ୍ଡ:** ଏବେ ଅନେକ ଯୁବପିଢ଼ି ବିଶ୍ୱାସ କରୁଛନ୍ତି ଯେ, ଡ୍ରିମ୍ ଜର୍ଣ୍ଣଲିଂ ଦ୍ୱାରା ମନ ହାଲୁକା ହୁଏ। ଅନେକ ଗବେଷଣାରେ ଏକଥା ବି କୁହାଯାଇଛି, ଡ୍ରିମ୍ ଜର୍ଣ୍ଣଲିଂ ଦ୍ୱାରା ସୃଜନଶୀଳତା ବୃଦ୍ଧି ପାଏ। ଆଜିକାଲି ସାମାଜିକ ଗଣମାଧ୍ୟମରେ ଯୁବପିଢ଼ି ଡ୍ରିମ୍ ଜର୍ଣ୍ଣଲିଂର ଫଟୋ ସେୟାର କରୁଛନ୍ତି। ସେହିପରି ଅନେକେ ନିଜ ଏଥିପାଇଁ ବ୍ୟବହାର କରୁଥିବା ଡାଏରୀକୁ ସୁନ୍ଦର ଭାବେ ସଜାଉଛନ୍ତି। ଯଦ୍ୱାରା ଏହା କେବଳ ଦେଖିବାକୁ ଆକର୍ଷଣୀୟ ଲାଗୁ ନାହିଁ, ବରଂ ପଢ଼ିବାକୁ ବି ଭଲ ଲାଗୁଛି।

**ମାନସିକ ଶାନ୍ତି ମିଳୁଛି:** ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନରେ ମାନସିକ ଶାନ୍ତି ଚାହୁଁଥିଲେ, ଡ୍ରିମ୍ ଜର୍ଣ୍ଣଲିଂ ଟେକ୍ନିକ୍‌କୁ ଆପଣାଇବା ଏକ ସୁନ୍ଦର ବିକଳ୍ପ ହେବ। ସେହିପରି ଏହା ଅନେକ ଲୋକଙ୍କର ଏଭଳି ଅଭ୍ୟାସରେ ପରିଣତ ହେଲାଣି ଯେ, ଲୋକେ ସକାଳୁ ଉଠି ଦେଖିଥିବା ସ୍ୱପ୍ନକୁ ପ୍ରଥମେ ଡାଏରୀରେ ବସି ଲେଖୁଛନ୍ତି।

## କିଭଳି କରିବେ ପ୍ରୋଜେକ୍ଟ ପ୍ରସ୍ତୁତି

**ପରୀକ୍ଷା, ଆସାଇନ୍‌ମେଣ୍ଟ, ପ୍ରୋଜେକ୍ଟ ବିଭିନ୍ନ ସମୟରେ ଲୋକଙ୍କୁ ଚିନ୍ତାରେ ପକାଏ। ଏହି ଚିନ୍ତାରେ ବିଚଳିତ ହୋଇ ଏସବୁ କାମ ଠିକ୍‌ରେ କରିବା ସମ୍ଭବ ହୋଇ ନ ଥାଏ। ତେବେ ପ୍ରୋଜେକ୍ଟ ପ୍ରସ୍ତୁତି କିଭଳି କରିବେ, ସେ ସମ୍ପର୍କରେ ଜାଣିବା।**

- ଗୋଟିଏ ସ୍ଥାନରେ ସମସ୍ତ ପ୍ରୋଜେକ୍ଟ, ଆସାଇନମେଣ୍ଟ ଆଦି ବାବଦରେ ଉଲ୍ଲେଖ କରନ୍ତୁ। ଏହାଦ୍ୱାରା ଏସବୁ କାମର ପ୍ରାଥମିକତା ନିର୍ଦ୍ଧାରଣ କରିବା ସହଜ ହେବ।
- ସେହିପରି କୌଣସି ବଡ଼ ପ୍ରୋଜେକ୍ଟ ଥିଲେ ଏହାକୁ ଛୋଟ ଛୋଟ ଭାଗରେ ବିଭକ୍ତ କରନ୍ତୁ। ଏହି କାମକୁ ପ୍ରତିଦିନ ଅଳ୍ପ ଅଳ୍ପ କରନ୍ତୁ।
- ଲଗାତାର ପଢ଼ିବା ଦ୍ୱାରା ମସ୍ତିଷ୍କ ଥକ୍କି ପଡ଼େ। ତେଣୁ ପ୍ରତି ଘଣ୍ଟାଏ ତଥା ୧୦-୧୫ ମିନିଟ୍‌ରେ ବ୍ରେକ୍ ନିଅନ୍ତୁ।
- କାମ ମଝିରେ ମସ୍ତିଷ୍କକୁ ବିଶ୍ରାମ ଜରୁରି। ୭-୮ ଘଣ୍ଟା ଶୋଇବା ଦ୍ୱାରା ମସ୍ତିଷ୍କ ସକ୍ରିୟ ରହେ।
- ପାଠପଢ଼ା ସହିତ ଖାଦ୍ୟପେୟ ଏବଂ ବ୍ୟାୟାମ କରିବା ଜରୁରି। ଏହାଦ୍ୱାରା ଶରୀର ଓ ମସ୍ତିଷ୍କ ସୁସ୍ଥ ରହେ।
- କୌଣସି ବିଷୟରେ ଦ୍ୱନ୍ଦ୍ୱ ଉପୁଜିଲେ ସହକର୍ମୀ ତଥା ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ନିଅନ୍ତୁ।



## ସ୍ଥାନ ପରିବର୍ତ୍ତନରୁ ପଢ଼ାରେ ଆସେ ଉତ୍ସାହ

ସାଧାରଣତଃ ପିଲାଙ୍କୁ ବୁଝାଯାଏ, ପାଠ ପଢ଼ୁଥିବା ପିଲା ଯେଉଁ ସ୍ଥାନକୁ ଗଲେ ବି ପଢ଼ିପାରନ୍ତି। ହେଲେ ସ୍ଥାନ ପରିବର୍ତ୍ତନ କଲେ କ'ଣ ପଢ଼ାରେ ମନ ଲାଗେ। ଏଭଳି ପ୍ରଶ୍ନ ବେଳେ ବେଳେ ମନକୁ ଆସେ। ତେବେ ଏକ ନୂଆ ସ୍ଥାନରେ ବସିଲେ, ମସ୍ତିଷ୍କ ସେହି ପରିବେଶକୁ ନେଇ ତାଜା ଅନୁଭବ କରେ। ସେହିପରି ଗୋଟିଏ ସ୍ଥାନରେ ସବୁଦିନ ପଢ଼ିବା ଦ୍ୱାରା ମସ୍ତିଷ୍କ ସେହି ସ୍ଥାନ ସହିତ ସହଜରେ ଜଡ଼ିତ ହୋଇଯାଏ। ଯାହାକି ନୂଆ ସ୍ଥାନକୁ ଗଲେ ଏହି ଯୋଡ଼ି ରହିବା ଅଭ୍ୟାସଟା ଭାଙ୍ଗିଥାଏ। ପୁରୁଣା ସ୍ଥାନରେ ଟିଭି, ମୋବାଇଲ ଭଳି କିଛି ଅନ୍ୟ ଜିନିଷ ଥାଏ, ଯାହା ଧ୍ୟାନକୁ ବିଚ୍ୟୁତ କରେ। ହେଲେ ନୂଆ ସ୍ଥାନରେ ଏହା ଦୂର ହେବାର ଆଶଙ୍କା ଅଛି। ଗୋଟିଏ ସ୍ଥାନରେ ବେଶି ସମୟ ବସି ରହିଲେ, ମସ୍ତିଷ୍କ ସକ୍ରିୟ ରହେ ନାହିଁ। ତେଣୁ ସ୍ଥାନ ପରିବର୍ତ୍ତନ ଦ୍ୱାରା ମସ୍ତିଷ୍କର ସକ୍ରିୟତା ବୃଦ୍ଧି ପାଏ। ଏହା ସହ




ମଣିଷ ବି ସକ୍ରିୟ ହୁଏ। ଅନେକ ଗବେଷଣାରେ ଦେଖାଯାଇଛି, ଅଲଗା ଅଲଗା ସ୍ଥାନରେ ପଢ଼ିଲେ ମସ୍ତିଷ୍କ ଭିନ୍ନ ଭିନ୍ନ ସ୍ମୃତି ସହିତ ଜଡ଼ିତ ହୁଏ। ଏହାଦ୍ୱାରା କୌଣସି ତଥ୍ୟକୁ ମନେ ରଖିବା ସହଜ ହୋଇଯାଏ। ତେବେ ନୂଆ ସ୍ଥାନକୁ ଗଲେ ମସ୍ତିଷ୍କ ନୂଆ ନୂଆ କଥା ଚିନ୍ତା କରିବାକୁ ବେଶି ସକ୍ଷମ ହୁଏ। ଗୋଟିଏ ସ୍ଥାନରେ ବସିଲେ ଆଳସ୍ୟ ଦେଖା ଦେଉଥିବାବେଳେ ସ୍ଥାନ ପରିବର୍ତ୍ତନରେ ଏହା ହୁଏ ନାହିଁ। ସେହିପରି ଏହା ରୁଟିନ୍‌କୁ ବି ମଜାଦାର କରିଥାଏ। ନୂଆ ସ୍ଥାନରେ ବସି ପଢ଼ିଲେ ନୂଆ ଉତ୍ସାହ ଯୋଗୁ ପାଠ ପଢ଼ିବାରେ ମନ ଲାଗିଥାଏ।

## ୟୁଟ୍ୟୁବ୍‌ର ନୂଆ ଫିଚର୍

**ୟୁଟ୍ୟୁବ୍ କ୍ରିଏଟରଙ୍କ ପାଇଁ ଏକ ନୂଆ ଫିଚର୍ ଲଞ୍ଚ୍ କରିଛି। ଏହା ଦ୍ୱାରା କ୍ରିଏଟରମାନେ ସେମାନଙ୍କ ଭିଡିଓକୁ ଅନେକ ଭାଷାରେ ଡବିଂ କରିପାରିବେ। ଫଳରେ ଏଣିକି କଣ୍ଟେଣ୍ଟ କେବଳ ଗୋଟିଏ ଦେଶରେ ସୀମିତ ରହିବ ନାହିଁ, ବରଂ ବିଶ୍ୱ ତମାମ ଲୋକଙ୍କ ପାଖରେ ଏହା ପହଞ୍ଚିପାରିବ। ସେହିପରି ଏହି ଫିଚର ଦ୍ୱାରା ୟୁଟ୍ୟୁବର ୱାଚ୍ ଟାଇମ୍ ଏବଂ ଭିୟୁ ମଧ୍ୟ ଶୀଘ୍ର ବୃଦ୍ଧି ପାଇବ।**

ୟୁଟ୍ୟୁବ୍ ମଲଟିଂ ଲାଙ୍ଗୁଏଜ୍ ଅଡିଓ ଫିଚର୍ ସବୁ ବ୍ୟବହାରକାରୀଙ୍କ ପାଇଁ ଲଞ୍ଚ୍ କରିଛି। ଏହି ଫିଚର୍ କ୍ରିଏଟରଙ୍କୁ ଗୋଟିଏ ଭିଡିଓକୁ ଅନେକ ଭାଷାରେ ଡବିଂ କରିବାର ସୁବିଧା ପ୍ରଦାନ କରିବ। ତେବେ ୟୁଟ୍ୟୁବ୍ ଏହି ଫିଚର୍‌ର ଆରମ୍ଭ ୨୦୨୩ ମସିହାରେ କରିଥିଲା। ଏଥିରେ କେବଳ କିଛି ବଛା ବଛା କ୍ରିଏଟରଙ୍କୁ ଅଲଗା ଅଲଗା ଭାଷାରେ ଅଡିଓ ଟ୍ରାକ୍ ଅପଲୋଡ୍ କରିବାର ସୁବିଧା ମିଳିଥିଲା। ହେଲେ ଏବେ ଏହାକୁ ସମସ୍ତଙ୍କ ପାଇଁ ଲଞ୍ଚ୍ କରାଯାଇଛି। ଏହି ଟୁଲ୍ ଗୁଗଲର ଜେମିନି ଟେକ୍ନୋଲୋଜି ଉପରେ ଆଧାରିତ। ସେହିପରି ଯେଉଁ କ୍ରିଏଟରମାନେ ଏହି ଫିଚର୍‌କୁ ବ୍ୟବହାର କରିଛନ୍ତି, ସେମାନଙ୍କ ଭିଡିଓକୁ ୨୫ ପ୍ରତିଶତ ଅଧିକ ୱାଚ୍ ଟାଇମ୍ ନନ୍-ପ୍ରାଇମେରି ଭାଷାରୁ ଆସିଛି। ଏହାବାଦ୍ କ୍ରିଏଟରଙ୍କ ବିକାଶକୁ ବିଶ୍ୱ ସ୍ତରରେ ପହଞ୍ଚାଇବାରେ ସାହାଯ୍ୟ କରିବ।



● ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍

# ଆଜି ଭାରତୀୟ ଦଳ ଚୟନ, ପନ୍ତ ଆଉଟ୍

ମୁମ୍ବାଇ, ୨୩।୯ (ଏଜେନ୍ସି): ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳ ଚୟନ ହେବାର କୌଣସି ତାରିଖ ବିସିସିଆଇ ପକ୍ଷରୁ ଘୋଷଣା କରାଯାଇନାହିଁ। ନିକଟରେ ଦିଲ୍ଲୀରେ ବିସିସିଆଇ କର୍ମକର୍ତ୍ତାଙ୍କ ବୈଠକରେ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳ ୨୩ କିମ୍ବା ୨୪ରେ ଚୟନ କରାଯାଇପାରେ ବୋଲି ସମ୍ବାଦକ ଦେବଜିତ ସାଇକିଆ ସୂଚନା ଦେଇଥିଲେ। ଏହି ସୂଚନାକୁ ସତ୍ୟ ବୋଲି ମାନିଲେ ଭାରତୀୟ ଦଳ ଆସନ୍ତାକାଲି ଅନୁଷ୍ଠିତ ହେବା କଥା। କିନ୍ତୁ ଏ ସମ୍ପର୍କରେ କିଛି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ୱେଷ୍ଟଇଣ୍ଡିଜ୍ ସିରିଜ୍ ଲାଗି ଏଥର ୧୫ ଜଣିଆ ଭାରତୀୟ ଦଳ ଚୟନ କରାଯିବ। ଏହା ମଧ୍ୟରେ ଭାରତୀୟ ଦଳର ୱିକେଟରକ୍ଷକ ଋଷଭ ପନ୍ତ ଏହି ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ଏବେ ସେ ବେଙ୍ଗାଲୁରୁସ୍ଥିତ ନ୍ୟାସନାଲ କ୍ରିକେଟ ଏକାଡେମୀରେ ଫିଟ୍‌ନେସ ଲାଗି ଚିକିତ୍ସିତ ହେଉଛନ୍ତି। କିନ୍ତୁ ଯଶପ୍ରୀତ୍ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯିବ କି ନାହିଁ, କରୁନ ନାୟର ସ୍ଥାନ ବଜାୟ ରଖିବେ କି ନାହିଁ ତାହା ଦେଖିବାକୁ ବାକି ରହିଛି। ପନ୍ତଙ୍କ ସ୍ଥାନରେ ଧ୍ରୁବ ଜୁରେଲ ଓ ଏନ ଜଗଦୀଶନଙ୍କୁ ୧୫ ଜଣିଆ ଦଳରେ ସ୍ଥାନ ମିଳିବ ବୋଲି ଆଶା କରାଯାଉଛି।

## ସୁତାରଙ୍କୁ ୫ୱିକେଟ୍: ଅଷ୍ଟ୍ରେଲିଆ-ଏ ୩୫୦/ ୯



ଲକ୍ଷ୍ନୌ, ୨୩।୯ (ଏଜେନ୍ସି): ଅଫସ୍ପିନର ମାନବ ସୁତାର ୫ ୱିକେଟ ଅକ୍ତିଆର କରିବା ଫଳରେ ଏଠାରେ ମଙ୍ଗଳବାର ଆରମ୍ଭ ହୋଇଥିବା ଭାରତ-ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନରେ ଅଷ୍ଟ୍ରେଲିଆ-ଏ' ପ୍ରଥମ ଇନିଂସରେ ୯ ୱିକେଟ ହରାଇ ୩୫୦ ରନ୍ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ନଂ-୧୦ ଟଡ୍ ମର୍ଫି ୨୯ ଓ ନଂ-୧୦ ହେନରୀ ଥର୍ଟନ ୧୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟାକ୍ ଏଡ୍‌ୱାର୍ଡସ ସର୍ବାଧିକ ୮୮, ଅଧିନାୟକ ନାଥାନ ମ୍ୟାକ୍‌ସ୍ୱିନୀ ୭୪ ରନ୍ କରିଛନ୍ତି। ଡ୍ର ରହିଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟରେ ଶତକ ହାସଲ କରିଥିବା ଓପନର ସାମ କୋନ୍‌ଷ୍ଟାସ୍ ୪୯, ୱିକେଟରକ୍ଷକ ଜୋଶ ଫିଲିପ୍ ୩୯ ରନ୍‌ର ଉପଯୋଗୀ ସହାୟତା କରିଥିଲେ। ଭାରତ-ଏ' ପକ୍ଷରୁ ମାନବ ସୁତାରଙ୍କ ୫ ୱିକେଟ ବ୍ୟତୀତ ଗୁରନୁର ବ୍ରାର ୨ଟି, ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ୧୩ ଓଭରରେ ସିରାଜ ୭୩ ରନ୍ ଦେଇ ସର୍ବାଧିକ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ମ୍ୟାଚ୍ ପୂର୍ବରୁ ଦଳର ଅଧିନାୟକ ଶ୍ରେୟସ ଆୟର ବ୍ୟକ୍ତିଗତ କାରଣରୁ ଏହି ମ୍ୟାଚ୍‌ରୁ ଓହରିଯାଇଥିଲେ। ପ୍ରଥମ ଟେଷ୍ଟରେ ସେ ୧୩ ବଲ୍‌ରୁ ୮ ରନ୍ କରିଥିଲେ। ତାଙ୍କ ସ୍ଥାନରେ ୱିକେଟରକ୍ଷକ ଧ୍ରୁବ ଜୁରେଲ ଦଳର ନେତୃତ୍ୱ ନେଇଛନ୍ତି।

ଏସିଆ କପ୍ ସୁପର-୪

# ଭାରତ-ବାଂଲାଦେଶ ମୁକାବିଲା ଆଜି




ଦୁବାଇ,୨୩।୯ (ଏଜେନ୍ସି)

ଏସିଆ କପ୍‌ରେ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଗୋଟିଏ ସପ୍ତାହରେ ଦୁଇଥର ପରାସ୍ତ କରିବା ପରେ ପେସାଦାର ମନୋଭାବ ନେଇ ଖେଳୁଥିବା ଭାରତ ଏବେ ଅପ୍ରତିଦ୍ୱନ୍ଦ୍ୱୀ। ପାକିସ୍ତାନକୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ବୋଲି କହିବାକୁ ନାପସନ୍ଦ କରିଛନ୍ତି ଭାରତର ଅଧିନାୟକ ସୂର୍ଯ୍ୟକୁମାର ଯାଦବ। ପ୍ରକୃତରେ ରେକର୍ଡ ଦେଖିଲେ ଟି-୨୦ ଫର୍ମାଟରେ ଏବେ ଭାରତର କିଏ ପ୍ରତିଦ୍ୱନ୍ଦ୍ୱୀ ତାହା ଖୋଜିବାକୁ ହେବ। ରେକର୍ଡ ମଧ୍ୟ ଭାରତ ଅପ୍ରତିଦ୍ୱନ୍ଦ୍ୱୀ ବୋଲି କହୁଛି। ୨୦୨୪ ପରଠାରୁ ଏହି ଫର୍ମାଟରେ ଭାରତ ୩୨ଟି ମ୍ୟାଚରେ ଜିତିଥିଲାବେଳେ ମାତ୍ର ୩ଟି ମ୍ୟାଚ୍‌ରେ ପରାଜିତ ହୋଇଛି। ଏଣୁ ଭାରତ ଯେ ଏକ ଅପ୍ରତିଦ୍ୱନ୍ଦ୍ୱୀ ଦଳ ତାହା କିଏ ମାନୁ ନ ମାନୁ ରେକର୍ଡ ଏହାକୁ ସ୍ୱୀକାର କରୁଛି। ପାକିସ୍ତାନ ବିପକ୍ଷ ସୁପର-୪ ମ୍ୟାଚ୍‌ରେ ଭାରତ ତାହାର ଦକ୍ଷତା ପ୍ରଦର୍ଶନ କରି ପାରି ନ ଥିଲା। ତଥାପି ଏହି ମ୍ୟାଚ୍‌କୁ ୭ଟି ବଲ ବାକିଥାଇ ଜିତିନେଇଥିଲା। ଏଣୁ ଆସନ୍ତାକାଲି ବାଂଲାଦେଶ ବିପକ୍ଷ ମୁକାବିଲାରେ ଭାରତକୁ ଫେବରାଇଟ୍ ବିବେଚନା କରାଯାଉଛି। ନିକଟରେ ପ୍ରଥମ ସୁପର-୪ ମ୍ୟାଚ୍‌ରେ ଶକ୍ତିଶାଳୀ ଶ୍ରୀଲଙ୍କାକୁ ପରାସ୍ତ କରିବା ପରେ ବାଂଲା ଦଳର ମନୋବଳ ଢେର ବଢ଼ିଛି। ଏହି ବିଜୟ ପରେ ଦଳର କୋଚ୍ ଫିଲ୍ ସିମନ୍ସ କହନ୍ତି ଭାରତକୁ ଯେ କୌଣସି ଦଳ ହରାଇପାରିବ। ଏହା ଅର୍ଥ ବାଂଲାଦେଶ ଏହି ମୁକାବିଲାରେ ଭାରତକୁ ହରାଇପାରିବ। ଅବଶ୍ୟ ଭାରତ ନିକଟରେ ଏବେ ପ୍ରଚୁର ପରିମାଣରେ ପ୍ରତିଭା ରହିଛନ୍ତି। ଜଣଙ୍କ ପରେ ଜଣେ ମ୍ୟାଚ୍ ବିଜୟୀ ବିବେଚିତ ହେଉଛନ୍ତି। ଏଣୁ ଭାରତ କାହାକୁ ପ୍ରତିଦ୍ୱନ୍ଦ୍ୱୀ ଭାବେ ବିବେଚନା କରୁନାହିଁ। ଦଳ ନିକଟରେ ଯେଉଁଭଳି ଶକ୍ତି ରହିଛି, ତାହା ବିଶ୍ୱର ଯେକୌଣସି ବୋଲିଂକୁ ଧ୍ୱଂସ କିମ୍ବା ବ୍ୟାଟିଂକୁ ଧରାଶାୟୀ କରିପାରିବ।

### ● ଟସ୍, ମିଡିଲ ଅର୍ଡର, ମୁସ୍ତାଫିଜୁର ଗୁରୁତ୍ୱପୂର୍ଣ୍ଣ

ଭାରତ ନିଜକୁ ଯେତେ ଶକ୍ତିଶାଳୀ ମନେ କଲେ ମଧ୍ୟ ଟସ୍ ଏଠାରେ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଏଠାରେ ରନ୍ ଚେଜ୍ ସହଜ ହେଉଛି। ଯାହା ଫଳରେ ଶ୍ରୀଲଙ୍କା ବିପକ୍ଷରେ ବାଂଲାଦେଶ ୧୬୯ ରନ୍‌ର ଟାର୍ଗେଟକୁ ଚେଜ୍ କରି ବିଜୟୀ ହୋଇଥିଲା। ଏଣୁ ଟସ୍ ଜିତିବା ଦଳ ଏଠାରେ ନିଶ୍ଚିତ ପ୍ରଥମେ ବୋଲିଂ କରିବାକୁ ଉଚିତ ମନେ କରିବ। ସେହିପରି ମିଡଲ ଓଭରରେ ଦୁବାଇ ପିଚ୍ ମନ୍ଥର ହୋଇଯାଉଛି। ଭାରତ ବିପକ୍ଷରେ ପାକିସ୍ତାନ ଏହି ସମୟରେ ୬ ଓଭର ବୋଲିଂ କରି ମାତ୍ର ୩୦ ରନ୍ ବିନିମୟରେ ୩ଟି ୱିକେଟ ନେଇଥିଲେ। ମିଡିଲ ଓଭରରେ ବାଂଲାଦେଶର ମୁସ୍ତାଫିଜୁର ରହମନଙ୍କ ଦକ୍ଷତା ଦୁଇଗୁଣ ବୃଦ୍ଧିପାଉଛି। ମିଡିଲ ଅର୍ଡରରେ ମୁସ୍ତାଫିଜୁରଙ୍କ ସହ ମେହେଦୀ ହାସନ ପ୍ରଭାବଶାଳୀ ହେବେ। ଏହି ସବୁ ସମସ୍ୟା ଭାରତ ଆଗରେ ପ୍ରତିବନ୍ଧକ ହୋଇ ଛିଡ଼ା ହୋଇପାରେ।

### ● ଦ୍ୱିତୀୟ ବିଜୟ ଆଶାରେ ବାଂଲାଦେଶ

ଭାରତ ଓ ବାଂଲାଦେଶ ମଧ୍ୟରେ ଏଯାଏ ୧୭ଟି ଟି-୨୦ ମ୍ୟାଚ୍ ଖେଳାଯାଇଛି। ଏହା ମଧ୍ୟରୁ ୧୬ଟି ମ୍ୟାଚ୍‌ରେ ଭାରତ ଓ ମାତ୍ର ଗୋଟିଏ ମ୍ୟାଚ୍‌ରେ ବାଂଲାଦେଶ ଜିତିଛି। ବାଂଲାଦେଶ ଏଠାରେ ଭାରତ ବିପକ୍ଷରେ ଦ୍ୱିତୀୟ ବିଜୟ ହାସଲର ଆଶା ରଖିଛି। କିନ୍ତୁ ଏଥିଲାଗି ବାଂଲାଦେଶକୁ ସ୍ମାର୍ଟ କ୍ରିକେଟ ଖେଳିବାକୁ ହେବ। ଭାରତ ନିକଟରେ ଯେଉଁଭଳି ଖେଳାଳି ଅଛନ୍ତି ଓ ଫର୍ମରେ ରହିଛନ୍ତି, ଏହି ମ୍ୟାଚ୍ ଜିତିବାକୁ ଆଶା କରିବା ବାଂଲାଦେଶ ଲାଗି ଦିବାସ୍ୱପ୍ନ ହୋଇପାରେ। ପାକିସ୍ତାନକୁ ହରାଇଥିବା ଭାରତୀୟ ଦଳ ଅପରିବର୍ତ୍ତିତ ରହିବାର ସମ୍ଭାବନା ରହିଛି।

DP WORLD ASIA CUP 2025

**ଆଜିର ମ୍ୟାଚ୍**

| ଭାରତ-ବାଂଲାଦେଶ |
|---|
| ଭେନ୍ୟୁ : ଦୁବାଇ |
| ଖେଳ ଆରମ୍ଭ : ରାତି ୮ଟା |
| ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ |

## ଶ୍ରୀଲଙ୍କାକୁ ହରାଇ ତିଷ୍ଠି ରହିଲା ପାକିସ୍ତାନ

ଆବୁଧାବି,୨୩।୯ (ଏଜେନ୍ସି): ଅଲରାଉଣ୍ଡର ହୁସେନ ତଲତ ଓ ମହମ୍ମଦ୍ ନୱାଜଙ୍କ ଦାୟିତ୍ୱପୂର୍ଣ୍ଣ ବ୍ୟାଟିଂ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ଏସିଆ କପ୍ ସୁପର-୪'ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ପାକିସ୍ତାନ ୫ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରି ଫାଇନାଲ ଦୌଡ଼ରେ ତିଷ୍ଠି ରହିଛି। ଏହି ମ୍ୟାଚ୍‌ରେ ସାହିନ ଆଫ୍ରିଦୀ ୩ଟି, ତଲତ ଓ ହାରିସ୍ ରୌଫ୍ ୨ଟି ଲେଖାଏଁ ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୮ ୱିକେଟରେ ୧୩୩ ରନ୍ କରିଥିଲା। ଜବାବରେ ପାକିସ୍ତାନ ମଧ୍ୟ ଅନୁରୂପ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୧.୧ ଓଭର ବେଳକୁ ୮୦ ରନ୍‌ରେ ୫ ୱିକେଟ ହରାଇଥିଲା। ଏହି ସମୟରେ ତଲତ ଓ ନୱାଜ୍ ଅବିଭକ୍ତ ୬ଷ୍ଠ ୱିକେଟ ଯୋଡିରେ ୪୧ ବଲ୍‌ରୁ ୫୮ ରନ୍ ଉଠାଇବା ଫଳରେ ପାକିସ୍ତାନ ୨ ଓଭର ବା ୧୨ଟି ବଲ ବାକିଥାଇ ମ୍ୟାଚ୍ ଜିତିନେଇଥିଲା। ଧୈର୍ଯ୍ୟର ସହ ବ୍ୟାଟିଂ କରିଥିବା ତଲତ ୩୦ ବଲ୍‌ରୁ ୩୨ ଓ ନୱାଜ ୨୪ବଲ୍‌ରୁ ୩ଟି ଲେଖାଏଁ ଚୌକା ଓ ଛକା ସହ ୩୮ ରନ୍‌ରେ ଅପରାଜିତ ରହିଥିଲେ। ଶ୍ରୀଲଙ୍କାର ଦୁଇ ସ୍ପିନର ମାହୀଶ ଥିକସାନା ଓ ୱାନିନ୍ଦୁ ହାସରଙ୍ଗା ୨ଟି ଲେଖାଏଁ ୱିକେଟ ନେଇଥିଲେ। ସୁପର-୪'ରେ ଉଭୟ ପାକିସ୍ତାନ ଓ ଶ୍ରୀଲଙ୍କା ୨ଟି ଲେଖାଏଁ ମ୍ୟାଚ୍ ଖେଳିଛନ୍ତି। ପାକିସ୍ତାନ ବିଜୟ ସହ ତିଷ୍ଠି ରହିଥିଲାବେଳେ ଶ୍ରୀଲଙ୍କା ଅନ୍ୟ ଦଳ ଗୁଡିକର ପ୍ରଦର୍ଶନ ଉପରେ ଫାଇନାଲ ପ୍ରବେଶ ନିର୍ଭର କରୁଛି। ଏଥିଲାଗି ପାକିସ୍ତାନ ଓ ଭାରତ ସେମାନଙ୍କ ଶେଷ ଲିଗ୍ ମ୍ୟାଚ୍‌ରେ ପରାଜିତ ହେବାକୁ ପଡ଼ିବ।

# ଅର୍ଜୁନ ପୁରସ୍କାର ବିଜେତା ବିଜୟଙ୍କ ପରଲୋକ



ବ୍ରହ୍ମପୁର,୨୩।୯ (ସମିସ): ସୁନାମଧନ୍ୟ ଭାରୋତ୍ତୋଳକ ତଥା ଅର୍ଜୁନ ପୁରସ୍କାର ବିଜେତା ବିଜୟ କୁମାର ଶତପଥୀଙ୍କର ସୋମବାର ରାତିରେ ପରଲୋକ ଘଟିଛି। ସେ ୭୩ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଭାରତକୁ ପ୍ରତିନିଧିତ୍ୱ କରି ବହୁ ପଦକ ବିଜୟୀ ହୋଇଥିଲେ। ସ୍ୱର୍ଗତ ଶତପଥୀ ୨୦୨୪ରୁ ପକ୍ଷାଘାତ ରୋଗର ଶିକାର ହୋଇ ଶଯ୍ୟାଶାୟୀ ଥିଲେ। ଅନ୍ତିମ ଶଯ୍ୟା ନିକଟରେ ପତ୍ନୀ କରିସ୍ମା ଶତପଥୀ, ଦୁଇପୁତ୍ର ଜଗନ୍ନାଥ ଓ ସୋମନାଥଙ୍କ ମେତ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ନୀଳକଣ୍ଠେଶ୍ୱର ଶ୍ମଶାନରେ ତାଙ୍କର ଆଜି ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶତପଥୀଙ୍କ ବିୟୋଗରେ ରାଜ୍ୟପାଳ ଡ. ହରିବାବୁ କୁମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଅର୍ଜୁନ ପୁରସ୍କାର ବିଜେତା କେ. ରବି କୁମାରଙ୍କ ସମେତ ବହୁ କ୍ରୀଡ଼ାବିତ୍ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ରାଜ୍ୟ ଭାରୋତ୍ତୋଳନ ମହାସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ଉପସଭାପତି ହରିପ୍ରସାଦ ପଟ୍ଟନାୟକ, ଅନ୍ତରୀଣ ସମ୍ପାଦକ ଗୋପାଳକୃଷ୍ଣ ଦାସ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

ବିଜୟ ୧୯୮୧ରେ ଅନୁଷ୍ଠିତ ମିନି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ, ୧୯୮୨ରେ ଇଂଲଣ୍ଡ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, ଏସିଆନ୍ ଚାମ୍ପିଅନ୍‌ସିପରେ ଦୁଇଟି କାଂସ୍ୟ, ୧୯୮୨ରେ ପେଶାୱରଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ଜିତିଥିଲେ। ଏଥିସହ ୧୯୭୭ରୁ ୧୯୮୨ ମସିହା ପର୍ଯ୍ୟନ୍ତ କ୍ରମାଗତ ଭାବେ ଜାତୀୟସ୍ତରରେ ବରିଷ୍ଠ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତି ରେକର୍ଡ କରିଥିଲେ। କ୍ରୀଡ଼ାରେ ଅଭୂତପୂର୍ବ ସଫଳତା ଲାଗି ୧୯୮୨ ମସିହାରେ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ 'ଅର୍ଜୁନ ପୁରସ୍କାର'ରେ ସମ୍ମାନିତ କରାଯାଇଥିଲା। ସେହିପରି ଗତ ଅଗଷ୍ଟ ୨୯ରେ ବିଜୟଙ୍କୁ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ମଧ୍ୟ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟସ୍ତରରୁ ଭାରୋତ୍ତୋଳନ ଆରମ୍ଭ କରିଥିବା ବିଜୟ ୧୯୭୪ରେ ଭାରତୀୟ ନୌସେନାରେ ଭର୍ତ୍ତି ହୋଇଥିଲେ। ପରବର୍ତ୍ତୀ ସମୟରେ ରେଳ ବିଭାଗରେ ନିଯୁକ୍ତି ପାଇ ୨୦୦୯ରେ ସେ ସ୍ୱେଚ୍ଛାକୃତ ଅବସର ନେଇଥିଲେ।


ଓଡ଼ିଶା ପ୍ରୋ ଟି-୨୦ ଲିଗ୍

# କଟକକୁ ସେମିରେ ପହଞ୍ଚାଇଲେ ବିପ୍ଳବ

କଟକ,୨୩।୯ (ସମିସ): ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ପ୍ରଥମ ଦଳ ଭାବେ କଟକ ପାନ୍ଥର୍ସ ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ନିଜର ଶେଷ ଲିଗ୍‌ରେ ପାନ୍ଥର୍ସ ୫ ୱିକେଟରେ କେନ୍ଦୁଝର ମାଇନର୍ସଙ୍କୁ ହରାଇଥିଲା। ୫ଟି ମ୍ୟାଚ୍‌ରୁ ୩ଟି ବିଜୟ ଏବଂ ଗୋଟିଏ ଲେଖାଏ ପରାଜୟ ଓ ଅମୀମାଂସିତ ଫଳାଫଳ ବଳରେ ପାନ୍ଥର୍ସ ୧୪ ପଏଣ୍ଟ ପାଇ ଟେବଲର ଶୀର୍ଷରେ ରହିଛି। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କେନ୍ଦୁଝର ପ୍ରତିପକ୍ଷ ଅଭିଜ୍ଞ ଅଲ୍‌ରାଉଣ୍ଡର ବିପ୍ଳବ ସାମନ୍ତରାୟଙ୍କ ବୋଲିଂକୁ ସାମ୍ନା କରି ନ ପାରି ୨୦ ଓଭରରେ ମାତ୍ର ୧୨୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟକ ଗୋବିନ୍ଦ ପୋଦ୍ଦାର ୧୩, ଓମ ଟି ମୁଣ୍ଡେ ୨୮, ଅନୀଲ ପରିଡ଼ା ୩୬ ରନ ସଂଗ୍ରହ କରିଥିଲେ। ବିପ୍ଳବ ୪ ଓଭରରେ ୧୮ ରନ ବ୍ୟୟରେ ୫ଟି ୱିକେଟ ନେଇ କେନ୍ଦୁଝରକୁ ବ୍ୟାକ୍‌ଫୁଟକୁ ଠେଲିଦେଇଥିଲେ। ଜବାବରେ କଟକ ପାନ୍ଥର୍ସ ୨୬ ରନରେ ପ୍ରଥମ ତିନି ୱିକେଟ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ବିପ୍ଳବ ୩୪ ବଲରୁ ୪୩ ରନ ଏବଂ ସୌରଭ ଗୌଡ଼ ୩୯ ବଲରୁ ୫୬ ରନର ପାଳି ଖେଳି ଦଳକୁ ୯ ବଲ୍ ଓ ୫ ୱିକେଟ ବଳକା ଥାଇ ବିଜୟୀ କରାଇଥିଲେ। ମାଇନର୍ସ ପକ୍ଷରୁ ବାମହାତୀ ସ୍ପିନର ପପୁ ରାୟଙ୍କୁ ୩ଟି ୱିକେଟ ମିଳିଥିଲା। ବ୍ୟାଟିଂ ଓ ବୋଲିଂରେ ପ୍ରଦର୍ଶନ କରିଥିବା ବିପ୍ଳବଙ୍କୁ 'ପ୍ଲେୟାର ଅଫ ଦି ମ୍ୟାଚ୍' ବିବେଚିତ କରାଯାଇଛି। ସେହିଭଳି ଭୁବନେଶ୍ୱର ଟାଇଗର୍ସ ଓ ପୁରୀ ଟାଇଟାନ୍ସ ମଧ୍ୟରେ ଖେଳାଯିବାକୁ ଥିବା ଅନ୍ୟ ଏକ ମ୍ୟାଚ୍ ପ୍ରବଳ ବର୍ଷା ଲାଗି ବାତିଲ କରିଦିଆଯାଇଥିଲା।




# କିଂବଦନ୍ତୀ ଅମ୍ପାୟାର ଡିକି ବାର୍ଡଙ୍କ ବିୟୋଗ



ଲଣ୍ଡନ,୨୩।୯ (ସମିସ): ବିଶ୍ୱର ସର୍ବଶ୍ରେଷ୍ଠ କ୍ରିକେଟ ଅମ୍ପାୟାର ଭାବେ ବିବେଚିତ ହେଉଥିବା ଇଂଲଣ୍ଡର ହାରୋଲ୍ଡ 'ଡିକି' ବାର୍ଡଙ୍କର ୯୨ ବର୍ଷରେ ପରଲୋକ ହୋଇଯାଇଛି। ୧୯୭୩ରୁ ୧୯୯୬ ମଧ୍ୟରେ ସେ ୬୬ଟି ଟେଷ୍ଟ ଓ ୬୯ଟି ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଅମ୍ପାୟାର ଦାୟିତ୍ୱ ନିଭାଇଥିଲେ। ସେ ବିଶ୍ୱର ଏକମାତ୍ର ଅମ୍ପାୟାର ଭାବେ ୩ଟି ଦିନିକିଆ ବିଶ୍ୱକପ୍ ଫାଇନାଲରେ ଅମ୍ପାୟାର ରହିଥିଲେ। ୧୯୮୩ରେ କପିଳ ଦେବଙ୍କ ନେତୃତ୍ୱରେ ଭାରତ ବିଶ୍ୱ ଚାମ୍ପିଅନ ହୋଇଥିଲାବେଳେ ବାର୍ଡ ଏହି ଫାଇନାଲରେ ଅମ୍ପାୟରିଂ କରିଥିଲେ। ୧୯୯୬ରେ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ସେ ତାଙ୍କର ଅନ୍ତିମ ଟେଷ୍ଟ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚ୍‌ରେ ଭାରତର ଦୁଇ ମହାନ ଖେଳାଳି ସୌରଭ ଗାଙ୍ଗୁଲି ଓ ରାହୁଲ ଦ୍ରାବିଡ୍ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ।

## ଆମେରିକାକୁ ବାସନ୍ଦ କଲା ଆଇସିସି

ଦୁବାଇ,୨୩।୯ (ଏଜେନ୍ସି): କ୍ରିକେଟ ପ୍ରଶାସନରେ ସ୍ୱଚ୍ଛତା ଓ ପରିବର୍ତ୍ତନ ଲାଗି ଆମେରିକା କ୍ରିକେଟ ସଂଘକୁ ବିଧିବଦ୍ଧ ଭାବେ ଆଇସିସି ବାସନ୍ଦ କରିଛି। କ୍ରିକେଟ ଖେଳ ଲାଗି ଆମେରିକା ଏକ ବଡ଼ ବଜାର। ଏହାକୁ ଗୁରୁତ୍ୱ ଦେବା ଲାଗି ଆଇସିସି ଏପରି ନିଷ୍ପତ୍ତି ନେଇଛି। ଆମେରିକା ସଂଘ ବାସନ୍ଦ ହେବା ସତ୍ତ୍ୱେ ଏହାର କ୍ରିକେଟ ଟିମ୍ ଭାରତ ଓ ଶ୍ରୀଲଙ୍କାରେ ଆସନ୍ତାବର୍ଷ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବ ବୋଲି ଆଇସିସି ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଆଜି ହକି ଇଣ୍ଡିଆ ଲିଗ୍ ନିଲାମ

ନୂଆଦିଲ୍ଲୀ, ୨୩।୯ (ଏଜେନ୍ସି): ହକି ଇଣ୍ଡିଆର ଆଉ ଏକ ସଂସ୍କରଣ ଲାଗି ଆସନ୍ତାକାଲି ମିନି ନିଲାମି କରାଯିବ। ଏହି ସଂସ୍କରଣରେ ଯେଉଁ ଦଳର ପର୍ସ ଥିବ ଓ ଖେଳାଳି ପୋଜିସନ ଫାଙ୍କା ଥିବ କେବଳ ସେହି ଦଳକୁ ନିଲାମିରେ ଭାଗ ନେବାକୁ ସୁଯୋଗ ମିଳିବ। ମୋଟରେ ୧୦୦ ଜଣ ଖେଳାଳି ଏଥିରେ ଭାଗନେବେ। ଏହି ନିଲାମିରେ ଖେଳାଳିଙ୍କ ମୂଲ୍ୟ ୩ଟି ପର୍ଯ୍ୟାୟରେ ଧାର୍ଯ୍ୟ କରାଯାଇଛି। ଗୋଟିଏ ଦଳର ସାଲାରି କ୍ୟାପ୍ ୪ କୋଟି ଟଙ୍କାକୁ ବଢ଼ାଇ ଦିଆଯାଇଛି। କିନ୍ତୁ ଗୋଟିଏ ଦଳରେ ୨ ଗୋଲରକ୍ଷକ, ୭ ଜଣ ବିଦେଶୀ ଓ ୩ଜଣ ଭାରତୀୟ ଜୁନିୟରଙ୍କ ସମେତ ୨୦ଜଣ ଖେଳାଳି ରହିପାରିବେ। ଖେଳାଳିଙ୍କ ବେସ୍ ପ୍ରାଇସ୍ ୨, ୫ ଓ ୧୦ ଲକ୍ଷ ରଖାଯାଇଛି। ଓଡ଼ିଶାର ୨ଟି ଟିମ୍ ଯଥା ମହିଳା ଚାମ୍ପିଅନ ଓଡ଼ିଶା ୱାରିୟର୍ସ ଓ ଟିମ୍ ଗୋନାସିକା ଏଥର ଓହରିଯାଇଛନ୍ତି।

ବାଲନ୍ ଡି ଓର୍

# ବୋନମତିଙ୍କ ହ୍ୟାଟ୍ରିକ୍; ଡେମ୍ବେଲଙ୍କ ବାଜିମାତ୍

ପ୍ୟାରିସ, ୨୩।୯ (ଏଜେନ୍ସି)



ବିଶ୍ୱ ଫୁଟ୍‌ବଲର ସବୁଠୁ ସମ୍ମାନଜନକ ଓ ଶ୍ରେଷ୍ଠ ପୁରସ୍କାର 'ବାଲନ୍ ଡି ଓର୍' ଟ୍ରଫି ଏଥର ଫ୍ରାନ୍ସ ଫରୱାର୍ଡ ଓଉସମାନେ ଡେମ୍ବେଲେ ବାଜିମାତ୍ କରିନେଇଛନ୍ତି। ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ଗତକାଲି ରାତିରେ ଅନୁଷ୍ଠିତ ୬୯ତମ ବାଲନ ଡି ଓର୍' ପୁରସ୍କାର ପ୍ରଦାନ ଉତ୍ସବରେ ୨୮ ବର୍ଷୀୟ ଡେମ୍ବେଲ ପୁରୁଷ ବିଭାଗରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସ୍ପେନ ତଥା ବାର୍ସିଲୋନାର ୧୮ ବର୍ଷୀୟ ଯୁବ ଖେଳାଳି ଲାମିନେ ୟାମାଲଙ୍କୁ ପଛରେ ପକାଇ ସେ ଏହି ସୁନାର ବଲ୍ ହାତେଇ ନେଇଛନ୍ତି। ଫଳରେ ଫ୍ରାନ୍ସର ୬ଷ୍ଠ ପୁରୁଷ ଫୁଟ୍‌ବଲ ଖେଳାଳି ଭାବେ ଡେମ୍ବେଲ ବାଲନ୍ ଡି ଓର୍ ପୁରସ୍କାର ଜିତିଛନ୍ତି। ଗତ ସିଜନରେ ପାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି) କ୍ଲବକୁ ପ୍ରଥମଥର ଲାଗି ଚାମ୍ପିଅନ୍ସ ଲିଗ୍ ଜିତାଇବାରେ ଡେମ୍ବେଲଙ୍କ ଭୂମିକା ଉଲ୍ଲେଖନୀୟ ରହିଥିଲା। ପିଏସ୍‌ଜି ପାଇଁ ସେ ୩୫ଟି ଗୋଲ୍ ଦେଇ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ୨୦୨୪ରେ ସ୍ପେନ ତଥା ମାଞ୍ଚେଷ୍ଟରର ମିଡ୍‌ଫିଲ୍ଡର ରୋଡ୍ରି ପୁରୁଷ ବିଭାଗରେ ବାଲନ୍ ଡି ଓର୍ ଟ୍ରଫି ବିଜୟୀ ହୋଇଥିଲେ।

### ■ ବୋନମତିଙ୍କୁ ରେକର୍ଡ ୩ୟ ପୁରସ୍କାର

ଅପରପକ୍ଷରେ ସ୍ପେନ ତଥା ବାର୍ସିଲୋନା କ୍ଲବର ମିଡ୍‌ଫିଲ୍ଡର ଆଇତାନା ବୋନମତି ମହିଳା ବିଭାଗରେ ବାଲନ୍ ଡି ଓର୍ ପୁରସ୍କାର ବିଜୟୀ ହୋଇଛନ୍ତି। ଫଳରେ ୨୭ ବର୍ଷୀୟା ବୋନମାତି କ୍ରମାଗତ ୩ୟଥର ଲାଗି ଏହି ସମ୍ମାନଜନକ ପୁରସ୍କାର ଜିତି ରେକର୍ଡ କରିଛନ୍ତି। ଏଥିସହ ଲିଓନେଲ ମେସି ଓ ମାଇକେଲ ପ୍ଲାଟିନିଙ୍କ ସହିତ ବୋନମାତି ହ୍ୟାଟ୍ରିକ ବାଲନ୍ ଡି ଓର୍ ପୁରସ୍କାର ଜିତିଥିବା ଖେଳାଳିଙ୍କ ଏଲିଟ୍ କ୍ଲବରେ ସାମିଲ ହୋଇଛନ୍ତି। ୨୦୨୫ରେ ସ୍ପେନକୁ ୟୁରୋ କପ୍ ଫାଇନାଲରେ ପହଞ୍ଚାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### ■ ପିଏସ୍‌ଜି ଶ୍ରେଷ୍ଠ କ୍ଲବ୍; ଲୁଇସ୍ ପ୍ରଶିକ୍ଷକ

ଫ୍ରାନ୍ସର ପାରିସ ସେଣ୍ଟ-ଜର୍ମେନ (ପିଏସ୍‌ଜି) କ୍ଲବ ଏଥର ଶ୍ରେଷ୍ଠ ପୁରୁଷ କ୍ଲବ ବିବେଚିତ ହୋଇଛି। ପିଏସ୍‌ଜି ପାଇଁ ଗତ ସିଜନ ଐତିହାସିକ ରହିଥିଲା। ଏହି କ୍ଲବ ପ୍ରଥମଥର ଲାଗି ୟୁଫା ଚାମ୍ପିଅନ୍ସ ଲିଗ୍ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଥିଲା। ସେହିଭଳି ଫ୍ରେଞ୍ଚ ଲିଗ୍ ଓ କପ୍ ଉଭୟରେ ପିଏସ୍‌ଜି ବାଜିମାତ୍ କରିନେଇଥିଲା। ସେହିଭଳି ଆର୍ସେନାଲ ମହିଳା ବିଭାଗରେ ବର୍ଷର ଶ୍ରେଷ୍ଠ କ୍ଲବ ବିବେଚିତ ହୋଇଛି।

ଅପରପକ୍ଷରେ ପିଏସ୍‌ଜିର ମୁଖ୍ୟ ପ୍ରଶିକ୍ଷକ ଲୁଇସ ଏନରିକ୍ ବର୍ଷର ଶ୍ରେଷ୍ଠ ପୁରୁଷ କୋଚ୍ ଏବଂ ଇଂଲଣ୍ଡ ମହିଳା ଫୁଟ୍‌ବଲ ଦଳର ସାରିନା ୱିଗେମାନ ଶ୍ରେଷ୍ଠ ମହିଳା ଫୁଟ୍‌ବଲ କୋଚ୍ ହୋଇଛନ୍ତି। ଉଭୟ ପୁରସ୍କାର ଆକାରରେ ଜନ୍ କପ୍ ଟ୍ରଫି ଜିତିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS